# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଜୁନ୍ ୨୧/୨୦୧୯ (୧୬ ପୃଷ୍ଠା) Dhenkanal, Friday, June 21 / 2019 ★★★★★

୧୫୩ ଭାଗ ୧୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





ଶ୍ରୀ ଇ.ଏସ୍.ଏଲ୍. ନରସିଂହନ୍
ମାନ୍ୟବର ରାଜ୍ୟପାଳ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ



ଶ୍ରୀ ଦେବେନ୍ଦ୍ର ଫଡନବିସ୍
ମାନ୍ୟବର ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର




ଶ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଆନ୍ଧ୍ରପ୍ରଦେଶ

## ବିଶ୍ୱର ସର୍ବବୃହତ୍ ବହୁ-ସ୍ତରୀୟ, ବହୁ-ଉଦ୍ଦେଶୀୟ ଉଠା ଜଳସଚେନ ଯୋଜନା
## ଭାରତର ଗର୍ବ ଏବଂ ତେଲେଙ୍ଗାନା ପାଇଁ ବରଦାନ

# କାଲେଶ୍ୱରମ୍

## ମଲ୍ଟି-ପର୍ପୋଜ୍ ଲିଫ୍ଟ ଇରିଗେଶନ୍ ପ୍ରୋଜେକ୍ଟ

ଆନ୍ତଃରାଜ୍ୟ ବିବାଦକୁ ସୌହାର୍ଦ୍ଦ୍ୟର ସହିତ ସମାଧାନ କରି, ସମସ୍ତ ଅନୁମତି ଓ ମଞ୍ଜୁରୀ ହାସଲ କରି, ସମସ୍ତ ବାଧାବିଘ୍ନକୁ କୁଶଳତାର ସହ ପରାସ୍ତ କରି, ମାତ୍ର ତିନିବର୍ଷର ସଂକ୍ଷିପ୍ତ ଅବଧିରେ, ତେଲେଙ୍ଗାନା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ବହୁ ପର୍ଯ୍ୟାୟବିଶିଷ୍ଟ, ବହୁ ଉଦ୍ଦେଶୀୟ ପ୍ରକଳ୍ପ
**କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ସ୍କିମ୍‌କୁ ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଉଛି।**



ଗୋଟିଏ ବର୍ଷରେ 45 ଲକ୍ଷ ଏକରରେ ଦୁଇଟି ଫସଲ ପାଇଁ ଜଳ ଯୋଗାଣ

ପ୍ରତ୍ୟେକ ଘରକୁ ଦୈନିକ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ "ମିଶନ୍ ଭଗୀରଥ" ମାଧ୍ୟମରେ 40 ଟିଏମ୍‌ସି ଜଳ

ବୃହତ ହାଇଦ୍ରାବାଦ ସହରରେ ଦୈନିକ ଏକ କୋଟି ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇଦିଆଯିବ

ଔଦ୍ୟୋଗିକ ଉପଯୋଗ ପାଇଁ ରାଜ୍ୟରେ ଥିବା ସହସ୍ରାଧିକ ଶିଳ୍ପସଂସ୍ଥାକୁ 16 ଟିଏମ୍‌ସି ଜଳ ଯୋଗାଣ

ଜଳବିଦ୍ୟୁତ୍ ଉତ୍ପାଦନର ସୁଯୋଗ

## କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ସ୍କିମ୍ ଯୋଡ଼ିଛି କରିଛି ଦେଶର ଜଳସେଚନ ଇତିହାସରେ ନୂଆ ତଥା ସଦ୍ୟତମ ରେକର୍ଡର ଅଧ୍ୟାୟ

- 139 ମେଗାୱାଟ୍‌ର ସର୍ବାଧିକ କ୍ଷମତାବିଶିଷ୍ଟ ପମ୍ପର ଉପଯୋଗ, ଯାହା ପୃଥିବୀରେ ଅନ୍ୟ କେଉଁଠି ବ୍ୟବହୃତ ହୋଇନାହିଁ
- 203 କିଲୋମିଟର ବ୍ୟାପୀ ବିଶ୍ୱର ସବୁଠାରୁ ଲମ୍ବା ସୁଡ଼ଙ୍ଗ
- କାଲେଶ୍ୱରମ୍ ହେଉଛି ବିଶ୍ୱର ଏକମାତ୍ର ପ୍ରକଳ୍ପ, ଯାହା ପ୍ରତିଦିନ 2 ଟିଏମ୍‌ସି ଜଳ ଉଠାଇପାରିବ। ଆସନ୍ତା ବର୍ଷଠାରୁ 3 ଟିମ୍‌ସି ଜଳ ଉଠାଇବାର ପ୍ରୟାସ କରାଯାଉଛି
- ଏହା ହେଉଛି ବିଶ୍ୱର ଏକମାତ୍ର ପ୍ରକଳ୍ପ, ଯାହା 45 ଲକ୍ଷ ଏକର କୃଷିଜମି, ଶହ ଶହ ଶିଳ୍ପସଂସ୍ଥା ଏବଂ ସହସ୍ରାଧିକ ଗ୍ରାମର ପାନୀୟ ଜଳ ଆବଶ୍ୟକତାକୁ ପୂରଣ କରୁଛି
- ଏପରି ମଧ୍ୟ ପ୍ରଥମ ଥର ପାଇଁ ହେଉଛି ଯେ, କୃଷିଜମିରେ ଜଳ ଯୋଗାଣ ନିମନ୍ତେ ଗୋଦାବରୀ ନଦୀର ଜଳକୁ 92 ମିଟର ଉଚ୍ଚତାରୁ ପର୍ଯ୍ୟାୟକ୍ରମେ ଉଠାଯାଇ ତାହାକୁ 618 ମିଟର ଉଚ୍ଚତା ପର୍ଯ୍ୟନ୍ତ ନିଆଯାଉଛି



ଏହା ପ୍ରକୃତରେ ତେଲେଙ୍ଗାନାବାସୀଙ୍କ ପାଇଁ ଏକ ପବିତ୍ର ଦିବସ,
ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ**
ସ୍ୱପ୍ନ ସାକାର ହୋଇଛି ଏବଂ ବହୁ ଉଦ୍ଦେଶୀୟ କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ପ୍ରୋଜେକ୍ଟ ଆଜି ଉଦ୍‌ଘାଟିତ ହେବାକୁ ଯାଉଛି। ବିଶ୍ୱର ସର୍ବବୃହତ୍ ବହୁ ସ୍ତରୀୟ, ବହୁ ଉଦ୍ଦେଶୀୟ ଉଠା ଜଳସେଚନ ଯୋଜନା କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ପ୍ରକଳ୍ପର ନିର୍ମାଣ ହେଉଛି ଭାରତ ପାଇଁ ଏକ ସମ୍ମାନ ଓ ଗର୍ବର ମୁହୂର୍ତ୍ତ ।

**ଶ୍ରୀ ଇ.ଏସ୍.ଏଲ୍. ନରସିଂହନ୍**
ମାନ୍ୟବର ରାଜ୍ୟପାଳ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ

**ଶ୍ରୀ ଦେବେନ୍ଦ୍ର ଫାଡନଭିସ୍**
ମାନ୍ୟବର ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର

**ଶ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଆନ୍ଧ୍ରପ୍ରଦେଶ

**ମୁଖ୍ୟ ଅତିଥି ଭାବେ ଯୋଗ ଦେବେ**

**ଶ୍ରୀ କେ. ଚନ୍ଦ୍ରଶେଖର ରାଓ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ତେଲେଙ୍ଗାନା

**କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ପ୍ରୋଜେକ୍ଟକୁ**
**ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ**

**ତାରିଖ: 21 ଜୁନ୍ 2019, ସମୟ: ପୂର୍ବାହ୍ନ 10.30 ଘଟିକା**
**ସ୍ଥାନ: ମେଡିଗଡ୍ଡା**
**ଜୟଶଙ୍କର ଭୁପାଲପାଲ୍ଲୀ ଜିଲ୍ଲା**

**92 ମିଟରରୁ 618 ମିଟରକୁ ସ୍ତର ଅନୁଯାୟୀ ଉଠା ଜଳସେଚନ ପ୍ରକ୍ରିୟା**

| କ୍ଷେତ୍ର | ଉଚ୍ଚତା (ମିଟର) | ଲିଫ୍ଟର ଉଚ୍ଚତା (ମିଟର) | ଜଳ ବ୍ୟବହାର ଟିଏମ୍‌ସିରେ |
|---|---|---|---|
| ମେଡିଗଡ୍ଡା | 92 | | 16.17 |
| ୟେଲ୍ଲାମପଲ୍ଲୀ | 148 | 56 | 75 |
| ମିଡ୍-ମାନେଆର | 318 | 170 | 25.873 |
| ଶ୍ରୀରାମ ସାଗର | 332.54 | 14.54 | 200 |
| ମାଲକପେଟ | 432.50 | 127.5 | 8.6 |
| ଅନନ୍ତଗିରି | 397 | 95 | 3 |
| ରଙ୍ଗାନାୟକ ସାଗର | 490 | 117 | 11 |
| ମାଲ୍ଲାନା ସାଗର | 557 | 103 | 108 |
| କୋଣ୍ଡା ପୋଚମ୍ମା ସାଗର | 618 | 120 | 29 |

କାରିକର୍ତ୍ତା: କମିଶନର, ସୂଚନା ଓ ଲୋକସମ୍ପର୍କ ବିଭାଗ, ତେଲେଙ୍ଗାନା ସରକାର

ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର, ୨୧ ଜୁନ୍ ,୨୦୧୯



୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ସମ୍ପୃକ୍ତ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ବିରୋଧରେ ଏସ୍ଆଇଟି ମାମଲାର ପୁନଃ ତଦନ୍ତ କରିବା ଉଚିତ।
-ସୁଖବୀର ସିଂ ବାଦଲ, ଅକାଳୀ ଦଳ ଅଧ୍ୟକ୍ଷ





ହରିୟାଣାର ଗୁରୁଗ୍ରାମ ନିକଟସ୍ଥ ମଣ୍ଡାୱର ଗାଁରେ ଗୁରୁବାର ସକାଳେ ବିଦ୍ୟୁତ୍ ତାରରେ ଏକ ଚିତାବାଘର ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି। ଚିତାବାଘଟି ଆରାବଳୀ ପାର୍ବତ୍ୟମାଳାରୁ ଶିକାର ଅନ୍ୱେଷଣରେ ଆସି ଲମ୍ଫ ମାରୁଥିବାବେଳେ ହାଇଭୋଲ୍ଟେଜ୍ ତାରରେ ଛନ୍ଦି ହୋଇଯାଇଥିବା ଅନୁମାନ କରାଯାଉଛି।

## ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

# ଏକକାଳୀନ ନିର୍ବାଚନ ସମୟର ଆବଶ୍ୟକତା

ନୂଆଦିଲ୍ଲୀ,୨୦।୬(ପି.ଟି.)

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଉଭୟ ଗୃହର ସଦସ୍ୟମାନଙ୍କ ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇ ଏକକାଳୀନ ନିର୍ବାଚନ ସମୟର ଆବଶ୍ୟକତା ବୋଲି କହିଛନ୍ତି। ଦେଶର ବିଭିନ୍ନ ଭାଗରେ ବାରମ୍ବାର ନିର୍ବାଚନ ଫଳରେ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବାରୁ ଏମ୍‌ପିମାନେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ପ୍ରସ୍ତାବ ଉପରେ ଗୁରୁତ୍ୱର ସହ ଚିନ୍ତା କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏକକାଳୀନ ନିର୍ବାଚନ ଲାଗି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିରେ ଅଧିକାଂଶ ଦଳର ନେତା ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ଏକସଙ୍ଗେ କରାଗଲେ ଦେଶର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଦେଶବାସୀଙ୍କ ହିତସାଧନ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଆତଙ୍କବାଦ ପ୍ରସଙ୍ଗରେ ସାରା ବିଶ୍ୱ ଭାରତ ପଛରେ ଛିଡ଼ାହୋଇଛି। ଜୈଶ୍-ଇ-ମହମ୍ମଦ(ଜେଇଏମ୍) ସଂଗଠନର ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯିବା ଏହାର ପ୍ରମାଣ ବୋଲି ରାଷ୍ଟ୍ରପତି କହିଛନ୍ତି। କେବଳ ଆତଙ୍କବାଦ ନୁହେଁ ଜଳବାୟୁ ପରିବର୍ତ୍ତନ, ଦୁର୍ନୀତି ଓ କଳାଧନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଶକ୍ତି ସୁରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ଭାରତକୁ ବିଶ୍ୱ ସମୁଦାୟର ସମର୍ଥନ ମିଳିଥିବା ରାଷ୍ଟ୍ରପତି ସୂଚନା ଦେଇଛନ୍ତି।

ନରେନ୍ଦ୍ର ମୋଦି ସରକାର କଳାଧନ ବିରୋଧରେ ଅଭିଯାନକୁ ଦ୍ରୁତତର କରିଛନ୍ତି ଏବଂ ଦୁର୍ନୀତିକୁ ଆଦୌ ବରଦାସ୍ତ ନ କରିବା ଲାଗି ଏକ ବିସ୍ତୃତ ତଥା ପ୍ରଭାବୀ ନୀତି ପ୍ରସ୍ତୁତ କରିଛନ୍ତି। 'ସର୍ବନିମ୍ନ ସରକାର-ସର୍ବାଧିକ ଶାସନ' ଲକ୍ଷ୍ୟକୁ ସରକାର ଅଧିକ ପ୍ରାଧାନ୍ୟ ଦେବେ ବୋଲି ରାଷ୍ଟ୍ରପତି କହିଛନ୍ତି। କଳାଧନ ବିରୋଧରେ ଲଢ଼େଇ ସ୍ୱରୂପ ଗତ ଦୁଇବର୍ଷରେ ୪ ଲକ୍ଷ ୨୫ ହଜାର କମ୍ପାନୀ ନିର୍ଦ୍ଦେଶକଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ସହ ସନ୍ଦେହଜନକ କାର୍ଯ୍ୟରେ ସମ୍ପୃକ୍ତ ଥିବା ୩ ଲକ୍ଷ ୫୦ ହଜାର କମ୍ପାନୀର ପଞ୍ଜୀକରଣକୁ ରଦ୍ଦ କରାଯାଇଛି। ଅର୍ଥନୈତିକ ଅପରାଧୀମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ସରକାର କଠୋର ଆଇନ ଆଣିଥିବା କୋବିନ୍ଦ କହିଛନ୍ତି।

ଜାତୀୟ ସୁରକ୍ଷାକୁ ନରେନ୍ଦ୍ର ମୋଦି ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ପୁଲ୍‌ୱାମା ଆକ୍ରମଣ ପରେ ଦେଶର ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯାଉଥିବା ରାଷ୍ଟ୍ରପତି ସୂଚନା ଦେଇଛନ୍ତି। ବେଆଇନ ଅନୁପ୍ରବେଶ ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ବଡ଼ ବିପଦ ସାଜିବା ସହ ଦେଶର ବିଭିନ୍ନ ଭାଗରେ ସାମାଜିକ ଅସନ୍ତୁଳନ ସ୍ଥିତି ସୃଷ୍ଟି କରୁଛି। ଭାରତୀୟ ସୈନ୍ୟବାହିନୀ ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଏୟାର ଷ୍ଟ୍ରାଇକ୍ ମାଧ୍ୟମରେ ସୀମା ଆରପଟେ ଥିବା ଆତଙ୍କବାଦୀମାନଙ୍କ ଆଡ୍ଡାସ୍ଥଳ ଧ୍ୱଂସ କରି ତାହାର ସାମର୍ଥ୍ୟ ପ୍ରତିପାଦନ କରିପାରିଛି।

ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଯୋଗାଯୋଗକୁ ମୋଦି ସରକାର ସ୍ୱତନ୍ତ୍ର ପ୍ରାଧାନ୍ୟ ଦେବା ସହ ସେହି ଅଞ୍ଚଳର ଜନସାଧାରଣଙ୍କ ଜୀବନ ଧାରଣକୁ ସହଜ କରିପାରିଛନ୍ତି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି। ଉତ୍ତରପୂର୍ବାଞ୍ଚଳରେ ସଡ଼କ ସଂଯୋଗ ବଢ଼ିବା ଫଳରେ ପର୍ଯ୍ୟଟନ, କୃଷି ଓ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ର ବେଶ୍ ଲାଭବାନ ହୋଇପାରିଛି। ଜମ୍ମୁ-କଶ୍ମୀରର ଜନସାଧାରଣଙ୍କ ପାଇଁ ନିରାପଦ ଓ ଶାନ୍ତିପୂର୍ଣ୍ଣ ବାତାବରଣ ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ସରକାର ସମସ୍ତ ଉଦ୍ୟମ ଜାରି ରଖିଥିବା ରାଷ୍ଟ୍ରପତି ସଂସଦର ମିଳିତ ଅଧିବେଶନକୁ ସୂଚାଇଛନ୍ତି। ଜମ୍ମୁ-କଶ୍ମୀରର ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

ଏହି ଅବସରରେ ଏମ୍‌ପିମାନଙ୍କୁ ଉପଦେଶ ଦେଇ ରାଷ୍ଟ୍ରପତି କହିଥିଲେ, ସେମାନେ ଜନପ୍ରତିନିଧି ଭାବେ ସେମାନଙ୍କ କର୍ତ୍ତବ୍ୟ ନିର୍ବାହ ଉପରେ ପ୍ରାଧାନ୍ୟ ଦେବା ଉଚିତ ଯାହା ଫଳରେ ଜନସାଧାରଣ ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହେବେ। ନୂତନ ଭାରତ ଗଠନ କାର୍ଯ୍ୟରେ ଏମ୍‌ପିମାନେ ସେମାନଙ୍କୁ ଉତ୍ସର୍ଗୀକୃତ କରିବା ସହ ଆଗାମୀ ୫ ବର୍ଷ ଲାଗି ସେମାନଙ୍କ କର୍ତ୍ତବ୍ୟ ଅତ୍ୟନ୍ତ ସଚ୍ଚୋଟତାର ସହ ନିର୍ବାହ କରିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ମୌଳିକ ମନ୍ତ୍ରକୁ ସର୍ବଦା ସ୍ମରଣ କରିବା ଲାଗି ସେ ଏମ୍‌ପିମାନଙ୍କୁ କହିଥିଲେ। ଆମର ପ୍ରତ୍ୟେକଟି ନିଷ୍ପତ୍ତି ସମାଜର ସବୁଠୁ ଗରିବ ଓ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଉପରେ କିଭଳି ପ୍ରଭାବ ପକାଇବ, ତାହାଦ୍ୱାରା ମାର୍ଗଦର୍ଶିତ ହେବା ଆବଶ୍ୟକ ବୋଲି ଗାନ୍ଧିଜୀ କହିଥିଲେ। ୨୦୧୪ରୁ ଆରମ୍ଭ ହୋଇଥିବା ମୋଦି ସରକାର ଏହାର ଅନବରତ ବିକାଶ ଯାତ୍ରାକୁ ଜାରି ରଖିଥିବାରୁ ଏଥର ନିର୍ବାଚନରେ ପୂର୍ଣ୍ଣ ବହୁମତ ହାସଲ କରିଛି। ରାଷ୍ଟ୍ରପତି ତାଙ୍କର ୧ ଘଣ୍ଟାର ଅଭିଭାଷଣରେ ଏନ୍‌ଡିଏ ସରକାରଙ୍କ ଗତ ୫ ବର୍ଷର ସଫଳତା ସମ୍ପର୍କରେ ସୂଚନା ଦେବା ସହ ଜାତୀୟ ସୁରକ୍ଷା ସରକାରଙ୍କ ସର୍ବାଧିକ ପ୍ରାଥମିକତା ବୋଲି କହିଥିଲେ।

ଚଳିତ ବର୍ଷ ରାଷ୍ଟ୍ରପତି ଦ୍ୱିତୀୟ ଥର ଲାଗି ପାର୍ଲାମେଣ୍ଟର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ରାଷ୍ଟ୍ରପତି ଭବନରୁ ନିଜ ଅଙ୍ଗରକ୍ଷୀମାନଙ୍କ ସୁରକ୍ଷା ବଳୟ ମଧ୍ୟରେ ରାଷ୍ଟ୍ରପତି ଆସି ସଂସଦ ଭବନରେ ପହଞ୍ଚିଥିଲେ। ପାର୍ଲାମେଣ୍ଟ ଭବନରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ସେଣ୍ଟ୍ରାଲ ହଲ୍ ମଧ୍ୟକୁ ପାଛୋଟି ନିଆଯାଇଥିଲା।

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରତିକ୍ରିୟା ରଖି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାକୁ ଫମ୍ପା ଓ ପ୍ରେରଣାବିହୀନ ବୋଲି କହିଛି। ଗଣମାଧ୍ୟମକୁ ସୂଚନା ଦେଇ ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା ଏବଂ ଲୋକସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣର ପୁନରାବୃତ୍ତି। ତାଙ୍କ ଅଭିଭାଷଣରେ ଜିଡିପି ହ୍ରାସ, ବେରୋଜଗାରୀ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥିବା ଶର୍ମା କହିଛନ୍ତି। ଦେଶର ବିବିଧତା କାରଣରୁ ଏକସଙ୍ଗେ ନିର୍ବାଚନ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।



ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ପାର୍ଲାମେଣ୍ଟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଅପେକ୍ଷା କରିଛନ୍ତି।



- ଜାତୀୟ ସୁରକ୍ଷାକୁ ସରକାରଙ୍କ ସର୍ବାଧିକ ପ୍ରାଧାନ୍ୟ
- ଆତଙ୍କବାଦ ପ୍ରସଙ୍ଗରେ ସାରା ବିଶ୍ୱ ଭାରତ ପଛରେ ଛିଡ଼ାହୋଇଛି
- କଳାଧନ ବିରୋଧରେ ଲଢ଼େଇକୁ ତ୍ୱରାନ୍ୱିତ କରାଯିବ
- କର୍ତ୍ତବ୍ୟ ସମ୍ପାଦନରେ ଏମ୍‌ପିମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୁଅନ୍ତୁ: ରାଷ୍ଟ୍ରପତି
- ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରଧାନମନ୍ତ୍ରୀଙ୍କ ବକ୍ତୃତାର ପୁନରାବୃତ୍ତି: କଂଗ୍ରେସ

## ମୋବାଇଲ ଦେଖୁଥିଲେ ରାହୁଲ

ନୂଆଦିଲ୍ଲୀ,୨୦।୬(ଆଇଏଏନ୍ଏସ୍)

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ପାର୍ଲାମେଣ୍ଟରେ ଉଭୟ ଗୃହକୁ ସମ୍ବୋଧିତ କରୁଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାକୁ ଆଦୌ ଗୁରୁତ୍ୱ ନ ଦେଇ ମୋବାଇଲ ଦେଖୁଥିଲେ। କେନ୍ଦ୍ରୀୟ ହଲ୍‌ରେ ରାଷ୍ଟ୍ରପତିଙ୍କ ଘଣ୍ଟିକିଆ ଅଭିଭାଷଣକୁ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁଣୁଥିବାବେଳେ ତାଙ୍କ ପାଖରେ ବସିଥିବା ରାହୁଲ ୨୦ ମିନିଟ ଧରି ମୋବାଇଲ ଦେଖୁଥିଲେ। ସୋନିଆ ତାଙ୍କୁ ଏପରି ନ କରିବାକୁ ତାଗିଦ କରିଥିଲେ ମଧ୍ୟ ରାହୁଲ ମାନି ନ ଥିଲେ। ରାହୁଲଙ୍କ ଏଭଳି କାର୍ଯ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।



## ଗୁଜରାଟ ହାଜତ ମୃତ୍ୟୁ ମାମଲା

# ସଞ୍ଜୀବ ଭଟ୍ଟଙ୍କୁ ଆଜୀବନ ଜେଲ

ଜାମ୍‌ନଗର,୨୦।୬



ନିଲମ୍ବିତ ଗୁଜରାଟ କ୍ୟାଡର୍ ଆଇପିଏସ୍ ଅଫିସର ତଥା ଗୁଜରାଟ ଦଙ୍ଗାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକା ନେଇ ପ୍ରଶ୍ନ ଉଠାଇଥିବା ସଞ୍ଜୀବ ଭଟ୍ଟଙ୍କୁ ୩୦ ବର୍ଷ ତଳର ଏକ ହାଜତ ମୃତ୍ୟୁ ମାମଲାରେ ଗୁରୁବାର ଆଜୀବନ କାରାଦଣ୍ଡାଦେଶ ମିଳିଛି। ସୁପ୍ରିମକୋର୍ଟ ପକ୍ଷରୁ ଭଟ୍ଟଙ୍କ ଆବେଦନ ଉପରେ ଅଧିକ ତର୍ଜମା କରିବାକୁ ସୁପ୍ରିମକୋର୍ଟ ମନା କରିବାର ସପ୍ତାହକ ପରେ ଜାମ୍‌ନଗର କୋର୍ଟ ଏଭଳି ରାୟ ଶୁଣାଇଛନ୍ତି। ପ୍ରକାଶଥାଉ କି, ୧୯୯୬ରୁ ଭଟ୍ଟ ଅନ୍ୟ ଏକ ମାମଲାରେ ହାଜତରେ ଅଛନ୍ତି।

୧୯୮୯ରେ ଭଟ୍ଟ ଜାମ୍‌ନଗର ଜିଲା ଏଏସ୍‌ପିଭାବେ ନିଯୁକ୍ତି ପାଇବା ପରେ ଏକ ଦଙ୍ଗା ମାମଲାରେ ୧୫୦ଜଣଙ୍କୁ ଅଟକ ରଖିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଭୁଦାସ ଭୈଶନାନିଙ୍କୁ ଗିରଫ କରାଯାଇଥିଲା, ଯିଏକି ହସ୍ପିଟାଲରେ ପ୍ରାଣ ହରାଇଥିଲେ। ଏହି ଘଟଣାକୁ ନେଇ ପ୍ରଭୁଦାସଙ୍କ ଭାଇ ପୋଲିସ ଅଧିକାରୀ ଭଟ୍ଟ ଓ ଅନ୍ୟ ୬ ପୋଲିସଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିଥିଲେ। ଅଟକ ରଖି ଭାଇଙ୍କୁ ଏମାନେ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ।

୨୦୦୨ ଗୋଧ୍ରା ଦଙ୍ଗା ପରେ ଭଟ୍ଟ ଭାଜପା ସରକାର ବିରୋଧରେ ମୁହଁଖୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସହଅଭିଯୁକ୍ତ ଭାବେ ଦର୍ଶାଇଥିଲେ। ତେବେ ତାଙ୍କର ଏହି ଦାବିକୁ ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଖାରଜ କରିଥିଲା।

## ଦଳିତ ନାଏବ ସରପଞ୍ଚଙ୍କୁ ପିଟି ହତ୍ୟା

**ନୂଆଦିଲ୍ଲୀ,୨୦।୬:** ଗୁଜରାଟର ସୌରାଷ୍ଟ୍ର ଅଞ୍ଚଳରେ ବୁଧବାର ଜଣେ ଦଳିତ ନାଏବ ସରପଞ୍ଚଙ୍କୁ ଉଚ୍ଚ ଜାତିର ଲୋକମାନେ ପିଟିପିଟି ହତ୍ୟା କରିଛନ୍ତି। ମାସକ ମଧ୍ୟରେ ଗୁଜରାଟରେ ଏହା ଏହି ଧରଣର ତୃତୀୟ ଘଟଣା। ମାଞ୍ଜି ସୋଲାଙ୍କି ବାଇକ୍‌ରେ ଯାଉଥିବାବେଳେ କ୍ଷତ୍ରିୟ ସମ୍ପ୍ରଦାୟର କେତେଜଣ ଲୋକ କାରରେ ଆସି ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ପୂର୍ବରୁ ସୋଲାଙ୍କି ତାଙ୍କ ପରିବାରର ସୁରକ୍ଷା ପାଇଁ ଅନୁରୋଧ କରିଥିଲେ ହେଁ ପୋଲିସ ଶୁଣି ନ ଥିଲା ବୋଲି ତାଙ୍କ ପୁଅ ତାଷାର କହିଛନ୍ତି। ସୋଲାଙ୍କିଙ୍କୁ ପୂର୍ବରୁ ୪ ଥର ଆକ୍ରମଣ ହୋଇଥିଲା।

## ୫୦୦ ଫୁଟ ତଳକୁ ଖସିଲା ବସ୍

# ୨୫ ଯାତ୍ରୀ ମୃତ, ୩୫ ଆହତ

ଶିମ୍‌ଲା,୨୦।୬

ହିମାଚଳ ପ୍ରଦେଶର କୁଲ୍ଲୁ ଜିଲାରେ ଏକ ଘରୋଇ ବସ୍ ୫୦୦ ଫୁଟ ତଳକୁ ଖସିପଡ଼ିବାରୁ ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୫ଜଣଙ୍କ ପ୍ରାଣହାନି ଘଟିଛି। ଅନ୍ୟ ୩୫ ଜଣ ଆହତ ହୋଇ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ବସ୍‌ରେ ପାଖାପାଖି ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ବଞ୍ଜାରା ସହରରୁ ଗଡ଼ଗୁସାନି ଅଞ୍ଚଳକୁ ଯାଉଥିବା ଏହି ବସ୍‌ଟି ପାର୍ବତ୍ୟାଞ୍ଚଳରେ ଭାରସାମ୍ୟ ହରାଇ ଏକ ଖାତରେ ଖସି ପଡ଼ିଥିଲା। ଏବେ ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। କୁଲ୍ଲୁ ଏସ୍‌ପି ଶାଳିନୀ ଅଗ୍ନିହୋତ୍ରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆବଶ୍ୟକଠାରୁ ଅଧିକ ଯାତ୍ରୀ ବସ୍‌ରେ ଯାତ୍ରା କରିବା ଓ ବୁଲାଣି ରାସ୍ତାରେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ଏଭଳି ଦୁର୍ଘଟଣା ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।



## ଇରାନ ଖସାଇଲା ଆମେରିକା ଡ୍ରୋନ୍

**ତେହେରାନ,୨୦।୬:** ଆମେରିକା ସହ ଆଣବିକ ଚୁକ୍ତିନାମା ରଦ୍ଦ ହେବା ପରେ ତେହେରାନ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଇରାନର ରିଭଲ୍ୟୁଶନାରି ଗାର୍ଡ (ଆଇଆର୍‌ଜି) ଗୁରୁବାର ଆମେରିକାର ଏକ ଡ୍ରୋନ୍‌କୁ ଗୁଳି କରି ଖସାଇ ଦେଇଛି। ଡ୍ରୋନ୍‌ଟି ଇରାନ ଆକାଶରେ ଉଡୁଥିବା ଆଇଆର୍‌ଜି କହୁଥିବାବେଳେ ଆମେରିକା ଏହାକୁ ଖଣ୍ଡନ କରିଛି। ଡ୍ରୋନ୍ ଅନ୍ତର୍ଜାତୀୟ ବାୟୁସୀମାରେ ହରମୁଜ୍ ପ୍ରଣାଳୀ ଉପରେ ଉଡୁଥିଲା ବୋଲି ଆମେରିକାର ଦୁଇଜଣ ଅଧିକାରୀ କହିଛନ୍ତି। ଗତ ସପ୍ତାହରେ ଆମେରିକାର ଏକ ଡ୍ରୋନ୍‌କୁ ଇରାନ କ୍ଷେପଣାସ୍ତ୍ର ମାଡ଼ କରି ଖସାଇଦେଇଥିବା ୱାଶିଂଟନ ଅଭିଯୋଗ କରିଥିଲା। ସେହିପରି ଓମାନ ଉପସାଗରରେ ଦୁଇଟି ତୈଳବାହୀ ଜାହାଜ ଉପରେ ଆକ୍ରମଣ ଲାଗି ଆମେରିକା ଇରାନକୁ ଦାୟୀ କରିଥିଲା। ଇରାନର ସଦ୍ୟ କାର୍ଯ୍ୟାନୁଷ୍ଠାନକୁ ଏକ ବଡ଼ ଭୁଲ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିନ୍ଦା କରିଛନ୍ତି।



ପଞ୍ଚମ ଅନ୍ତର୍ଜାତୀୟ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଯୋଗାଭ୍ୟାସ କରୁଛନ୍ତି ବିଶ୍ୱର ସବୁଠୁ ଗେଡ଼ି ମହିଳା ଜ୍ୟୋତି ଆମ୍‌ଗେ(୨୫) ଓ ଯୋଗ ପ୍ରଶିକ୍ଷିକା ଧନଶ୍ରୀ ଲେକୁର୍‌ୱାଲେ।

### ଇତିହାସର ଆଇନାରେ

**ଜୁନ୍ ୨୧ର ପ୍ରମୁଖ ଘଟଣା**

#### ପ୍ଲୁଟୋର ଚନ୍ଦ୍ର ଆବିଷ୍କୃତ

୨୦୦୬ ଜୁନ୍ ୨୧ରେ ପ୍ଲୁଟୋର ଚନ୍ଦ୍ର ନିକ୍ସ ଏବଂ ହାଇଡ୍ରା ଆବିଷ୍କାର କରାଯାଇଥିଲା। ପ୍ଲୁଟୋ ହେଉଛି ନେପଚୁନ୍ ବାହାରେ କୁଇପର ବେଲ୍ଟ ମଧ୍ୟରେ ଥିବା ଏକ ଛୋଟ ଗ୍ରହ। ପ୍ଲୁଟୋକୁ ୧୯୩୦ରେ କ୍ଲାଇଡ୍ ଟମ୍‌ବାଫ୍‌ଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା। ଏହା ସୂର୍ଯ୍ୟଙ୍କଠାରୁ ଦୂରତା କ୍ରମରେ ନବମ ଗ୍ରହ।

#### ଶରଣାର୍ଥୀଙ୍କ ବୋଟ ବୁଡ଼ିଗଲା

୨୦୧୨ ଜୁନ୍ ୨୧ରେ ୨୦୦ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ଇଣ୍ଡୋନେସିଆ ଏବଂ କ୍ରିସ୍‌ମାସ ଆଇଲାଣ୍ଡ ମଧ୍ୟସ୍ଥ ଭାରତ ମହାସାଗରରେ ବୁଡ଼ିଯିବା ଫଳରେ ୧୭ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୭୦ଜଣ ନିଖୋଜ ହୋଇଥିଲେ।

## ଭାଜପାରେ ମିଶିଲେ ୪ ଟିଡିପି ଏମ୍‌ପି

ନୂଆଦିଲ୍ଲୀ,୨୦।୬

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱାଧୀନ ତେଲୁଗୁ ଦେଶମ୍ ପାର୍ଟି(ଟିଡିପି)ର ୪ ରାଜ୍ୟ ସଭା ସଦସ୍ୟ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ହେଲେ ୱାଇ.ଏସ୍. ଚୌଧୁରୀ, ସି.ଏମ୍. ରମେଶ, ଜି. ପି. ମୋହନ ରାଓ ଏବଂ ଟି. ଜି. ଭେଙ୍କଟେଶ୍। ଏମାନେ ଗୃହର ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କୁ ସାକ୍ଷାତ କରି ଭାଜପାରେ ଯୋଗଦେବା ନେଇ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହି ୪ ଏମ୍‌ପି ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ. ପି. ନଡ୍ଡାଙ୍କ ସହ ମିଶି ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଭେଟି ତୁରନ୍ତ ଭାଜପାରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେମାନଙ୍କ ଏହି ଦଳବଦଳ ଫଳରେ ଚନ୍ଦ୍ରାବାବୁଙ୍କୁ ଶକ୍ତ ଝଟକା ଲାଗିଛି। ସେପଟେ ଆମେରିକାରେ ଛୁଟି କାଟୁଥିବା ଚନ୍ଦ୍ରାବାବୁ କହିଛନ୍ତି, ଏଭଳି ସମସ୍ୟା ନୂଆ ନୁହେଁ । ଏନେଇ କର୍ମୀମାନେ ହତୋତ୍ସାହ ହେବା ଅନୁଚିତ। କେବଳ ଆନ୍ଧ୍ରର ସ୍ୱାର୍ଥ ଲାଗି ଆମେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକରି ଭାଜପାକୁ ବିରୋଧ କରୁଛୁ। ଟିଡିପିକୁ ଦୁର୍ବଳ କରିବା ଲାଗି ଭାଜପା ହୀନ ପ୍ରୟାସ ଚଳାଇଛି। ପ୍ରକାଶଥାଉ କି, ଗତବର୍ଷ ଚନ୍ଦ୍ରାବାବୁ ଏନ୍‌ଡିଏ ଛାଡ଼ିଥିଲେ। ଏବେ ୱାଇଏସ୍ଆର୍ କଂଗ୍ରେସ ମୁଖ୍ୟ ଜଗନ୍‌ମୋହନ ରେଡ୍ଡୀ ଆନ୍ଧ୍ରପ୍ରଦେଶରେ କ୍ଷମତାକୁ ଫେରିଛନ୍ତି। ସେ କେବଳ ବିଧାନସଭା ଦଖଲ କରିନାହାନ୍ତି ବରଂ ଆନ୍ଧ୍ରରେ ମୋଟ ୨୫ରୁ ୨୨ ଏମ୍‌ପିଙ୍କୁ ଲୋକ ସଭାକୁ ପଠାଇବାରେ ସଫଳ ହୋଇଛନ୍ତି।



**ଚନ୍ଦ୍ରାବାବୁଙ୍କୁ ଝଟକା**

# କର୍ମସ୍ଥଳରେ ବଢୁଛି ଯୌନ ଶୋଷଣ

ମୁମ୍ବାଇ,୨୦।୬

ଦେଶରେ '#ମି ଟୁ' ଆନ୍ଦୋଳନ ସତ୍ତ୍ୱେ କାର୍ଯ୍ୟସ୍ଥଳରେ ଯୌନ ଶୋଷଣ ରୋକିବା ଲାଗି ଯେଉଁ ବିଧିବ୍ୟବସ୍ଥା ରହିଛି ତାହାକୁ ନିଯୁକ୍ତିଦାତା ଅନୁସରଣ କରୁନାହାନ୍ତି ବୋଲି ୫୦ ପ୍ରତିଶତ କର୍ମଜୀବୀ ମହିଳା ମତ ଦେଇଛନ୍ତି। ନିକଟରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହି ସୂଚନା ମିଳିଛି।

ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇଥିବା ମହିଳାଙ୍କ ମଧ୍ୟରୁ ୫୦%ଙ୍କ ମତ ହେଉଛି ସେମାନଙ୍କ ନିଯୁକ୍ତିଦାତା ଏ ସଂକ୍ରାନ୍ତୀୟ ଅଭିଯୋଗର ବିଚାର ପାଇଁ ଧାର୍ଯ୍ୟ ନୀତିନିୟମକୁ ଅନୁସରଣ କରୁନାହାନ୍ତି। ୪୫ ପ୍ରତିଶତରୁ ଅଧିକ ମହିଳା କହିଥିଲେ, ସେମାନଙ୍କ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ଶୁଣାଣି କମିଟି ନୀତି ନିର୍ଦ୍ଦେଶାବଳୀ ଏବଂ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ନୁହନ୍ତି। ମହିଳାଙ୍କ ଉଦ୍ଦେଶ୍ୟରେ କ୍ୟାରିୟର ଏନହାନ୍ସମେଣ୍ଟ ଇକୋସିଷ୍ଟମ୍ ପାଇଁ ସହାୟତା କରୁଥିବା ସଂସ୍ଥା 'ପିଙ୍କ୍ ଲ୍ୟାଡର' ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ରିପୋର୍ଟରୁ ଏହି ସୂଚନା ମିଳିଛି। ଦେଶର ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ ଏବଂ ଦିଲ୍ଲୀର ୮୦ଟି ସଂସ୍ଥାରେ ନିୟୋଜିତ ମହିଳା କର୍ମଜୀବୀଙ୍କ ମଧ୍ୟରୁ ୨୦୦ ମହିଳାଙ୍କୁ ନେଇ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହିସବୁ ସଂସ୍ଥାଗୁଡିକ ନିୟମିତ ବ୍ୟବଧାନରେ ସଚେତନତା କର୍ମଶାଳା, ବିଚାର ମଞ୍ଚ, ଆଲୋଚନା ଏବଂ ବିତର୍କ ଆଦି ମାଧ୍ୟମରେ ଯୌନ ଶୋଷଣ ଉପରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏଥିପାଇଁ ପ୍ରଥମ ପଦକ୍ଷେପ ହେଉଛି ବର୍ତ୍ତମାନର ଆଇନ ସମ୍ପର୍କରେ ସଚେତନ ହେବା। ୫୬ ପ୍ରତିଶତ ମହିଳାଙ୍କ ମତ ହେଉଛି, ଏଇ କିଛିବର୍ଷ ହେଲା କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ୫୩ ପ୍ରତିଶତ ମହିଳା କହନ୍ତି, ସେମାନଙ୍କୁ ଅଫିସରେ ଅଯଥା କମେଣ୍ଟ ମରାଯିବା ସାଙ୍ଗକୁ ଆଲିଙ୍ଗନ ଏବଂ ଥଟ୍ଟା, ମଜା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ନିରୋଧୀ ନୀତି ବିଷୟରେ ୮୦% ମହିଳା ସଚେତନ ଅଛନ୍ତି। ଅପରପକ୍ଷରେ ପାଖାପାଖି ୩୦% ମହିଳା ଆଭ୍ୟନ୍ତରୀଣ କମିଟିରେ ଅଭିଯୋଗ କରିବାକୁ ଦ୍ୱିଧାବୋଧ କରନ୍ତି। ଏଭଳି ଘଟଣାର ସମ୍ମୁଖୀନ ହେଉଥିଲେ ହେଁ ୫୩ ପ୍ରତିଶତ ମହିଳା ଭାବନ୍ତି ସେମାନେ ବର୍ତ୍ତମାନ ସଂସ୍ଥାରେ ବେଶିଦିନ ରହିବାର ନାହିଁ।




**୫୦% କର୍ମଜୀବୀ ମହିଳାଙ୍କ ମତ**

**ପ୍ରତିକାର ବ୍ୟବସ୍ଥା କରୁନାହାନ୍ତି ନିଯୁକ୍ତିଦାତା**

ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର, ଜୁନ୍ ୨୧/୨୦୧୯ | Dhenkanal, Friday, June 21 / 2019 | (ପୃଷ୍ଠା-୧)



## ଶରଣାର୍ଥୀ ପିଲାଙ୍କୁ ଭେଟିଲେ ପ୍ରିୟଙ୍କା

ବଲିଉଡ୍ ଅଭିନେତ୍ରୀ ତଥା ଜାତିସଂଘର ଗୁଡ୍‌ୱିଲ୍ ଆମ୍ବାସାଡର ପ୍ରିୟଙ୍କା ଚୋପ୍ରା ଶରଣାର୍ଥୀ ପିଲାଙ୍କୁ ଭେଟିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

୭

୧୨

## ୱାର୍ନରଙ୍କ ଶତକ

ବାଂଲାଦେଶ ବିପକ୍ଷ ଆଇସିସି ବିଶ୍ୱକପ୍ ମ୍ୟାଚରେ ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର ୧୬୬ ରନର ଏକ ଆକର୍ଷଣୀୟ ଇନିଂସ ଖେଳିଛନ୍ତି।



## ଆଜି ପ୍ରକାଶ ପାଇବ ଯୁକ୍ତ୨ କଳା, ବାଣିଜ୍ୟ ପରୀକ୍ଷାଫଳ

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇବ। ଅପରାହ୍ନ ୩ଟା ୩୦ରେ ଫଳ ପ୍ରକାଶ ପାଇବାକୁ ଥିବାବେଳେ ଛାତ୍ରୀଛାତ୍ର WWW.CHSEODISHA.NIC.IN ଏବଂ HTTP://ORISSARESULTS.NIC.IN ୱେବ୍‌ସାଇଟ୍‌ରେ ନିଜ ନିଜର ରେଜଲ୍ଟ ଦେଖିପାରିବେ। ସୂଚନା ଭବନ ପରିସରସ୍ଥ ଗୀତଗୋବିନ୍ଦ ସଦନରେ ପରୀକ୍ଷା ଫଳ ଘୋଷଣା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ କଳାରେ ୨ଲକ୍ଷ ୩୫ହଜାର ୧୮୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବାଣିଜ୍ୟରେ ୨୮ହଜାର ପରୀକ୍ଷା ଦେଇଥିଲେ। ସୂଚନାଯୋଗ୍ୟ, ଜୁନ୍ ୩ରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା।

## ଆୟୁଷ୍ମାନ ଭାରତ ଯୋଜନାରେ ବ୍ୟାପକ ଦୁର୍ନୀତି

# ଡାକ୍ତର ଲୁଟିଛନ୍ତି ଚିକିତ୍ସା ଅର୍ଥ

**ନୂଆଦିଲ୍ଲୀ,୨୦।୬(ଆଇଏଏନ୍‌ଏସ୍)**

### କାଗଜକଲମରେ ରୋଗୀ ସେବା

- ଘରୋଇ ହସ୍ପିଟାଲକୁ ରୋଗୀଙ୍କୁ ପଠାଇଛନ୍ତି ସରକାରୀ ଡାକ୍ତର
- ଜାଲ୍ ବିଲ୍ ଦାଖଲ କରି ଆତ୍ମସାତ୍ କରିଛନ୍ତି ଚିକିତ୍ସା ଅର୍ଥ
- ଉତ୍ତରାଖଣ୍ଡ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର
- ତଦନ୍ତ ନିର୍ଦ୍ଦେଶ ଦେଲେ ତ୍ରିଭେନ୍ଦ୍ର ରାୱତ୍ ସରକାର




କେନ୍ଦ୍ର ସରକାରଙ୍କ ବୃହତ୍ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ ଭାରତରେ ଏକ ବଡ଼ଧରଣର ଦୁର୍ନୀତି ହୋଇଥିବା ସାମ୍ନାକୁ ଆସିଛି। ଗରିବ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଚିକିତ୍ସା ଅର୍ଥକୁ ଶତାଧିକ ଡାକ୍ତର ଲୁଟିନେଇ ନିଜ ପକେଟରେ ପୂରାଇଥିବା ଅଭିଯୋଗ ଆସିଛି। ଏହି ଦୁର୍ନୀତିର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଥିବାବେଳେ ଉତ୍ତରାଖଣ୍ଡର ଅନେକ ହସ୍ପିଟାଲ ଏହି ଯୋଜନାର ପାଣ୍ଠିକୁ ଆତ୍ମସାତ୍ କରିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି।

ଗରିବ ରୋଗୀମାନଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁନିଶ୍ଚିତ କରୁଥିବା ଆୟୁଷ୍ମାନ ଯୋଜନା ଅଧୀନରେ ସରକାରୀ ହସ୍ପିଟାଲର ଡାକ୍ତରମାନେ ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ ପଠାଇଥିଲେ। ତେବେ ସମ୍ପୃକ୍ତ ରୋଗୀମାନଙ୍କୁ ସେହି ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇନାହିଁ ଅଥବା ଅସ୍ତ୍ରୋପଚାର କିମ୍ବା ଚିକିତ୍ସା କରାଯାଇ ନାହିଁ ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହା ଏକ ବଡ଼ ଠକେଇ। ଗରିବ ରୋଗୀଙ୍କ ନାମରେ ଦୁର୍ନୀତି କରାଯାଇଛି ବୋଲି ଉତ୍ତରାଖଣ୍ଡର କାଶୀପୁର ବିଧାୟକ ହରଭଜନ ସିଂ ଚୀମା ଅଭିଯୋଗ ଆଣିଛନ୍ତି। ଏହି ଦୁର୍ନୀତିର ତଦନ୍ତ ପାଇଁ ତ୍ରିଭେନ୍ଦ୍ର ସିଂ ରାୱତ୍ ସରକାରଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ନୀତି ଉଧମ ସିଂ ନଗର ଜିଲା(ଯାହା ଅଧୀନରେ କାଶୀପୁର ନିର୍ବାଚନମଣ୍ଡଳୀ ରହିଛି)ରେ ହୋଇଥିବା ପ୍ରଥମେ ସାମ୍ନାକୁ ଆସିଥିଲା। ସ୍ଥାନୀୟ ବାସିନ୍ଦା ମୁନିଦେବ ବିଷ୍ଣୋଇ ଅଭିଯୋଗ ଆଣିଥିଲେ ଯେ, ସରକାରୀ ଡାକ୍ତରଖାନାଗୁଡ଼ିକରୁ ବହୁସଂଖ୍ୟକ ଗରିବ ରୋଗୀଙ୍କୁ ଚିକିତ୍ସା ଲାଗି ଘରୋଇ ହସ୍ପିଟାଲଗୁଡ଼ିକୁ ପଠାଯାଇଥିଲା। କିନ୍ତୁ ଯାଞ୍ଚବେଳେ ସେମାନେ 'ଭୂତ ରୋଗୀ' ବୋଲି ଜଣାପଡ଼ିଛି। ସେମାନଙ୍କ ଚିକିତ୍ସା କରାଯାଇଥିବା ନେଇ କୌଣସି ଦସ୍ତାବିଜରେ ଉଲ୍ଲେଖ କରାଯାଇନାହିଁ। ତେଣୁ ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ମୁନିଦେବ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଛନ୍ତି।

ଭାଜପା ଟିକେଟରେ ୪ ଥର ବିଧାୟକ ହୋଇଥିବା ହରଭଜନ ସିଂ ଚୀମା କହିଛନ୍ତି, ଘରୋଇ ହସ୍ପିଟାଲ ସହ ସମ୍ପର୍କ ରଖି ଏହି ର୍ୟାକେଟରେ ସମ୍ପୃକ୍ତ ଥିବା ଲୋଭୀ ଡାକ୍ତରମାନେ ଏହି କାରସାଦି କରିଛନ୍ତି। ରୋଗୀଙ୍କୁ କାଗଜକଲମରେ ଅନ୍ୟ ହସ୍ପିଟାଲକୁ ପଠାଇବା ପରେ ସେମାନେ ଜାଲ୍ ବିଲ୍ ଦାଖଲ କରି ଚିକିତ୍ସା ପାଣ୍ଠି ଆତ୍ମସାତ କରିଛନ୍ତି। ଅଳ୍ପ କେତେକ ସ୍ଥାନରେ ଡାକ୍ତର ଓ ହସ୍ପିଟାଲର ଭୂମିକା ସ୍ୱଚ୍ଛ ଥିବା ଜଣାପଡ଼ିଛି। ଏହି ଦୁର୍ନୀତି ଗରିବ ଓ ଅଭାବୀ ଲୋକଙ୍କୁ ସୁବିଧା ଓ ଅଧିକାରରୁ ବଞ୍ଚିତ କରୁଛି। ରାଜ୍ୟ ସରକାର ଏହି ଭ୍ରଷ୍ଟାଚାରର ମୂଳକୁ ଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ଦାଏର କରାଯାଇ ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଛି। ଆୟୁଷ୍ମାନ ଭାରତ ଯୋଜନାରେ କୌଣସି ପ୍ରକାର ଅନିୟମିତତା ହୋଇଥିବା ଜଣାପଡ଼ିଲେ ତଦନ୍ତ କରି ଜଣାଇବାକୁ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ତାହା ହାଇକୋର୍ଟରେ ଦାଖଲ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ନୀତୀଶ କୁମାର ଝା କହିଛନ୍ତି।

## ଆଜିଠୁ ଖୋଲିବ ବିଦ୍ୟାଳୟ

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

### ପାଗ ବଦଳାଇଲା ନିଷ୍ପତ୍ତି

ସ୍କୁଲ ଖୋଲିବ। ବନ୍ଦ ହେବ। ଛୁଟି ଅବଧି ବଢ଼ିବ। ନିଜେ ଦ୍ୱନ୍ଦ୍ୱରେ ରହିବା ସହ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଏଭଳି ଦ୍ୱନ୍ଦ୍ୱରେ ପକାଉଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଖରାକୁ ଦୃଷ୍ଟିରେ ରଖି ଗତ ମଙ୍ଗଳବାର ରାଜ୍ୟ ସରକାର ଜୁନ୍ ୨୫ ପର୍ଯ୍ୟନ୍ତ ସ୍କୁଲ ଛୁଟି ଅବଧି ବୃଦ୍ଧି କରିଥିଲେ। ହେଲେ ଏବେ ପାଗ ବଦଳିବା ସହ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବଦଳିଛି। ୨୫ ନୁହେଁ, ଜୁନ୍ ୨୧ ଅର୍ଥାତ୍ ଶୁକ୍ରବାରଠାରୁ ଖୋଲିବ ରାଜ୍ୟର ସମସ୍ତ ବିଦ୍ୟାଳୟ। ପାଗକୁ ଦୃଷ୍ଟିରେ ରଖି ସ୍କୁଲ ଖୋଲିବାର ପୂର୍ବ ନିଷ୍ପତ୍ତିକୁ ରାଜ୍ୟ ସରକାର ବଦଳାଇଛନ୍ତି। ଏ ନେଇ ଗୁରୁବାର ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖରାଛୁଟିକୁ ୨୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ପାଗ ସାମାନ୍ୟ ବଦଳିଛି। ଅନେକ ସ୍ଥାନରେ ବର୍ଷା ହୋଇଛି। ଏହାକୁ ନଜରରେ ରଖି ୨୫ ପରିବର୍ତ୍ତେ ୨୧ରୁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଶୁକ୍ରବାରଠାରୁ ସମସ୍ତ ସରକାରୀ ବିଦ୍ୟାଳୟ ସହ ଘରୋଇ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଖୋଲିବ। ସରକାରୀ ବିଦ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କ୍ଲାସ୍ ହେବ। ବାତ୍ୟା ପ୍ରଭାବିତ ବିଦ୍ୟାଳୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ନିୟମ କରାଯାଇଛି। ଗୃହ ମରାମତି ହୋଇ ନ ଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟ କିମ୍ବା ବାତ୍ୟା ଆଶ୍ରୟସ୍ଥଳୀରେ ପାଠ ପଢ଼ାଯିବ।

## ଆସିଲା ମୌସୁମୀ ବର୍ଷା, ୩ ଦିନ ବର୍ଷିବ

### ଉପକୂଳ, ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବ। ସ୍ୱାଭାବିକ (ଜୁନ ୧୦)ଠାରୁ ୧୦ ଦିନ ପରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ। ୨୧ ତାରିଖ ସନ୍ଧ୍ୟାରୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ମୌସୁମୀ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୩ ଦିନ ଯାଏ ବର୍ଷା ଲାଗି ରହିବ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିସହିତ କେନ୍ଦ୍ରାପଡା, କଟକ, ନୟାଗଡ, ଯାଜପୁର, ଭଦ୍ରକ, ଗଜପତି ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ଉତ୍ତର ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ରାଜ୍ୟରେ ମୌସୁମୀ ବର୍ଷା ବୃଦ୍ଧି ପାଇବ। ତେବେ ଯେତେ ବର୍ଷା ହେବା କଥା ତାହା ହେବ ନାହିଁ। ଉପକୂଳବର୍ତ୍ତୀ ଜିଲାଗୁଡିକରେ ବର୍ଷା ଅଧିକ ରହିବ ବୋଲି ଅନୁମାନ ☞ପୃଷ୍ଠା-୨

## ପଞ୍ଚଭୂତରେ ବିଲୀନ ଶହୀଦ ଅଜିତ୍

# ଲୁହରେ ଭିଜିଲା ଜନ୍ମମାଟି

- ଗ୍ରାମ ଶ୍ମଶାନରେ ଜଳିଲା ଚିତା
- ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି
- ଜାତୀୟ ରାଜପଥ ଜନସମୁଦ୍ର
- ଭିଡ଼ ପାଇଁ ପୋଲିସ ନାକେଦମ

**କାମାକ୍ଷାନଗର, ୨୦।୬(ଡି.ଏନ୍.ଏ.)**

ପଞ୍ଚଭୂତରେ ବିଲୀନ ହୋଇଛି ଶହୀଦ ଅଜିତ୍ ସାହୁଙ୍କ ପାର୍ଥିବ ଶରୀର। ଭାବବିହ୍ୱଳ ପରିବେଶରେ ମାଟିର ବୀର ପୁଅକୁ ବିଦାୟ ଦେଇଛନ୍ତି ବଡ଼ସୁଆଁଳବାସୀ। ଶବାଧାରରେ ହଜାର ହଜାର ଲୋକ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇଥିବାବେଳେ ଶହୀଦ ଅମର ରହେ ଧ୍ୱନିରେ କମ୍ପି ଉଠିଥିଲା ଜନ୍ମମାଟି।



ଜନ୍ମମାଟି ବଡ଼ସୁଆଁଳରେ ଶହୀଦ ଅଜିତ୍‌ଙ୍କ କଫିନ୍‌କୁ ଶୋଭାଯାତ୍ରାରେ ନିଆଯାଉଛି।

(ଅଧିକ ରିପୋର୍ଟ ପୃଷ୍ଠା-୮)

ଜମ୍ମୁ କଶ୍ମୀର ଅନନ୍ତନାଗ ଜିଲାରେ ଆତଙ୍କବାଦୀଙ୍କ ସହ ଲଢ଼େଇରେ ସୋମବାର ପ୍ରାଣ ହରାଇଥିଲେ ଅଜିତ୍। ଏହାପରେ ତାଙ୍କ ମରଶରୀରକୁ ୩ଦିନ ହେଲା ଚାହିଁବସିଥିଲେ ଢେଙ୍କାନାଳ ଜିଲାବାସୀ। ବୁଧବାର ବିଳମ୍ବିତ ରାତିରେ ଏକ ସ୍ୱତନ୍ତ୍ର ବିମାନରେ ମୃତଦେହ ଭୁବନେଶ୍ୱରରେ ପହଞ୍ଚିଥିଲା। ସେନାର ବରିଷ୍ଠ କର୍ମକର୍ତ୍ତା, ସମ୍ପର୍କୀୟ ଭାଇ ପରମେଶ୍ୱର ସାହୁଙ୍କ ଉପସ୍ଥିତିରେ ମୃତଦେହକୁ ୧୨୦ ବାଟାଲିୟନ ପରିସରକୁ ଅଣାଯାଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶହୀଦଙ୍କୁ ସମ୍ମାନ ଜଣାଇ ଦିଆଯାଇଥିଲା ଗାର୍ଡ ଅଫ୍ ଅନର। ରାଜ୍ୟପାଳ ଗଣେଶୀ ଲାଲ୍, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶୋକ ପଣ୍ଡା, ବିଧାୟକ ମୋହନ ମାଝି, ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ରଙ୍କ ସମେତ ବହୁ ରାଜନେତା, ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ ☞ପୃଷ୍ଠା-୨




### ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ

## କାଳିଆ, ଜଳସେଚନ, ଏସ୍‌ଏଚ୍‌ଜିକୁ ଗୁରୁତ୍ୱ

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

- ୨୦୧୯-୨୦ ପାଇଁ ୧ ଲକ୍ଷ ୩୯ ହଜାର କୋଟିର ଚିଠା ବଜେଟ
- ଫନୀ କ୍ଷତିଗ୍ରସ୍ତ ଜିଲାର ଭିତ୍ତିଭୂମି ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ

ଆସନ୍ତା ୨୮ ତାରିଖରେ ବିଧାନସଭାରେ ୨୦୧୯-୨୦ ଆର୍ଥିକବର୍ଷ ଲାଗି ୧ ଲକ୍ଷ ୩୯ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯିବ। ଏ ନେଇ ଚିଠା ବଜେଟ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଗୁରୁବାର ଅପରାହ୍ନରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ବଜେଟକୁ ଅନୁମୋଦନ କରାଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଚିଠା ବଜେଟକୁ ମନ୍ତ୍ରୀ ପରିଷଦ ବୈଠକରେ ଉପସ୍ଥାପନ କରିଥିଲେ। ବଜେଟରେ ଜଳସେଚନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗ୍ରାମାଞ୍ଚଳ ଭିତ୍ତିଭୂମି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କାଳିଆ ଆଦି ଯୋଜନା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ବଜେଟରେ ସ୍ୱତନ୍ତ୍ର ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

## ମରୁଡ଼ି ଆଶଙ୍କା

### ଆଜିର ମନ୍ତବ୍ୟ

" ଗୃହକାର୍ଯ୍ୟରେ ବ୍ୟାଘାତ ଏଡ଼ାଇବା ପାଇଁ ସବୁ ଦଳ ସହ ଆଲୋଚନା କରି ପଦକ୍ଷେପ ନିଆଯିବ।

– ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

### କିଛି ତଥ୍ୟ

ଚଳିତ ବର୍ଷ ମେ ମାସରେ ଘରୋଇ ବିମାନ ଯାତ୍ରୀଙ୍କ ସଂଖ୍ୟାରେ ୨.୯% ବୃଦ୍ଧି ୧.୨ କୋଟି ଛୁଇଁଛି।

– ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE | 20.06.2019 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 104 | 163 | 173 |
| BDK | 103 | 162 | 172 |
| BLS | 101 | 159 | 169 |
| ANG | 102 | 161 | 171 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାନ୍
ପରିବାରବର୍ଗ


ବିପାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ମୌସୁମୀ...

କରାଯାଇଛି । ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ପରିମାଣ କମ ରହିବ। ଆସନ୍ତା ୨୪ ତାରିଖଠାରୁ ବର୍ଷା ପରିମାଣ ହ୍ରାସ ପାଇବ। ୨୮ ତାରିଖରୁ ପୁଣି ବର୍ଷା ବଢ଼ିବ ।

ଗତ ଦୁଇ ଦିନ ହେବ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିଛି। ଏଥିଯୋଗୁ ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ଲାଗି ରହିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ କେନ୍ଦୁଝରରେ ୨୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୧୪, ପୁରୀ ୩୦, ବାଲେଶ୍ୱର ୬.୨, ଚାନ୍ଦବାଲି ୩, ପାରାଦୀପ ୧୦.୬, ଗୋପାଳପୁର ୧୦, ବାରିପଦା ୧, ମାଲକାନଗିରି ୧୧ ଏବଂ ବଲାଙ୍ଗୀରରେ ୩.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଉପକୂଳରେ ମେଘୁଆ ପାଗ ରହିଥିଲେ ମଧ୍ୟ ପଶ୍ଚିମ ଓଡିଶାରେ ତାତି ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୧.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୪୧.୨, ଟିଟିଲାଗଡ ୪୦, ମାଲକାନଗିରି ୪୦ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ଦେବଗଡ, ଅନୁଗୋଳ, ସୋନପୁର, ବଲାଙ୍ଗୀର ଏବଂ ନବରଙ୍ଗପୁର ଜିଲାରେ ଘଡଘଡି ସହ ଝଡବର୍ଷା ହେବ ବୋଲି ସତର୍କ କରାଯାଇଛି।

### ଲୁହରେ ଭିଜିଲା...

କରିଥିଲେ। ସେଠାରୁ ଭୋର୍ ୬ଟାରେ ସ୍ୱତନ୍ତ୍ର ଗାଡ଼ିରେ ବଡ଼ସୁଆଁଳ ଅଭିମୁଖେ ବାହାରିଥିଲା ପାର୍ଥିବ ଶରୀର।

ପୂର୍ବାହ୍ନ ୮ଟାରେ ଶବ ଶୋଭାଯାତ୍ରା ଢେଙ୍କାନାଳ ମନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ସେଠାରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ୩୦ ମିନିଟ ରଖାଯାଇଥିଲା ମରଶରୀର। ଜିଲାପାଳ ନିଖିଲ ପୱନ କଲ୍ୟାଣ, ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଜନ୍ମମାଟି ଅଭିମୁଖେ ବାହାରିଥିଲା ଶୋଭାଯାତ୍ରା। ପଣ୍ଡୁଆ ଛକରେ ପହଞ୍ଚିବା ପରେ ଏକ ବିରାଟ ପଟୁଆରରେ କାମାକ୍ଷାନଗରକୁ ନିଆଯାଇଥିଲା ମରଶରୀର। ଭାରତ ମାତା କୀ ଜୟ, ଶହୀଦ ଅଜିତ୍ ଅମର ରହେ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୧୦ମିନିଟ୍ ପାଇଁ ମୃତଦେହ ରଖାଯାଇଥିଲା। ସ୍ଥାନୀୟ ପ୍ରଶାସନ, ଓକିଲ ସଂଘ, ବଣିକ ସଂଘ, ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସମେତ ହଜାର ହଜାର ଜନସାଧାରଣ ଅନ୍ତିମ ଦର୍ଶନ କରିଥିଲେ। କାମାକ୍ଷାନଗର ସହର ପରିକ୍ରମା କରିବା ପରେ ବଡ଼ସୁଆଁଳ ଅଭିମୁଖେ ବାହାରିଥିଲା ଶହୀଦ୍ ଅଜିତ୍‌ଙ୍କ ପାର୍ଥିବ ଶରୀର। ୫୩ନଂ. ଜାତୀୟ ରାଜପଥରେ ବଡସୁଆଁଳରେ ପହଞ୍ଚିବାକୁ ପ୍ରାୟ ଦେଢ଼ ଘଣ୍ଟା ସମୟ ଲାଗିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶୋକାକୁଳ ଜନତା ଛିଡ଼ାହୋଇ ମାଟିର ବୀର ପୁଅକୁ ଅଶ୍ରୁପୂର୍ଣ୍ଣ ନୟନରେ ବିଦାୟ ଦେଇଥିଲେ।

ସାଢ଼େ ୧୧ଟାରେ ଜନ୍ମମାଟିରେ ପହଞ୍ଚିଥିଲା ଶବାଧାର। ଶହୀଦ୍‌ଙ୍କୁ ଅନ୍ତିମ ଦର୍ଶନ କରିବାକୁ ହଜାର ହଜାର ଅଞ୍ଚଳବାସୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ରାଜନେତା, ପ୍ରଶାସନିକ ଅଧିକାରୀ ରୁଣ୍ଡ ହୋଇଥିଲେ। ଭିଡ଼ ଏତେ ଅସମ୍ଭାଳ ହୋଇପଡ଼ିଥିଲା ଯେ, ମରଶରୀର ଘରକୁ ନେବାକୁ ପୋଲିସ ପ୍ରଶାସନ ପାଇଁ କାଠିକର ପାଠ ହୋଇପଡ଼ିଥିଲା। ବଡ଼କଷ୍ଟରେ ମାତ୍ର ୧୦ ମିନିଟ୍ ପାଇଁ ଘରକୁ ନିଆଯାଇଥିଲା ମୃତଦେହ। ସେଠାରେ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଆତ୍ମୀୟସ୍ୱଜନଙ୍କ ବୁକୁଫଟା କାନ୍ଦ ପରିବେଶକୁ ଆହୁରି ଶୋକାକୁଳ କରିଦେଇଥିଲା। କଫିନ୍‌କୁ ସ୍ଥାନୀୟ ଯୁବକ ସଂଘ, ସେନା କର୍ମଚାରୀ ଗ୍ରାମ ପରିକ୍ରମା କରାଇଥିଲେ। ଅଜିତ୍ ପାଠ ପଢୁଥିବା ବିଦ୍ୟାଳୟ ପଡ଼ିଆ ଦେଇ ଶ୍ମଶାନରେ ପହଞ୍ଚିଥିଲା ଶୋଭାଯାତ୍ରା। ତୋପ ସଲାମୀ ଏବଂ ଆବଶ୍ୟକ ସଂସ୍କାର କାର୍ଯ୍ୟ କରାଯିବା ପରେ ବଡ଼ଭାଇ ଆଲୋକ ମୁଖାଗ୍ନି ଦେଇଥିଲେ।

### କାଳିଆ, ଜଳସେଚନ,...

ବ୍ୟୟବରାଦ ବ୍ୟବସ୍ଥା କରାଯାଇଛି। ଗତ ନିର୍ବାଚନରେ ମହିଳାମାନେ ଅଧିକ ସଂଖ୍ୟାରେ ମତଦାନ କରିଥିବାରୁ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନକିଣା କାର୍ଯ୍ୟରେ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଗୋଷ୍ଠୀଗୁଡିକ ସକାଶେ ଧାନ କ୍ରୟ ପାଇଁ ୧ ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରାଯିବ। ସେହି ଅର୍ଥରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଧାନ କ୍ରୟ କରିବେ। ଏଥିସହିତ ସେମାନଙ୍କୁ ବିନା ସୁଧରେ ଋଣ ଦେବାକୁ ମଧ୍ୟ ବଜେଟରେ ବ୍ୟୟବରାଦ କରାଯାଇଛି।

କୃଷକ, ଯୁବଗୋଷ୍ଠୀ, ମହିଳାମାନଙ୍କୁ ଖୁସି କରିବାକୁ ବଜେଟରେ ଉଦ୍ୟମ କରାଯାଇଛି। ଏହାଛଡା ଖାଦ୍ୟ ନିରାପତ୍ତା, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ଜନଜାତି ବିକାଶ, ଶିକ୍ଷା, କ୍ରୀଡ଼ା, ଜଳସେଚନ ଆଦି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ୧ ଲକ୍ଷ ୧୦ ହଜାର ୭୧୦ କୋଟି ଟଙ୍କା ରାଜସ୍ୱ ପାଇବା ନେଇ ଆକଳନ କରାଯାଇଛି। ୨୦୧୯-୨୦ରେ ବିତ୍ତୀୟ ନିଅଣ୍ଟ ୧୬ ହଜାର ୧୯୩ କୋଟି ଅର୍ଥାତ ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସଡିପି)ର ୩ ପ୍ରତିଶତ ହେବ ବୋଲି ଅନୁମାନ କରାଯାଇଛି। ବଜେଟରେ କାଳିଆ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ଟି କୃଷି ଋତୁ ପାଇଁ ପରିବାର ପିଛା ୨୫ ହଜାର ଟଙ୍କାର ଅନୁଦାନ ଦେବାକୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନାରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଅତିରିକ୍ତ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇବା ପାଇଁ ବଜେଟରେ ବ୍ୟୟ ବରାଦ କରିଛନ୍ତି। ବିତ୍ତୀୟ ନିଅଣ୍ଟ ୧୩ ହଜାର ୯୩୫ କୋଟି ଟଙ୍କା ମଧ୍ୟରେ ସୀମିତ ରହିବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ୨୦୧୮ ଡିସେମ୍ବର ସୁଦ୍ଧା ୭୯ ହଜାର ୭୮୯ କୋଟି ଟଙ୍କା ଋଣ ଭାର ରହିଛି। ୨୦୧୯-୨୦ ମାର୍ଚ୍ଚ ଶେଷ ସୁଦ୍ଧା ଋଣ ଭାର ୧ ଲକ୍ଷ ୩ ହଜାର ୮୪୩ କୋଟି ଅର୍ଥାତ ଜିଏସ୍‌ଡିପିର ୧୯.୨ ପ୍ରତିଶତ ହେବ ବୋଲି ଅନୁମାନ କରାଯାଇଛି। ବିଭିନ୍ନ ଖର୍ଚ୍ଚ ତୁଲାଇବା ପାଇଁ ରାଜ୍ୟ ସରକାର ଖୋଲା ବଜାରରୁ ୪ ହଜାର ୫୦୦ କୋଟି ଟଙ୍କାର ଋଣ ଉଠାଇଛନ୍ତି। ୨୦୧୯-୨୦ରେ ଖୋଲା ବଜାରରୁ ୧୪ ହଜାର ୬୭୫ କୋଟି ଟଙ୍କାର ଋଣ ଉଠାଇବାକୁ ସରକାର ଯୋଜନା କରିଛନ୍ତି। ୨୦୧୮-୧୯ ଆର୍ଥିକବର୍ଷରେ ୧ ଲକ୍ଷ ୨୦ ହଜାର ୧୨୫ କୋଟି ଟଙ୍କାର ବଜେଟ ଅଟକଳ କରାଯାଇଥିଲା।

# ଧାମରାରୁ ଧରାହେଲା ୧୦ ତେଲିଆଶିଳା ମାଛ


ଧରାଯାଇଥିବା ମାଛ।

**ଚାନ୍ଦବାଲି, ୨୦।୬ (ଡି.ଏନ.ଏ.)**

- କେଜି ପ୍ରତି ଦର ୫ରୁ ୬ ହଜାର ଟଙ୍କା
- ଗୋଟିଏ ମାଛର ଓଜନ ୨୫ କେଜି
- ମାଛ ଦେଖିବାକୁ ଲୋକଙ୍କ ଭିଡ

ଭଦ୍ରକ ଜିଲା ଧାମରା ମାଛଧରା ବନ୍ଦର ଅଧୀନ ଚନ୍ଦନୀପାଳ ମାଛଧରା କେନ୍ଦ୍ର(ବେସ୍)ରେ ବିରଳ ପ୍ରଜାତିର ୧୦ଟି ମାଛ ଗୁରୁବାର ମଧ୍ୟାହ୍ନରେ ଧରାଯାଇଛି। ଏହି ମାଛର ନାଁ ତେଲିଆଶିଳା। ସ୍ଥାନୀୟ ମତ୍ସ୍ୟଜୀବୀ ଏହି ମାଛକୁ ତେଲିଆ ବୋଲି କୁହନ୍ତି। ଏହାର ବିଜ୍ଞାନ ନାମ ପ୍ରୋଟନବିଅନ ଡାଇକନଥେସିସ୍। ସ୍ଥାନୀୟ ସମୁଦ୍ରରୁ ଏପରି ମାଛ ଖୁବ୍ କମ୍ ପରିମାଣରେ ଧରା ପଡିଥାନ୍ତି। ଏହି ମାଛର କିଲୋ ପ୍ରତି ଦର ୫ରୁ ୬ ହଜାର ଟଙ୍କା ବୋଲି ସ୍ଥାନୀୟ ମତ୍ସ୍ୟଜୀବୀ କହିଛନ୍ତି। ତେଲିଆଶିଳା ମାଛରେ ଓମେଗା ଥ୍ରୀର ପରିମାଣ ଅଧିକ ଥାଏ। ଏହାକୁ ତରକାରି କରି ଖାଇବା ବଦଳରେ ଏଥିରୁ କେତେକ ଔଷଧ ପ୍ରସ୍ତୁତ ହୋଇଥାଏ। ସେହି ମାଛକୁ ଖଣ୍ଡ ଖଣ୍ଡ କରି କାଟି ଟାଣ ଖରା ବଦଳରେ ହାଲ୍‌କା ଖରାରେ ଶୁଖାଇ ତାର ଚର୍ବି ଅଂଶକୁ ସଂରକ୍ଷିତ କରାଯାଇ ରଖାଯାଇଥାଏ। ସ୍ଥାନୀୟ ବଜାର ଅପେକ୍ଷା ହାଓ୍ୱଡ଼ା, ଦୀଘା, ସିଲିଗୁଡି, ଆସାମ ବଜାରକୁ ଏହି ମାଛ ପଠାଇ ମତ୍ସ୍ୟଜୀବୀମାନେ ଲାଭବାନ ହୋଇଥାନ୍ତି। ଗୁରୁବାର ଏପରି ୧୦ଟି ମାଛ ଧରା ହୋଇଛି। ପ୍ରତିମାଛର ଓଜନ ୨୫ କିଲୋରୁ ବେଶି। ସେଥିପାଇଁ ଗୋଟିଏ ମାଛର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ଗଭୀର ସମୁଦ୍ରକୁ ଟ୍ରଲର ଓ ଗିଲ୍‌ନେଟ ଭଳି ଯନ୍ତ୍ରଚାଳିତ ଡଙ୍ଗା ନେଇ ଯାଉଥିବା ମତ୍ସ୍ୟଜୀବୀମାନେ କେବେ କେବେ ଏହି ମାଛକୁ ଜାଲରେ ଧରିଥାନ୍ତି। ସରକାରୀ କଟକଣା ଯୋଗୁ ଦୀର୍ଘଦିନ ଧରି ଧାମରାରେ ମାଛଧରା ବନ୍ଦ ଥିବାବେଳେ ଏଭଳି ଦାମିକା ମାଛ ଧରା ହେବାକୁ ନେଇ ମତ୍ସ୍ୟଜୀବୀମାନେ ମଧ୍ୟ ଉତ୍ସାହିତ ହୋଇପଡିଛନ୍ତି। ତେଲିଆଶିଳା ମାଛକୁ ଦେଖିବାକୁ ଚନ୍ଦନୀପାଳ ମାଛଧରା ବେସ୍‌ରେ ଲୋକଙ୍କ ଭିଡ଼ ଜମିଛି।

# ୨୩ରେ ଭାଜପାର ବିରୋଧୀ ଦଳ ନେତା ଚୟନ

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୨୫ରୁ ଆରମ୍ଭ ହେବ। ଏହାର ଦିନକ ଆଗରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସର୍ବଦଳୀୟ ବୈଠକ ଡାକିଛନ୍ତି। ତେବେ ସର୍ବଦଳୀୟ ବୈଠକ ପୂର୍ବରୁ ବିରୋଧୀ କଂଗ୍ରେସ ଓ ଭାଜପା ନିଜ ଦଳୀୟ ବିଧାୟକଙ୍କୁ ନେଇ ବୈଠକ କରିବେ। ମୁଖ୍ୟତଃ ଭାଜପା ବୈଠକ ଉପରେ ସମସ୍ତଙ୍କ ନଜର ରହିବ। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବିଜେଡି ୧୧୨ ଆସନ ସହ ରାଜ୍ୟରେ ୫ମ ଥର ଲାଗି ସରକାର ଗଠନ କରିଛି। ଅପରପକ୍ଷରେ ଭାଜପା ରାଜ୍ୟରେ ପ୍ରଥମ ଥର ପାଇଁ ମୁଖ୍ୟ ବିରୋଧୀ ଦଳ ଆସନ ଗ୍ରହଣ କରିବାକୁ ଯାଉଛି। ନିର୍ବାଚନରେ ଭାଜପାର ୨୩ ଜଣ ବିଧାୟକ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ମାତ୍ର ୯ଟି ଆସନ ପାଇଁ ୩ ନମ୍ବର ସ୍ଥାନକୁ ଖସିଯାଇଛି। ତେଣୁ ଭାଜପା ବିରୋଧୀ ଦଳ ଆସନ ଗ୍ରହଣ କରିବ। ଆସନ୍ତା ୨୩ ତାରିଖରେ ଭାଜପାର ବିଧାୟକ ଦଳ ବୈଠକ ବସିବା ସହ ବିରୋଧୀ ଦଳ ନେତା ଚୟନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଦଳ କାହାକୁ ଏହି ଆସନରେ ବସାଇବ ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି।

୨୦୧୪ ନିର୍ବାଚନରେ ବିଜୟୀ ହୋଇଥିବା ୧୦ ବିଧାୟକଙ୍କ ମଧ୍ୟରୁ କେହି ଜଣେ ହେଲେ ଏଥର ବିଧାନସଭା ଯାଉନାହାନ୍ତି। ଅନ୍ୟପଟେ ବିରୋଧୀ ଦଳ ଆସନକୁ ନେଇ ଦଳର ବହୁ ବରିଷ୍ଠ ନେତାଙ୍କ ନାମ ଚର୍ଚ୍ଚାରେ ରହିଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାମକୁ ନେଇ ବିଶେଷ ଚର୍ଚ୍ଚା ଲାଗି ରହିଛି। ଜୟନାରାୟଣ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ଅଭିଜ୍ଞତା ଦୃଷ୍ଟିରୁ ଦଳ ତାଙ୍କୁ ଏହି ପଦରେ ବସାଇବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି କେନ୍ଦୁଝର ବିଧାୟକ ମୋହନ ମାଝି, ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀ ଏବଂ ଭବାନିପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକଙ୍କ ନାମ ମଧ୍ୟ ବିରୋଧୀ ଦଳ ନେତା ଦୌଡରେ ଆଗରେ ରହିଛି। ଏହାଛଡା ବିରୋଧୀ ଦଳ ମୁଖ୍ୟ ସଚେତକ ଏବଂ ଉପମୁଖ୍ୟ ସଚେତକ ପଦକୁ ନେଇ ବହୁ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏଥିରୁ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇଥିବା ଦୁଇ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ମିଳିପାରେ ବୋଲି ଶୁଣିବାକୁ ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମଭାବସ୍ଥ ଚନ୍ଦ୍ର ତୃତୀୟଷଷ୍ଠାଧିପ ବୁଧଙ୍କ ଦୃଷ୍ଟିରେ ପାରିବାରିକ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ମତାନ୍ତରଜନିତ କଳହକୁ ନେଇ ଚିନ୍ତିତ କରାଇବ। କିନ୍ତୁ ସୁଖଭାବସ୍ଥ ଶୁକ୍ରଙ୍କ ସୁପ୍ରଭାବରୁ ମନ ଭିତରର ଉତ୍ତେଜନାକୁ ନିୟନ୍ତ୍ରିତ କରି ସହୃଦୟତାର ସହ ବାକ୍ୟାଳାପ କରିବାରେ ସମର୍ଥ ହେବେ।

**ବୃଷ** ଚତୁର୍ଥାଧିପ ଚନ୍ଦ୍ରଙ୍କ ନିକଟରୁ ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ପରିବାରର ବ୍ୟତିକ୍ରମ ସକାଶେ ମନ ଭଲ ରହି ନ ପାରେ। କିନ୍ତୁ ଚନ୍ଦ୍ରଙ୍କ ଶୁଭଦୃଷ୍ଟି ପ୍ରଭାବରେ କୌଣସି ବନ୍ଧୁ, ସହକର୍ମୀ ସହଯୋଗର ହାତ ବଢାଇବା ଫଳରେ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ।

**ମିଥୁନ** ରାଶିରେ ପାପଗ୍ରହ ଏବଂ ଦ୍ୱିତୀୟସ୍ଥ ବୁଧ ଆପଣଙ୍କ ମନ ଭିତରର ଉତ୍ତେଜନାକୁ ପ୍ରକାଶ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ। ଫଳରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ପୂର୍ଣ୍ଣ ଆଶଙ୍କା ରହିଛି। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ବ୍ୟୟାଧିପତି ତୃତୀୟାଧିପତିଙ୍କ ସହ ଅବସ୍ଥାନ କରି ରାଶିରେ ଥିବାରୁ ବନ୍ଧୁଙ୍କ ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଅବଶ୍ୟ ଚନ୍ଦ୍ରଙ୍କ ଦୃଷ୍ଟିରୁ ସୁସ୍ଥ ଚିନ୍ତାଧାରା ହେତୁ ପରିସ୍ଥିତି ପ୍ରତି ସଚେତନ ରହି କାମ କରିବା ଦ୍ୱାରା ପ୍ରତ୍ୟେକ ସମସ୍ୟାକୁ ଟାଳି ଦେଇପାରିବେ। ପାରସ୍ପରିକ ମତଭେଦ କାରଣରୁ ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** ଚନ୍ଦ୍ରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପରୀତ ରାଜଯୋଗ ଆପଣଙ୍କ କାର୍ଯ୍ୟସିଦ୍ଧିରେ ସହାୟକ ହେବ। ଆନୁଷ୍ଠାନିକ କାମ ଓ ସଭାସମିତିରେ ତଥା କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅଫିସିଆଲି କାମକ୍ଷେତ୍ରରେ ପୂର୍ବରୁ ଲାଗି ରହିଥିବା ସମସ୍ୟାର ସମାଧାନପୂର୍ବକ ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ।

**କନ୍ୟା** ଏକାଦଶସ୍ଥ ରାଶ୍ୟାଧିପତି ବୃହସ୍ପତିଙ୍କ ନକ୍ଷତ୍ରସ୍ଥ ଯୋଗୁଁ ପାରିବାରିକ,ବ୍ୟବସାୟିକ ତଥା ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ମନ୍ଦ ହେବନି। କିନ୍ତୁ ଦ୍ୱିତୀୟଭାବ ଗ୍ରହଶୂନ୍ୟତା କାରଣରୁ ଆର୍ଥିକ ସଂକଟ ମଧ୍ୟରେ ଗତି କରିପାରନ୍ତି। ନିଜ ପରିସରରେ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ।

**ତୁଳା** କର୍ମାଧିପତିଙ୍କ ନକ୍ଷତ୍ରରେ ରାଶ୍ୟାଧିପତି ଅବସ୍ଥାନ କରି ଅଷ୍ଟମସ୍ଥ ଯୋଗୁ କର୍ମଜଞ୍ଜାଳ ବୃଦ୍ଧିଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ଶନିକ୍ଷେତ୍ରସ୍ଥ ଚନ୍ଦ୍ର ଯୋଗୁ କାହାକୁ କିଛି ନ କହିଲେ ମଧ୍ୟ ମନ ଭିତରଟା ବିଶେଷ ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ଠାରୁ ଦୂରତା ରଖି କାମ କରିବା ଭଲ ହେବ।

**ବିଛା** ସୁଖଭାବରେ ଶନି ପ୍ରଭାବରୁ ଆପଣଙ୍କ ନୀରବତା ଅନ୍ୟମାନଙ୍କ ସନ୍ଦେହକୁ ଦ୍ୱିଗୁଣିତ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଆପଣ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇବେ।

**ଧନୁ** କୌଣସି ପ୍ରକାରର ଅସୁବିଧା ନ ଥିଲେ ମଧ୍ୟ ପାପଗ୍ରହଙ୍କ କୁପ୍ରଭାବରୁ ଦୈହିକ ଓ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବନାହିଁ। ଫଳରେ ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟିହେବାର ସୂଚନା ରହିଛି। କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ।

**ମକର** ସପ୍ତମାଧିପତି ଚନ୍ଦ୍ର ସ୍ୱଗୃହୀ ହେତୁ ଆଗାମୀ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବିବାହ ପ୍ରସ୍ତାବ ସମ୍ପର୍କୀୟ ଚିନ୍ତାରେ ଆପଣଙ୍କୁ ନିମଗ୍ନ କରାଇପାରେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ପାପଗ୍ରହ କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସ୍ୱଗୃହୀ ଶୁକ୍ର ପ୍ରଭାବରୁ ବନ୍ଧୁ ସମ୍ପର୍କ, ପରିବହନ, ବିବାଦୀୟ ପରିସ୍ଥିତି, ସଭାସମିତି ଓ ଆନୁଷ୍ଠାନିକ କାମରେ ବିଶେଷ ଅସୁବିଧା ହେବନାହିଁ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଦୈହିକ ସୁସ୍ଥ ସଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ,ସହଯୋଗ ଆପଣଙ୍କ କଥା ଓ କାମରେ ସହାୟକ ହେବ। ପିଲାମାନଙ୍କ ସମସ୍ୟା ପାଇଁ ମନ ଅସ୍ଥିର ରହିବ ଓ ମାନସିକ ବ୍ୟଥା ଅନୁଭବ କରିବେ। ଦୁର୍ବଳ ଓ ପାପଗ୍ରସ୍ତ ଧନାଧିପତି କାରଣରୁ ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ।

ଆଜି ଆଷାଢ଼ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୬।୪୯ମି. ମଧ୍ୟେ ଘ.୪ ।୩୪ମି. ଗତେ, ଘ.୬।୧୬ମି. ମଧ୍ୟେ ଅମୃତ ବେଳା। ଦିବା ଘ.୬।୪୯ମି. ଗତେ ଘ.୮ ।୨୧ମି. ମଧ୍ୟେ, ଘ.୧୧ ।୪୨ମି. ଗତେ ଘ.୧ ।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦ ।୦୯ମି. ଗତେ, ଘ.୧୧ ।୪୮ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

automobile

**HIRE**

ମାସିକିଆ ଭଡ଼ାସୂତ୍ରରେ ଟାଟା ମ୍ୟାଜିକ୍ ଏବଂ ଅଟୋ ଆବଶ୍ୟକ। Call: 7609893102, 8637294131. D-66577

real estate

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଭୁବନେଶ୍ୱର New Railway Station ପାଖରେ ଘରବାରି sqft. 450/-ରେ ମିଳୁଛି। 9439690111. D-66142

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9 9 3 8 5 0 1 3 2 4 , 7064471511. D-66706

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7 8 0 9 5 2 5 4 5 2 , 8249851363.** D-66907

2BHK simplex 25,50,000/- finishing Hanspal (Bank finance available)- 7 8 9 4 9 1 9 7 5 0 , 9668194157. D-66490

GA plot 2700sqft. with building 4300sqft. at Ghatikia, Bhubaneswar, price 235Lakhs. Genuine buyers please contact: 9178518254. D-66492

Own plot 17500sqft. with boundary adjacent to 30ft. wide blacktop road near IIT, Bhubaneswar just 3km. from Jatni station 200 psqft. 9437580925. D-66143

1200 sqft. land 900 construction simplex sale ବ୍ରାହ୍ମଣଝରିଲୋ ନଖରାରୁ ୬ କିଲୋମିଟର 25,00,000/- LIC approved. 9437306208 D-66144

2000 sqft. of land in Bhagabatipur near Kateni Chhak for sale. 9937162220. D-66145

2BHK flat of 1120 sqft. in 2nd floor near Kateni Chhak is for sale. 9937162220. D-66146

to-let

3BHK Single house at Laxmisagar Jagannathnagar, Bhubaneswar lane-6 for rent. Contact: 8144944876. D-52897

2BHK first floor house near ITER Dumduma, family only. Contact: 9 0 7 8 0 2 4 4 7 4 , 9937849309. D-64975

**For godown, stockyard 24400 sqft. plot infront of Tata Motors, Pitapalli- NH, Khurda and 40,000 sqft. plot at Pitapalli bypass adjacent to Biswas College shed will be prepaid as per your requirement. Contact : 9 9 3 7 0 8 0 0 6 0 , 9437027643.** D-13048

2500 sqft. available for godown at Bhanpur, near Telengapentha. Please call: 9437033691 D-65655

Commercial space 1400 sqft. first and second floor each, Bapujinagar, 9861082582. D-66536

Family accomodation at Shailashree Vihar DAV, Chandrasekharpur, Bhubaneswar- 9338089477. D-66494

healthcare

Monalisa club full body massage with hiprofile smart lady air-condition rooms available hurry up ! 9708545108. D-13040

Ayurvedic full body massage ladies/ gents smart experts therapist. 9114697517. D-66906

Summer special mesmerizing offer expert therapeutic refreshing massage appointment. 9668374480. D-66579

Kajal ayurvedic massage club fully relaxed by smart lady, home service available. 9937637219. D-66909

New new openly fullbody massage ladies, gents AC room- 7609923705. D-38556

**AFFIDAVIT**

I, Smt. Snehalata Das C/o Shri Neelachala Dash of Amunia street, Purusottampur, Ganjam, Odisha - 761018 holder of Indian Passport No.S6351347 have changed my name to Snehalata Dash with immediate effect with an affidavit at City Notary, Bhubaneswar. D-66908

By affidavit before Notary, Puri.CF. No- 15AA 978517/8, Dtd. 28.01.2018, I have been changed surname from "Mahapatra" to "Mohapatra" At- Bashelisahi, Po/Dist- Puri that since from my 10th certificate is with Lilima Mohapatra. I have been recognized identified & known as Lilima Mahapatra to "Lilima Mohapatra" for all purposes. D-63778

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜିଲା ଚିଠି
### କଳାହାଣ୍ଡି

# ଅସୁରକ୍ଷିତ ଫଡ଼ିଘର

କେନ୍ଦୁପତ୍ରକୁ କେହି କେହି ସବୁଜ ହୀରା ବୋଲି କୁହନ୍ତି। କେନ୍ଦୁପତ୍ରର ଆୟ ରାଜ୍ୟ ରାଜକୋଷକୁ ସମୃଦ୍ଧ କରେ। ଲକ୍ଷାଧିକ ତୋଳାଳିଙ୍କ ଜୀବନଜୀବିକାର ସେହି କେନ୍ଦୁପତ୍ର ଉପରେ ନିର୍ଭର କରିଥାଏ। ହେଲେ କେନ୍ଦୁପତ୍ର ବନ୍ଧାରେ ନିୟୋଜିତ ଶହ ଶହ ଶ୍ରମିକ ଆଜି ଶୋଷିତ, ନିଷ୍ପେଷିତ। ସାଧାରଣତଃ ପତ୍ରବନ୍ଧା କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ଶ୍ରମିକ ଗୋଷ୍ଠୀଙ୍କ ଦ୍ୱାରା ହୋଇଥାଏ। ପ୍ରତିବର୍ଷ ମେ, ଜୁନ, ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବରରେ ପତ୍ର ବନ୍ଧାଳି ଯାଯାବର ଭାବେ ନିଜ ପରିବାରକୁ ନେଇ ଦିନ କାଟିଥାନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସରକାର ବ୍ୟାପକ ବ୍ୟବସ୍ଥା କରିଥିବା ଘୋଷଣା କରିଛନ୍ତି। ହେଲେ କଳାହାଣ୍ଡି କେନ୍ଦୁପତ୍ର ବନଖଣ୍ଡର ବିଭିନ୍ନ ରେଞ୍ଜର ଫଡ଼ିଘରେ ପତ୍ର ବାନ୍ଧୁଥିବା ଶ୍ରମିକମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ଭାବେ ଏହି କାର୍ଯ୍ୟ କରିଥାନ୍ତି। କେନ୍ଦୁପତ୍ର ତୋଳାଠାରୁ ଆରମ୍ଭ କରି ଶୁଖା ଏବଂ ବିଡ଼ା ବାନ୍ଧିବା ପର୍ଯ୍ୟନ୍ତ ସବୁ କାମ ଠିକ୍ ହେଲେ ଯାଇ କେନ୍ଦୁପତ୍ରର ଗୁଣବତ୍ତା ରକ୍ଷା ହୁଏ। ଠିକ୍ ଗୁଣବତ୍ତା ରହିଲେ ସେହି ପତ୍ର ଉଚ୍ଚ ଦରରେ ବିକ୍ରି ହୋଇଥାଏ। ତା'ର ଫାଇଦା ବିଭାଗ ପାଇଥାଏ। ଏଣୁ ବିଭିନ୍ନ ଫଡ଼ି ଘରେ ଗଚ୍ଛିତ ରହୁଥିବା କେନ୍ଦୁପତ୍ରକୁ ମେ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପତ୍ର ବନ୍ଧାଳିମାନେ ବାନ୍ଧି ରେଞ୍ଜର ମୁଖ୍ୟ ଗୋଦାମକୁ ପଠାଇଥାନ୍ତି। ପତ୍ର ବନ୍ଧାଳି ପରିବାର ଏହି ବନ୍ଧା କାମକୁ ଏକ ପାରିବାରିକ ବୃତ୍ତି ଭାବେ ଆପଣେଇ ନେଇଛନ୍ତି। ସେମାନଙ୍କ ପୁଅ, ଝିଅ ଏହି ୫ ମାସ ସ୍କୁଲ ବାରଣ୍ଡା ମାଡ଼ି ପାରି ନ ଥାନ୍ତି। ପୂର୍ବରୁ କେନ୍ଦୁପତ୍ର ବିଭାଗ ଶ୍ରମିକମାନଙ୍କ ପୁଅ ଝିଅଙ୍କ ଶିକ୍ଷା ବ୍ୟବସ୍ଥା ପାଇଁ ଫଡ଼ିଘର ପରିସରରେ ଅସ୍ଥାୟୀ ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ଖୋଲିବାର ବ୍ୟବସ୍ଥା କରିଥିଲେ। ହେଲେ ଏବେ ସେହି ବ୍ୟବସ୍ଥା ବନ୍ଦ ରହିଛି। ଏଥିଯୋଗୁ ପତ୍ର ବନ୍ଧାଳି ପରିବାରର ପିଲାମାନେ ପାଠ ପଢ଼ିବାରୁ ବଞ୍ଚିତ ହୋଇଛନ୍ତି। ଶିଶୁ, କିଶୋରୀ, ମହିଳାଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଥିଲେ ହେଁ ଏମାନଙ୍କ ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ଆଦୌ ସୁରକ୍ଷିତ ନ ଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ବ୍ୟବହାର ପାଇଁ ମଶାରିଟିଏ ଦିଆଯାଉ ନାହିଁ। ମାଛି ସେମାନଙ୍କ ଚିର ସହଚର ହୋଇଛନ୍ତି। ପରିମଳ ବ୍ୟବସ୍ଥା କଥା ନ କହିବା ଭଲ। ଫଡ଼ିଘରେ ବନ୍ଧାଳି ଶ୍ରମିକମାନେ ବିପଦସଙ୍କୁଳ ଭାବେ କାମ କରୁଛନ୍ତି। ପ୍ରତି ପରିବାରକୁ ବିଭିନ୍ନ ଫଡ଼ିଘରେ ଗୋଟିଏ ଲେଖାଏ ଖୁଣ୍ଟି ଦେଇ ପତ୍ର ବନ୍ଧା ଯାଇଥାଏ। ସେହି ଖୁଣ୍ଟିକୁ ନେଇ ସେମାନଙ୍କୁ ମଜୁରି ପ୍ରଦାନ କରାଯାଇଥାଏ। ହେଲେ ଖୁଣ୍ଟି ପ୍ରଦାନ ବିଭାଗୀୟ କର୍ମଚାରୀମାନଙ୍କ ଦୟା ଉପରେ ନିର୍ଭର କରିଥାଏ। ଏଥିଯୋଗୁ ବହୁ ବନ୍ଧାଳି ହାତବାନ୍ଧି ବସୁଛନ୍ତି। ଏପରିକି କେନ୍ଦୁପତ୍ର ବନ୍ଧାଳିମାନଙ୍କୁ ଦୈନନ୍ଦିନ ଖର୍ଚ୍ଚ ପାଇଁ ଯେଉଁ ଅର୍ଥ ଦିଆଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଅଭିଯୋଗ ହୋଇଛି।

– ସଞ୍ଜୀବ କୁମାର ଜୋଷୀ

# ଶ୍ରୀମନ୍ଦିର ଭିତରେ ସେଲ୍‌ଫି

■ ସୋସିଆଲ ମିଡିଆରେ ଫଟୋ ଭାଇରାଲ

ପୁରୀ ଅଫିସ,୨୦।୬

ଶ୍ରୀମନ୍ଦିର ଭିତରେ ସେଲ୍‌ଫି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ଫଟୋ ଏଥର କୌଣସି ଭକ୍ତଙ୍କର ନୁହେଁ ବରଂ ଖୋଦ୍ ସେବାୟତଙ୍କର ବୋଲି ଜଣାପଡ଼ିଛି। ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ଜଣେ ପାଟରା ବିଶୋୟୀ ସେବାୟତ ସେଲ୍‌ଫି ନେଇ ତାକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଛନ୍ତି। ଏହି ଫଟୋ ଏବେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ରହିଛି। ଏହାସତ୍ତ୍ୱେ ଜଣେ ସେବାୟତ ସେଲ୍‌ଫି ନେଇ ତାକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ଥିଲେ ମଧ୍ୟ ଏହାକୁ ଅନେକେ ମାନୁନାହାନ୍ତି। ଭକ୍ତମାନେ ବିଭିନ୍ନ ସମୟରେ ମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଭିଡିଓ ରେକର୍ଡିଂ କରିବା ଘଟଣା ପଦାକୁ ଆସିଛି। ଏହାଦ୍ୱାରା ଶ୍ରୀମନ୍ଦିରର ଗୁପ୍ତ ତଥ୍ୟ ବାହାରକୁ ଚାଲିଯିବାର ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ଜଣେ ସେବାୟତ ସେଲ୍‌ଫି ନେବା ଘଟଣା ପ୍ରଶାସନିକ କଟକଣାକୁ ପ୍ରହସନ ବୋଲି ସ୍ପଷ୍ଟ କରୁଛି। ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପାଟରା ବିଶୋୟୀ ସେବାୟତମାନେ ମହାପ୍ରଭୁଙ୍କ ପାଇଁ ପଇତା ବୋଲୁଥିବାର ଫଟୋ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏହି ସମୟରେ ପାଟରା ବିଶୋୟୀ ସେବାୟତ ଅଶୋକ ପାତ୍ର ମୋବାଇଲରେ ସେଲ୍‌ଫି ନେଇଛନ୍ତି। ଏହି ଫଟୋ ଏବେ ଭାଇରାଲ ହୋଇଛି।




■ ସିଡିଏମ୍‌ଓ ସମ୍ମିଳନୀ ଉଦ୍‌ଯାପିତ

# ୭୦ ବର୍ଷ ଯାଏ କାର୍ଯ୍ୟ କରିପାରିବେ ଠିକା ଡାକ୍ତର


ଭୁବନେଶ୍ୱର,୨୦।୬(ବ୍ୟୁରୋ)

■ ବିନା ଅନୁମତିରେ ଛୁଟିରେ ରହିଲେ ହେବ କାର୍ଯ୍ୟାନୁଷ୍ଠାନ
■ ଡାକ୍ତରଖାନାରେ ଲାଗିବ ଡାକ୍ତରଙ୍କ ଡ୍ୟୁଟି ଚାର୍ଟ
■ ପ୍ରତି ମାସରେ ରିପୋର୍ଟ ଦେବେ ନୋଡାଲ ଅଫିସର

ଅବସର ପରେ ଠିକା ଡାକ୍ତରମାନେ ୭୦ ବର୍ଷ ଯାଏ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟ କରିପାରିବେ। ପୂର୍ବରୁ ଏହି ସୀମା ୬୮ ବର୍ଷ ଥିଲା। ଏଥିରେ ୨ବର୍ଷ ବୃଦ୍ଧି କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଗୁରୁବାର ଅନୁଷ୍ଠିତ ସିଡିଏମ୍‌ଓ ସମ୍ମିଳନୀରେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି। ଆସନ୍ତା ଜୁଲାଇ ୧୫ ସୁଦ୍ଧା କେଉଁ ଜିଲାରେ କେତେ ସଂଖ୍ୟକ ଅବସରପ୍ରାପ୍ତ ଡାକ୍ତର ରହିଛନ୍ତି, ତାହାର ଏକ ତାଲିକା ପ୍ରସ୍ତୁତ କରିବାକୁ ମଧ୍ୟ ମନ୍ତ୍ରୀ ସିଡିଏମ୍‌ଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅବସରପ୍ରାପ୍ତ ଡାକ୍ତରଙ୍କ ବୟସ ସୀମାକୁ ଦୁଇବର୍ଷ ବୃଦ୍ଧି କରିବା ସହିତ ୭୦ବର୍ଷ ବୟସ ହୋଇ ନ ଥିବା ଡାକ୍ତରମାନଙ୍କ ତଥ୍ୟ ଟ୍ରେଜେରିରୁ ସଂଗ୍ରହ କରିବାକୁ କୁହାଯାଇଛି। ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ସଂକ୍ରାନ୍ତରେ ସମ୍ମିଳନୀରେ ସମୀକ୍ଷା କରାଯାଇଥିଲା। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏବେ ମଞ୍ଜୁରୀପ୍ରାପ୍ତ ମୋଟ ୬,୭୧୯ ପଦବୀ ଥିବାବେଳେ ସେଥିରୁ ୫୧୩ ପଦବୀ ଖାଲି ପଡ଼ିଛି। ଡାକ୍ତରଙ୍କ ସଂଖ୍ୟା କମ୍ ରହିଥିବା ବେଳେ କେତେକ ସ୍ଥାନରେ ବିନା ଅନୁମତିରେ ଡାକ୍ତରମାନେ ଅନୁପସ୍ଥିତ ରହୁଛନ୍ତି। ଏଭଳି ଘଟଣାକୁ ଏଣିକି ବରଦାସ୍ତ କରାଯିବ ନାହିଁ ଏବଂ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି।

କାର୍ଯ୍ୟରତ ଡାକ୍ତରମାନଙ୍କର ତାଲିକା ପ୍ରସ୍ତୁତ ସହିତ କେଉଁ ସମୟରେ କେଉଁ ଡାକ୍ତର ଚିକିତ୍ସାଳୟରେ ଉପସ୍ଥିତ ରହିବେ, ସେ ସଂକ୍ରାନ୍ତୀୟ 'ଡ୍ୟୁଟି ଚାର୍ଟ' ଡାକ୍ତରଖାନାରେ ଲଟକା ଯିବ। ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ପାଇଁ ଜିଲା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଫିସରମାନେ ଏଣିକି ପ୍ରତି ମାସରେ ଜିଲା ଗସ୍ତ କରିବେ। ସେଠାରେ ଥିବା ସମସ୍ୟା ଓ ତାହାର ସମାଧାନ ସଂକ୍ରାନ୍ତୀୟ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅର୍ଥ ପ୍ରଦାନ କରୁଥିବା ବେଳେ ତାହାର ଉପଯୁକ୍ତ ବିନିଯୋଗ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଦାନ ମାଝି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସିଡିଏମ୍‌ଓମାନଙ୍କୁ ମନ୍ତ୍ରୀ କହିଛନ୍ତି। କୌଣସି ମୃତ ରୋଗୀଙ୍କୁ ଡାକ୍ତର ସାର୍ଟିଫିକେଟ ପ୍ରଦାନ ପୂର୍ବରୁ ମୃତକଙ୍କ ସମ୍ପର୍କୀୟ ଚାହିଁଲେ ସେମାନଙ୍କୁ ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ। ସିଡିଏମ୍‌ଓ ସମ୍ମିଳନୀର ଶେଷ ଦିବସରେ ବିଭାଗୀୟ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟସେବା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଜିଲାୱାରୀ ସମୀକ୍ଷା କରିଥିଲେ।




ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଗୁରୁବାର ପୁରୀ ସମୁଦ୍ର ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ୨୪ରୁ ଯୁକ୍ତ୩ ନାମଲେଖା

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଜୁନ୍ ୨୪ରୁ ଆରମ୍ଭ ହେବ ଯୁକ୍ତ୩ ନାମଲେଖା ପ୍ରକ୍ରିୟା। ଯୁକ୍ତ୩ ଡିଗ୍ରୀ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ସହ ସେଲ୍ଫ ଫାଇନାନ୍ସିଂ ଡିଗ୍ରୀ କଲେଜ ଓ ସଂସ୍କୃତ(ଶାସ୍ତ୍ରୀ) କଲେଜ ପାଇଁ ଏହି ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିପାଇଁ www.samsodisha.gov.in ୱେବ୍‌ସାଇଟ୍‌ରେ ୨୪ତାରିଖ ପୂର୍ବାହ୍ନ ୧୧ଟାରୁ ଇ-ଆଡ୍‌ମିଶନ ଫର୍ମ ଉପଲବ୍ଧ ହେବ। ଜୁଲାଇ ୮ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏହି ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ। ଏହାପରେ ଆଉ ଆବେଦନ ପାଇଁ ସୁଯୋଗ ମିଳିବ ନାହିଁ। ୧୧ତାରିଖ ଅପରାହ୍ନ ୫ଟା ସୁଦ୍ଧା ଆବେଦନକାରୀମାନେ ସମସ୍ତ ଡକ୍ୟୁମେଣ୍ଟ ଓ ଫି' ଏସ୍‌ଏଏମ୍‌ଏସ୍ ରିସୋର୍ସ ସେଣ୍ଟରରେ ଦାଖଲ କରିବାକୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଚଳିତବର୍ଷ ରାଜ୍ୟରେ ୫୨୬ ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍(ଏସ୍‌ଏଏମ୍‌ଏସ୍) ରିସୋର୍ସ ସେଣ୍ଟର ଖୋଲାଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଜୁଲାଇ ୧୮ରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ୧୯ରୁ ୨୪ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ଅଗଷ୍ଟ ୫ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବାକୁ ଥିବାବେଳେ ଏହି ପର୍ଯ୍ୟାୟ ପାଇଁ ନାମଲେଖା ଅଗଷ୍ଟ ୬ରୁ ୧୧ତାରିଖ ମଧ୍ୟରେ କରାଯିବ। ବଳକା ସିଟ୍ ଲାଗି ୧୪ରେ ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ ତାଲିକା ପ୍ରକାଶ ପାଇବ। ୧୭ରେ ନାମଲେଖା ଅନୁଷ୍ଠିତ ହେବ। ୨୪ରୁ ଯୁକ୍ତ୩ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି କୁହାଯାଇଛି।

airtel

## ନିରପେକ୍ଷ ବିଜ୍ଞପ୍ତି
### ଭାରତୀ ଏୟାରଟେଲ ଲିମିଟେଡ

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 31 ଡିସେମ୍ବର, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ଜୁନ, 2019 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ଜୁନ, 2019 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ଜୁନ, 2019 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ଜୁନ, 2019 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341710000001216ରୁ 1341801000141338।

ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024

# ଘୁଞ୍ଚିଲା ଯୁକ୍ତ୨ ନାମଲେଖା ଅବଧି

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଯୁକ୍ତ୨ ନାମଲେଖା ଅବଧିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଅବଧି ୫ ଦିନ ବୃଦ୍ଧି କରାଯାଇଛି। ପୂର୍ବରୁ ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ଜୁନ୍ ୨୦ ଅର୍ଥାତ୍ ଗୁରୁବାର ପର୍ଯ୍ୟନ୍ତ ରହିଥିବା ବେଳେ ଏବେ ୨୫ତାରିଖକୁ ବୃଦ୍ଧି କରାଯାଇଛି। ଏହାସହିତ ଅଫ୍‌ଲାଇନ୍ ଆବେଦନ ଅବଧି ୨୬ତାରିଖ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି।

ଯୁକ୍ତ୨ରେ ନାମ ଲେଖାଇବା ପାଇଁ ଜୁନ୍ ୬ରୁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆବେଦନର ଶେଷ ତାରିଖ ଜୁନ୍ ୨୦ ପର୍ଯ୍ୟନ୍ତ ରହିଥିଲା। ବର୍ତ୍ତମାନ ଏହାକୁ ବୃଦ୍ଧି କରାଯାଇଥିବା ବେଳେ ଛାତ୍ରୀଛାତ୍ର ୨୫ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୨୬ତାରିଖ ଅପରାହ୍ନ ୫ଟା ସୁଦ୍ଧା ସମସ୍ତ ଡକ୍ୟୁମେଣ୍ଟ ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ(ଏସ୍‌ଏଏମ୍‌ଏସ୍) ରିସୋର୍ସ ସେଣ୍ଟରରେ ଦାଖଲ କରିପାରିବେ। ଜୁଲାଇ ୨ ଅପରାହ୍ନ ୨ଟାରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏହାପରେ ୩ରୁ ୬ତାରିଖ ଯାଏ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ୧୨ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ ଏବଂ ୧୨ରୁ ୧୬ତାରିଖ ମଧ୍ୟରେ ନାମଲେଖା ଅନୁଷ୍ଠିତ ହେବ। ୧୭ତାରିଖ ଅପରାହ୍ନ ୫ଟା ସୁଦ୍ଧା ନାମଲେଖା ସମ୍ପର୍କିତ ତଥ୍ୟ ଅନ୍‌ଲାଇନ୍‌ରେ ବାହାରିବ। ୨୦ରେ ବଳକା ସିଟ୍ ତାଲିକା ପ୍ରକାଶ ପାଇବ। ୨୪ରୁ ୨୬ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ। ଜୁଲାଇ ୨୯ରୁ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି ଗୁରୁବାର ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

■ ଓଭରବ୍ରିଜ୍ ୱାଲ୍‌ରେ ପିଟି ହୋଇଗଲା ବାଇକ୍

# ୨ ସାଙ୍ଗ ମୃତ, ଜଣେ ଗୁରୁତର

**ପୁରୀ ଅଫିସ, ୨୦।୬:** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀପାଟପୁର ଓଭରବ୍ରିଜରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଭାରସାମ୍ୟ ହରାଇ ଓଭରବ୍ରିଜ୍ ୱାଲ୍‌ରେ ପିଟିହୋଇ ଯିବାରୁ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଭଦ୍ରକର ରୁଦ୍ରପ୍ରତାପ ବାରିକ (୨୦) ଓ ବିଶ୍ୱଜିତ ବାରିକ (୨୧)। ସେହିପରି ଆହତ ଜଣକ ହେଲେ ରାକେଶ କୁମାର ବାରିକ (୨୨)। ପୁରୀ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୂଚନାଯୋଗ୍ୟ, ଭଦ୍ରକର ରୁଦ୍ରପ୍ରତାପ, ବିଶ୍ୱଜିତ, ରାକେଶ, ଚନ୍ଦନ ଓ ଦୀପୁ ବାରିକ ଭୁବନେଶ୍ୱରର ଶହୀଦନଗରସ୍ଥିତ ଏକ ବିଉଟିପାର୍ଲରରେ କାର୍ଯ୍ୟ କରନ୍ତି। ବୁଧବାର ସନ୍ଧ୍ୟାରେ ସେମାନେ ଜଣେ ବନ୍ଧୁଙ୍କ ଭୋଜିରେ ଯୋଗଦେଇ ବିଳମ୍ବିତ ରାତି ପ୍ରାୟ ସାଢ଼େ ୨ଟାରେ ଦୁଇଟି ବାଇକ୍ ଯୋଗେ ପୁରୀ ବୁଲିବାକୁ ବାହାରିଥିଲେ। ଗୋଟିଏ ବାଇକ୍‌ରେ ରୁଦ୍ରପ୍ରତାପ, ବିଶ୍ୱଜିତ ଓ ରାକେଶ ଆସୁଥିଲେ। ଅନ୍ୟ ବାଇକ୍‌ରେ ଚନ୍ଦନ ଓ ଦୀପୁ ଥିଲେ। ଗୁରୁବାର ଭୋର ୪ଟାରେ ରୁଦ୍ରପ୍ରତାପ ବାଇକ୍ ଚଳାଇ ପୁରୀ ସଦର ଥାନା ଅଧୀନ ମାଳତୀପାଟପୁର ଓଭରବ୍ରିଜ ଦେଇ କୋଣାର୍କ ଆଡ଼କୁ ଯାଉଥିଲେ। ଏହି ସମୟରେ ଓଭରବ୍ରିଜ ନିକଟ ହମ୍ପସରେ ବାଇକ୍‌ଟି ନିୟନ୍ତ୍ରଣ ହରାଇ ଓଭରବ୍ରିଜ ୱାଲ୍ ସହ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ରୁଦ୍ରପ୍ରତାପଙ୍କ ଜୀବନ ଚାଲିଯାଇଥିଲା। ବିଶ୍ୱଜିତ ଓ ରାକେଶ ବାଇକ୍‌ରୁ ଛିଟିକି ବ୍ରିଜ୍ ତଳକୁ ଖସିପଡ଼ିଥିଲେ। ଖବର ପାଇ ପୁରୀ ସଦର ଥାନା ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବିଶ୍ୱଜିତଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଏ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।



> ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ।
> -ଶ୍ରୀମା

# ମରୁଡ଼ି ଆଶଙ୍କା

ଚଳିତବର୍ଷ ମୌସୁମୀ କେରଳରେ ଗୋଟିଏ ସପ୍ତାହ ବିଳମ୍ବରେ ପହଞ୍ଚିବା ପରେ ତା'ର ଧିମା ଗତି ନାନା ଆଶଙ୍କା ସୃଷ୍ଟି କରିଛି। ଜୁନ୍ ମାସରେ ଯେତିକି ବର୍ଷା ହେବା କଥା ବର୍ତ୍ତମାନ ସୁଦ୍ଧା ତା'ଠାରୁ ୪୦ ପ୍ରତିଶତ କମ୍ ହୋଇଛି। ଦେଶର ଅଧିକାଂଶ ଅଞ୍ଚଳରେ କୃଷି ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ଓଡ଼ିଶା ତ ମୌସୁମୀ ଉପରେ ଆହୁରି ଅଧିକ ନିର୍ଭରଶୀଳ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ୨୦୧୯ ବର୍ଷରେ ହାରାହାରି ବା ମଧ୍ୟମ ଧରଣର ବୃଷ୍ଟିପାତ ହେବ ବୋଲି ପୂର୍ବାନୁମାନ କରିଥିବା ବେଳେ ଘରୋଇ ସଂସ୍ଥା ସ୍କାଇମେଟ୍ ପକ୍ଷରୁ ସ୍ୱାଭାବିକତାଠାରୁ କମ୍ ବର୍ଷା ହେବ ବୋଲି କୁହାଯାଇଛି। ପ୍ରାକ୍‌ମୌସୁମୀ ବର୍ଷା ବିଳମ୍ବରେ ଆରମ୍ଭ ହୋଇଥିବାରୁ ସବୁଆଡ଼େ ଧାନବୁଣା ଓ ତଳିରୁଆ କାର୍ଯ୍ୟ ଧିମେଇଯାଇଛି। ଏଥିରୁ ଯେପରି ସୂଚନା ମିଳୁଛି ଯେ, ଦେଶର କିଛି ଅଂଶ ନିଶ୍ଚିତରୂପେ ମରୁଡ଼ିକୁ ସାମ୍ନା କରିବ। ଆମ ରାଜ୍ୟ ମଧ୍ୟ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇପାରେ।

ମୌସୁମୀ ଜୁନ୍ ପହିଲାରେ କେରଳରେ ପହଞ୍ଚିବା କଥା, ଯାହା ଏ ବର୍ଷ ଜୁନ୍ ୮ ତାରିଖରେ ପହଞ୍ଚିଲା। ତେବେ ଆରବ ସାଗରରେ ବାତ୍ୟା 'ବାୟୁ' ସୃଷ୍ଟି ହେବା ଯୋଗୁ ତାହା ମୌସୁମୀ ବାୟୁରୁ ଅନେକ ଜଳୀୟ ବାଷ୍ପ ଟାଣିନେଲା, ଯାହାଫଳରେ ଏହାର ଗତି ଦୁର୍ବଳ ହୋଇଗଲା। ମୌସୁମୀ ସାଧାରଣତଃ ବର୍ତ୍ତମାନ ସୁଦ୍ଧା ଦେଶର ଅଧାଅଧି ଅଞ୍ଚଳରେ ପ୍ରବାହିତ ହୋଇସାରିଥାଏ। କିନ୍ତୁ ଏ ବର୍ଷ ତାହା ଦେଶର ମାତ୍ର ଚଉଠ ଭାଗକୁ ପ୍ରବାହିତ ହୋଇଛି। ସ୍ୱଳ୍ପ ବୃଷ୍ଟିପାତ କୃଷିକ୍ଷେତ୍ରର ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତାହା ଖାଉଟିମାନଙ୍କ ଚାହିଦା ଉପରେ ନକାରାତ୍ମକ ପ୍ରଭାବ ପକାଇବା ସହ ଦେଶର ସାମଗ୍ରିକ ଅର୍ଥନୀତି ଓ ଅର୍ଥ ବଜାରକୁ ସଙ୍କୁଚିତ କରିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି, ଯାହା ଅନେକ ବର୍ଷ ଭିତରେ ସବୁଠୁ ମାନ୍ଦା। ଦୁର୍ବଳ ମୌସୁମୀ ଏବଂ ତଜ୍ଜନିତ କୃଷି ଉତ୍ପାଦନରେ ହ୍ରାସ ଓ କୃଷକଙ୍କ ଦୁରବସ୍ଥା ଦେଶର ଅର୍ଥନୀତିକୁ ସୁଧାରିବାରେ ଦୀର୍ଘସ୍ଥାୟୀ ପ୍ରତିବନ୍ଧକ ସୃଷ୍ଟି କରିବ। ବିଳମ୍ବିତ ମୌସୁମୀ ଓ ତା'ର ଧିମା ଗତି ନିରବଚ୍ଛିନ୍ନ ବୃଷ୍ଟିପାତ ଆରମ୍ଭ କରିବାକୁ ସପ୍ତାହେ ବା ଦୁଇ ସପ୍ତାହ ଡେରି କରିବ, ଯାହା ଅତୀତରେ ଦେଖାଯାଇଛି। ଜୁନ୍ ମାସରେ ସ୍ୱଳ୍ପ ବୃଷ୍ଟିପାତ ହେଲେ ଜୁଲାଇ ମାସରେ ଅଧିକ ବୃଷ୍ଟିପାତ ହୋଇଥାଏ ଏବଂ ଓଡ଼ିଶା ପରି ରାଜ୍ୟରେ ଗୋଟିଏ ସପ୍ତାହ ଲଗାଣ ବର୍ଷା ହେଲେ ତାହା ବନ୍ୟା ବିପ୍ତାତ ସୃଷ୍ଟି କରିଥାଏ।

## ଆଜିର ଅର୍ଥନୀତି

ଭାରତରେ ବାର୍ଷିକ ବୃଷ୍ଟିପାତର ପ୍ରାୟ ୭୦ ପ୍ରତିଶତ ମୌସୁମୀ ଯୋଗୁ ହୋଇଥାଏ, ଯାହା ଧାନ, ଗହମ, ଆଖୁ ଓ ସୋୟାବିନ୍ ପରି ତୈଳବୀଜ ଉତ୍ପାଦନରେ ସାହାଯ୍ୟ କରେ। ଭାରତର ୨.୫ ଟ୍ରିଲିୟନ ଡଲାରର ଅର୍ଥନୀତି ବା ମୋଟ ଅର୍ଥନୀତିର ପ୍ରାୟ ୧୫ ପ୍ରତିଶତ କୃଷି ଉପରେ ନିର୍ଭର କରେ। କିନ୍ତୁ ଏହା ଉପରେ ଦେଶର ୧୩୦ କୋଟି ଜନତାଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ନିର୍ଭର କରନ୍ତି। ଭଲ ମୌସୁମୀ ପାଇଁ କୃଷି ଉତ୍ପାଦନ ଅଧିକ ହେଲେ ବିଶେଷତଃ ଗ୍ରାମାଞ୍ଚଳରେ ଖାଉଟି ସାମଗ୍ରୀର ଚାହିଦା ବୃଦ୍ଧି ପାଏ। ଏହା ସବୁ ପ୍ରକାର ଅଟୋମୋବାଇଲ ଶିଳ୍ପରେ ଚାହିଦା ବୃଦ୍ଧିରେ ସହାୟକ ହୁଏ। ବ୍ୟବସାୟିକ ଗାଡ଼ି ଓ ଦୁଇଚକିଆ ଯାନର ବିକ୍ରି ବୃଦ୍ଧି ପାଏ। ନିର୍ମାଣ ଶିଳ୍ପର ବିକାଶରେ ଏହା ସାହାଯ୍ୟ କରେ। ଅର୍ଥନୀତି ସମୃଦ୍ଧ ହେଲେ ଗ୍ରାମାଞ୍ଚଳରେ ଖାଉଟି ସାମଗ୍ରୀର ବିକ୍ରି ବୃଦ୍ଧି ପାଇବା ସହ କମ୍ପାନୀଗୁଡ଼ିକର ଷ୍ଟକ୍ ମୂଲ୍ୟ ବୃଦ୍ଧି ପାଏ। ଧାନ ଓ ଗହମରେ ଭାରତ ଆତ୍ମନିର୍ଭରଶୀଳ, କିନ୍ତୁ ମରୁଡ଼ି ପଡ଼ିଲେ ବିଭିନ୍ନ ପ୍ରକାର ଡାଲି ଏବଂ ପାମୋଲିନ, ସୋୟାବିନ୍ ଓ ସୂର୍ଯ୍ୟମୁଖୀ ପ୍ରଭୃତି ତେଲ ଆମଦାନି ବୃଦ୍ଧି ପାଏ। ମୌସୁମୀ ବର୍ଷା ବିଭିନ୍ନ ଜଳଭଣ୍ଡାର ଓ ଭୂତଳ ଜଳଭଣ୍ଡାରକୁ ପୂର୍ଣ୍ଣ କରେ, ଯାହାଫଳରେ ଭଲଭାବରେ ଜଳସେଚନ କାର୍ଯ୍ୟ ହେବା ସହ ଜଳବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଏ। ବୃଷ୍ଟିପାତ ଅଧିକ ହେଲେ ଜଳସେଚନ ପାଇଁ କୂଅ ଓ ପୋଖରୀରୁ ପମ୍ପ ସାହାଯ୍ୟରେ ପାଣି ଉଠାଇବାକୁ ରିହାତି ମୂଲ୍ୟର ଡିଜେଲ ଚାହିଦା ହ୍ରାସ ପାଏ। ମରୁଡ଼ି ପଡ଼ିଲେ ସରକାର କୃଷକମାନଙ୍କୁ ଅଧିକ ଅନୁଦାନ ଦେବାକୁ ବାଧ୍ୟ ହୁଅନ୍ତି, ଯାହା ବିତ୍ତୀୟ ନିଅଣ୍ଟ ବୃଦ୍ଧିର କାରଣ ହୁଏ। ଭଲ ମୌସୁମୀ ବର୍ଷା ହେଲେ ସରକାରଙ୍କୁ ଏ ବାବଦରେ କମ୍ ଖର୍ଚ୍ଚ କରିବାକୁ ପଡ଼େ। ମରୁଡ଼ି ପଡ଼ିଲେ ପନିପରିବା ଓ ଡାଲିର ମୂଲ୍ୟ ବୃଦ୍ଧି ପାଇବ, ଯାହାଫଳରେ ଜନମଙ୍ଗଳ ଯୋଜନାଗୁଡ଼ିକରେ ସରକାରଙ୍କୁ ଅଧିକ ବ୍ୟୟ କରିବାକୁ ପଡ଼ିବ। ଏବେ ବିଳମ୍ବିତ ଓ ଦୁର୍ବଳ ମୌସୁମୀ ରାଜ୍ୟରେ ମରୁଡ଼ି ଆଶଙ୍କା ସୃଷ୍ଟି କରିଛି।

# ନିର୍ବାଚନ ସଂସ୍କାର



ଶରତ ଚନ୍ଦ୍ର ମିଶ୍ର

ସପ୍ତଦଶ ଲୋକ ସଭା ନିର୍ବାଚନ ନିର୍ବାଚନ କମିଶନ, ନିର୍ବାଚନ ଅଧିକାରୀ, ରାଜ୍ୟ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ହେତୁ ସଫଳ ଭାବରେ ସମାପ୍ତ ହୋଇଛି। ଆମ ଭାରତରେ ନିର୍ବାଚନ ମାଧ୍ୟମରେ ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ସତ୍ତ୍ୱେ ବିଶ୍ୱପ୍ରସିଦ୍ଧ Economic Intelligence Unit ଭାରତକୁ ଦୋଷଯୁକ୍ତ ଗଣତନ୍ତ୍ର (Flawed Democracy) ବୋଲି ଗଣନା କରେ ଓ ଭାରତରେ ନିର୍ବାଚନ ପଦ୍ଧତିରେ ସଂସ୍କାରର ଆବଶ୍ୟକତା ରହିଛି ବୋଲି ଦେଶରେ ଓ ବିଦେଶରେ ଅନେକେ ଅନୁଭବ କରନ୍ତି। ଆମ ନିର୍ବାଚନ ପଦ୍ଧତିରେ ପ୍ରକୃତ ଜନମତ ପ୍ରତିଫଳିତ ହୁଏନାହିଁ। ଉଦାହରଣ ସ୍ୱରୂପ ୨୦୧୪ ନିର୍ବାଚନରେ ମାତ୍ର ତିନିଭାଗରୁ ପ୍ରାୟ ଏକ ଭାଗ ଭୋଟ ପାଇ ଭାଜପା କେନ୍ଦ୍ରରେ ସରକାର ଗଠନ କରିଥିଲା। ମାତ୍ର ୨୦୧ ଜଣ ସାଂସଦ ପଚାଶ ଭାଗରୁ ଅଧିକ ଭୋଟ ପାଇଥିଲେ। ବହୁଜନ ସମାଜ ପାର୍ଟି ଦେଶର ସମୁଦାୟ ଭୋଟରୁ ୪୨% ଭୋଟ ପାଇ ମଧ୍ୟ ପାର୍ଲାମେଣ୍ଟରେ କୌଣସି ଗୋଟିଏ ସ୍ଥାନ ପାଇ ନ ଥିଲା। ଅନ୍ୟ ପକ୍ଷରେ ତୃଣମୂଳ କଂଗ୍ରେସ ୩୯% ଭୋଟ ପାଇ ପାର୍ଲାମେଣ୍ଟକୁ ୩୪ ଜଣ ପ୍ରତିନିଧି ପଠାଇଥିଲା। ଏ ବର୍ଷ (୨୦୧୯) ନିର୍ବାଚନରେ ବିଜେଡି ଓଡିଶାରେ ବିଧାନସଭାରେ ବିପୁଳ ସଂଖ୍ୟାରେ ବିଜୟ ଲାଭ କରିଛି। ଦଳର ଭୋଟ ହେଉଛି ଶତକଡା ୪୫ ଭାଗରୁ କିଛି ଅଧିକ। ତା'ର ଅର୍ଥ ସଂଖ୍ୟାଧିକ ଭୋଟର (ଶତକଡା ୫୫ ଭାଗ) ବିଜେଡି ସରକାର ଚାହିଁ ନ ଥିଲେ। ଭାଜପା ରାଜ୍ୟ ବିଧାନସଭା ପାଇଁ ପ୍ରାୟ ୩୨% ଭୋଟ ପାଇଲା ବେଳକୁ, ବିଧାନସଭାରେ ସଭ୍ୟ ସଂଖ୍ୟା ପ୍ରାୟ ୧୬%। ଜନମତକୁ ଠିକ୍ ଭାବରେ ସଦସ୍ୟ ଆବଣ୍ଟନରେ ପରିଣତ କରିପାରିବା ନିର୍ବାଚନର ଲକ୍ଷ୍ୟ ହେବା ଉଚିତ। ନତୁବା ଏହା ଅଗଣତାନ୍ତ୍ରିକ ହେବ ଓ ତା'ର କାରଣ ନିର୍ଣ୍ଣୟ କରି ତା'ର ସମାଧାନ ଉଦ୍ୟମ ହେବା ଆବଶ୍ୟକ।

ଆମ ଦେଶରେ ଦୁଇ ପ୍ରକାର ନିର୍ବାଚନ ପଦ୍ଧତି ପ୍ରଚଳିତ। ଲୋକ ସଭା ଓ ବିଧାନସଭା ନିମନ୍ତେ ଆମେ ବ୍ରିଟିଶ ଅନୁକରଣରେ First Past The Post System (FPTPS) ବ୍ୟବହାର କରୁ। ଏ ପ୍ରଥାରେ ଯେଉଁ ପ୍ରାର୍ଥୀ ସବୁଠାରୁ ଅଧିକ ଭୋଟ ପାଇଲା, ସେ ନିର୍ବାଚିତ ହୁଏ। ସେ ସମୁଦାୟ ଭୋଟରୁ ସଂଖ୍ୟାଧିକ ଭୋଟ ପାଇଛି କି ନାହିଁ ତାହା ବିଚାର କରାଯାଏ ନାହିଁ। ତେଣୁ ଜଣେ ପ୍ରାର୍ଥୀର ସପକ୍ଷ ଭୋଟ ଅପେକ୍ଷା, ସମୁଦାୟ ବିପକ୍ଷ ଭୋଟ ଅଧିକ ହେଲେ ମଧ୍ୟ ସେ ନିର୍ବାଚିତ ହୁଏ। ଆମ ଦେଶରେ ସଂଖ୍ୟାଧିକ ନିର୍ବାଚିତ ଏମ୍‌ଏଲ୍‌ଏ ଓ ଏମ୍‌ପି ସଂଖ୍ୟାଧିକ ଭୋଟ ପାଆନ୍ତି ନାହିଁ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟ ସଭା ଓ ବିଧାନ ପରିଷଦ ନିର୍ବାଚନ ନିମନ୍ତେ ଆନୁପାତିକ ପ୍ରତିନିଧିତ୍ୱ (Proportional representation) ବ୍ୟବସ୍ଥା ଅନୁସୃତ। ଏ ବ୍ୟବସ୍ଥାରେ ଭୋଟଦାତାଙ୍କ ମତ, ପ୍ରତିନିଧି ସଂଖ୍ୟାରେ ଠିକ୍ ଭାବରେ ପ୍ରତିଫଳିତ ହୁଏ।

ସର୍ବାଧିକ ଭୋଟ ପାଇ ନିର୍ବାଚିତ ହେବାର ଉପାଦେୟତା ସମ୍ବନ୍ଧରେ ଏବେ ଉଭୟ ଇଂଲଣ୍ଡ ଓ ଭାରତରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ୨୦୧୧ ମସିହାରେ ଏ ସମ୍ବନ୍ଧରେ ଇଂଲଣ୍ଡରେ ଏକ ଗଣଭୋଟ ହୋଇ ୬୮% ଭୋଟର ଏ ପ୍ରଥାର ଅବିରତ ସ୍ଥିତି ସପକ୍ଷରେ ଭୋଟ ଦେଲେ। ଏହା ଏକ ସରଳ ପ୍ରଥା ଓ ଏହି ପ୍ରଥାରେ କେତେକ ସୁବିଧା ଅଛି।

ପ୍ରଥମତଃ, ପ୍ରଥମ ସାବାଳକ ନିର୍ବାଚନ (୧୯୫୨) ସମୟରେ ପ୍ରାୟ ୮୪% ଭୋଟର ଅଶିକ୍ଷିତ ଥିଲେ। କୌଣସି ଜଟିଳ ପ୍ରଥା ସେମାନଙ୍କ ପକ୍ଷରେ କଷ୍ଟକର ହୋଇଥାନ୍ତା। ଦ୍ୱିତୀୟରେ ଏହି ପ୍ରଥାରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ଜଣେ ନିର୍ବାଚିତ ହୁଏ ଓ ସେ ଭୋଟରମାନଙ୍କ ପାଖରେ ଉତ୍ତରଦାୟୀ ରହେ। ଶେଷରେ ଭୋଟର ସାମୂହିକ ଭାବରେ ଦଳକୁ ଭୋଟ ନ ଦେଇ, ତା'ର ମନୋନୀତ ପ୍ରାର୍ଥୀଙ୍କୁ ହିଁ ଭୋଟ ଦିଏ।

ପ୍ରଥମ ସାଧାରଣ ନିର୍ବାଚନ ତୁଳନାରେ ଆମ ଭୋଟରମାନେ ଏବେ ବେଶ୍ ଶିକ୍ଷିତ ଓ ଏକ ନୂତନ ପଦ୍ଧତି ଗ୍ରହଣ କରିବାରେ ସକ୍ଷମ। ଇଭିଏମ୍ ପ୍ରଥାରେ ସହଜରେ ଅଭ୍ୟସ୍ତ ହୋଇପାରିଲା ପରି ଭୋଟ ଦାନ ପ୍ରଥାରେ କୌଣସି ପରିବର୍ତ୍ତନ ପ୍ରଚଳନ କଲେ, ତାହା ମଧ୍ୟ ସେମାନେ ଆୟତ୍ତ କରିପାରିବେ ବୋଲି ଆଶା।

ଆନୁପାତିକ ପ୍ରତିନିଧିତ୍ୱ ହେଉଛି ଏକ ବିକଳ୍ପ। ଏହି ପ୍ରଥା ଦୁଇ ପ୍ରକାର। ଗୋଟିଏ ପ୍ରଥାରେ ଭୋଟରମାନଙ୍କୁ ଦଳ ପକ୍ଷରୁ ଏକ ତାଲିକା ପ୍ରଦାନ କରାଯାଏ ଓ ଭୋଟରମାନେ ଦଳ ଓ ତାଲିକାରୁ ମନୋନୀତ ପ୍ରାର୍ଥୀକୁ ସମର୍ଥନ ଜଣାନ୍ତି। ଭୋଟ ଗଣତି ପରେ ଯେଉଁ ଦଳ, ଯେତିକି ପରିମାଣରେ ଭୋଟ ପାଇଥାଏ, ସେଇ ଅନୁପାତରେ ତାକୁ ଆସନ ବାଣ୍ଟି ଦିଆଯାଏ ଓ ତାଲିକାରେ ସମର୍ଥିତ ପ୍ରାର୍ଥୀଙ୍କ ଭୋଟ ଅନୁସାରେ ଅଧିକ ଭୋଟ ପାଇଥିବା ପ୍ରାର୍ଥୀମାନେ ଆସନପ୍ରାପ୍ତ ହୁଅନ୍ତି। ଦ୍ୱିତୀୟ ପଦ୍ଧତିରେ ଭୋଟର ଦଳକୁ ଭୋଟ ଦିଏ ଓ ଯେଉଁ ଦଳ ଯେତିକି ପରିମାଣରେ ଭୋଟ ପାଏ, ସେଇ ଅନୁପାତରେ ଦଳକୁ ଆସନ ମିଳେ ଓ ଦଳ ନିଜର ପ୍ରାର୍ଥୀ ମନୋନୟନ କରେ। ଏ ପ୍ରଥାରେ କେହି ସ୍ୱାଧୀନ ପ୍ରାର୍ଥୀ ହେବାର ଅବକାଶ ନାହିଁ। ଦ୍ୱିତୀୟତଃ ଦଳର ନେତା ଏ ପ୍ରଥାରେ ଅତ୍ୟନ୍ତ କ୍ଷମତାଶାଳୀ ହୋଇଯାଆନ୍ତି ଓ ନିଜର ଅନୁଗତମାନଙ୍କୁ ପୁରସ୍କୃତ କରନ୍ତି। ଏହା ଏକପ୍ରକାର ବର୍ତ୍ତମାନ ଦଳମାନଙ୍କରେ ରାଜ୍ୟ ସଭା ପ୍ରାର୍ଥୀ ମନୋନୟନ ଭଳି। ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ଝୁଲା ପାର୍ଲାମେଣ୍ଟ ହେବାର ଆଶଙ୍କା ଅଧିକ। ଉଭୟ ବ୍ୟବସ୍ଥାରେ ତ୍ରୁଟି ସୁଧାରିବା ନିମନ୍ତେ କେତେକ ଦେଶରେ ଏକ ମିଶ୍ରିତ ବ୍ୟବସ୍ଥାର ପ୍ରଚଳନ କରାଯାଇଛି। ଜର୍ମାନୀରେ ଭୋଟର ଦୁଇଟି ଭୋଟ ପ୍ରଦାନ କରେ। ଗୋଟିଏ ନିଜ ନିର୍ବାଚନମଣ୍ଡଳୀର ପ୍ରତିନିଧି ନିମନ୍ତେ ଓ ଆଉ ଗୋଟିଏ ଦଳ ନିମନ୍ତେ। ଅଧା ଆସନ ପ୍ରଥମ ଭୋଟରେ ଓ ବାକି ଅଧା ଆସନ ଦଳମାନଙ୍କ ମଧ୍ୟରେ, ଭୋଟ ଅନୁପାତରେ ବଣ୍ଟନ କରାଯାଏ। ନେପାଳରେ ମଧ୍ୟ ଭୋଟର ଦୁଇଟି ଭୋଟ ପ୍ରଦାନ କରେ। ପ୍ରଥମ ଭୋଟରେ ୧୬୫ ପ୍ରାର୍ଥୀ ନିର୍ବାଚିତ ହୁଅନ୍ତି। ଦ୍ୱିତୀୟ ଭୋଟଟି ବାକି ୧୦୦ ଆସନ ନିମନ୍ତେ ଦଳକୁ ଦିଆଯାଏ ଓ ଭୋଟର ପରିମାଣ ଅନୁଯାୟୀ ୧୦୦ଟି ଆସନକୁ ଦଳମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ।

ବର୍ତ୍ତମାନ ପୃଥିବୀରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ୮୩ଟି ଦେଶରେ, ସର୍ବାଧିକ ଭୋଟ ବ୍ୟବସ୍ଥା (FPTPS) ୬୧ଟି ଦେଶରେ ଓ ମିଶ୍ରିତ ବ୍ୟବସ୍ଥା ୨୧ଟି ଦେଶରେ ପ୍ରଚଳିତ। ଭାରତ ଭଳି ଏକ ବିରାଟ ଦେଶରେ ଆନୁପାତିକ ବ୍ୟବସ୍ଥା ପ୍ରଚଳନ ହେଲେ, ଦଳୀୟ ନେତାମାନେ ସାଂସଦ ମନୋନୟନରେ କେତେକ ଅଞ୍ଚଳକୁ ଅବହେଳା କରିବାର ଆଶଙ୍କା ରହିଛି। ଭୋଟରମାନଙ୍କ ପାଖରେ ସାଂସଦମାନେ ଉତ୍ତରଦାୟୀ ହେବା ଅପେକ୍ଷା ଦଳର ସର୍ବୋଚ୍ଚ ନେତାମାନଙ୍କର ପ୍ରିୟପାତ୍ର ହେବାରେ ଅଧିକ ଯତ୍ନଶୀଳ ହେବେ। ବର୍ତ୍ତମାନର ରାଜ୍ୟ ସଭା ଓ ବିଧାନ ପରିଷଦ ସଭ୍ୟମାନେ ଯେପରି ଭୋଟରମାନଙ୍କ ପାଖରେ ଉତ୍ତରଦାୟୀ ନୁହନ୍ତି, ସେହିପରି ପରିସ୍ଥିତି ଉପୁଜିବ। ଏକ ମିଶ୍ରିତ ପ୍ରଥା ଭାରତୀୟ ପରିସ୍ଥିତିରେ ଅଧିକ ବାଞ୍ଛନୀୟ। ଭୋଟରମାନଙ୍କ ପ୍ରତି ଉତ୍ତରଦାୟୀ ରହୁଥିବା ଓ ଜନମତ ଠିକ୍ ଭାବରେ ପ୍ରତିଫଳିତ ହେଉଥିବା ଭଳି ଏକ ବିକଳ୍ପ ବ୍ୟବସ୍ଥା ଆମକୁ ବାହାର କରିବାକୁ ହେବ। ଦେଶର ଆଇନ ପ୍ରଣୟନକାରୀ, ବୁଦ୍ଧିଜୀବୀ ଓ ସାମାଜିକ ଶ୍ରେଷ୍ଠମାନେ ଏ ଦିଗରେ ଧ୍ୟାନ ଦେବା ଆବଶ୍ୟକ।

ମୋ-୯୯୩୭୪୨୨୫୨୧

# ରୋଗ ଉପଶମରେ ଯୋଗର ପ୍ରୟୋଗ



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଋତୁ ପରିବର୍ତ୍ତନ ତଥା ଜଳବାୟୁ ପରିବର୍ତ୍ତନ ଫଳରେ ଆମେ ଅନେକ ପ୍ରକାର ପୀଡ଼ାର ସମ୍ମୁଖୀନ ହେଉ। ଆମ ମୁଣ୍ଡଠାରୁ ଆରମ୍ଭ କରି ତଳିପାଦ ପର୍ଯ୍ୟନ୍ତ ବିଭିନ୍ନ ଅଙ୍ଗରେ ପୀଡ଼ା ଅନୁଭବ କରୁ। ଯେପରି ମୁଣ୍ଡବ୍ୟଥା, କାନଟଣା, ଆଖିଧରା, ନାକ ବନ୍ଦ, ଦାନ୍ତବିନ୍ଧାଠାରୁ ଆରମ୍ଭ କରି ପାଦଗଣ୍ଠି ବିନ୍ଧା ପର୍ଯ୍ୟନ୍ତ ବିଭିନ୍ନ ପୀଡ଼ା। ଏସବୁକୁ କୁହାଯାଏ ସାଧାରଣ ରୋଗ। ଆମେ ରୋଗର ଶିକାର ହେଲେ, ଆରୋଗ୍ୟ ପାଇଁ ଡାକ୍ତରଙ୍କ ପାଖକୁ ଯାଉ। ଶୀଘ୍ର ରୋଗରୁ ଉପଶମ ପାଇବାକୁ ଆମେ ସାଧାରଣତଃ ବିଶେଷଜ୍ଞ ଡାକ୍ତରଙ୍କ ପାଖକୁ ଯାଉ। ନାନା ଠେଲାପେଲା ଅତିକ୍ରମ କରି ଡାକ୍ତରଙ୍କ ସମ୍ମୁଖରେ ପହଞ୍ଚିଗଲେ, ଡାକ୍ତର ଆମ ରୋଗର କାରଣ ନ ପଚାରି, ରୋଗର ଲକ୍ଷଣ ବିଷୟରେ ଗୋଟିଏ, ଦିଓଟି ପ୍ରଶ୍ନ କରି ରକ୍ତ ବା ଅନ୍ୟ ପରୀକ୍ଷା ପାଇଁ ଉପଦେଶ ଦିଅନ୍ତି। ପରୀକ୍ଷା ରିପୋର୍ଟ ସହ ଡାକ୍ତରଙ୍କୁ ପୁନର୍ବାର ଦେଖାକଲେ, ସେ ଔଷଧ ଲେଖିଦିଅନ୍ତି। ବଜାରରୁ ଔଷଧ କିଣି ସେବନ କଲେ, ରୋଗରୁ କିଛି ଉପଶମ ପାଉ। ଡାକ୍ତରଙ୍କ ଫି', ବିଭିନ୍ନ ପରୀକ୍ଷାର ଫି' ସାଙ୍ଗକୁ ଔଷଧ କିଣାରେ ଖର୍ଚ୍ଚାନ୍ତ ହେବା ସହ ଡାକ୍ତର, ପରୀକ୍ଷାଗାର ଓ ଔଷଧ ଦୋକାନକୁ ଧାଇଁ ଯେଉଁ ଔଷଧ ଆଣି ସେବନ କରୁ, ସେ ଔଷଧ ଆମକୁ ସମ୍ପୂର୍ଣ୍ଣ ରୋଗମୁକ୍ତ ନ କରି ସାମୟିକ ଉପଶମ ଦିଏ ଓ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଦ୍ୱାରା ଆମ ଶରୀର ଆକ୍ରାନ୍ତ ହୋଇ ଭିନ୍ନ ରୋଗ ପାଇଁ ବାଟ ମଧ୍ୟ ଖୋଲିଦେଇପାରେ। ଔଷଧକୁ ହିନ୍ଦୀରେ କୁହାଯାଏ ଦବାଇ ଅର୍ଥାତ୍ ଔଷଧ ରୋଗକୁ ଦବାଇଦିଏ। ଅଧିକ ଔଷଧ ସେବନ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମାଇ ଆମ ପରମାୟୁ ବା ଆୟୁଷ କ୍ଷୟ କରେ। ଏ ଭେଷଜ ଚିକିତ୍ସା ବାହାରେ ଆଉ ଏକ ଚିକିତ୍ସା ପ୍ରଣାଳୀ ଅଛି, ଯେଉଁଥିରେ ଆଦୌ ଖର୍ଚ୍ଚାନ୍ତ ହେବାକୁ ପଡିବନି କି ଡାକ୍ତର, ପରୀକ୍ଷାଗାର ଓ ବଜାରକୁ ଦୌଡିବାକୁ ପଡିବନି। ସେଥିରେ ଆମ ଶରୀର ସମ୍ପୂର୍ଣ୍ଣ ରୋଗମୁକ୍ତ ହେବା ସାଙ୍ଗକୁ ଆମ ଆୟୁଷ ନ କମି ବରଂ ବଢ଼ିଯିବ। ସେ ଚିକିତ୍ସା ହେଲା ଯୋଗ ଥେରାପି ବା ଯୋଗ ଚିକିତ୍ସା। ଯୋଗ ଚିକିତ୍ସାର ଉତ୍ପତ୍ତିସ୍ଥଳ ହେଉଛି ଆମ ଦେଶ ଭାରତ। ଯୋଗ ଶବ୍ଦର ଉତ୍ପତ୍ତି ହୋଇଛି ସଂସ୍କୃତ ଶବ୍ଦ ଯୁଜ୍‌ରୁ, ଯାହାର ଅର୍ଥ ଯୋଡିହେବା (ପରମାତ୍ମା ସହ ଆତ୍ମା ଯୋଡି ହୋଇଯିବା)। ଯୋଗ ଚିକିତ୍ସା ଦ୍ୱାରା ଆମ ପୂର୍ବପୁରୁଷ ମୁନି, ଋଷିମାନେ ଶହ ଶହ ବର୍ଷ ନିରାମୟ ଓ ସୁଖକର ଜୀବନଯାପନ କରୁଥିଲେ ବୋଲି ଆମ ପୁରାଣ କହେ। ଯୋଗ ବିଜ୍ଞାନ ଏକ ଉନ୍ନତ ବିଜ୍ଞାନ ବୋଲି ଏହା ଏବେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ପ୍ରଚାର ଓ ପ୍ରସାର ଲାଭ କରୁଛି।

## ବିଶ୍ୱ ଯୋଗ ଦିବସ ଉପଲକ୍ଷେ

ଜଣେ ରୋଗୀ ଯୋଗ ଚିକିତ୍ସା ଆପଣେଇବା ପୂର୍ବରୁ ଏ ଚିକିତ୍ସା ବିଷୟରେ ତା'ର ସମ୍ୟକ୍ ଧାରଣା ରହିବା ଦରକାର। ଏ ବିଷୟରେ ସଂକ୍ଷେପରେ ଆଲୋଚନା କରିବା। ଆମେ ରୋଗର ଶିକାର ହେଲେ, ବ୍ୟାକୁଳ ହୋଇପଡୁ ରୋଗରୂପକ ଶତ୍ରୁ କବଳରୁ ତୁରନ୍ତ ମୁକ୍ତି ପାଇବାକୁ। କିନ୍ତୁ ଯୋଗଗୁରୁ ବା ଯୋଗୀ ରୋଗକୁ ଶତ୍ରୁ ନ ମଣି ତାକୁ ବନ୍ଧୁଭାବେ ଗ୍ରହଣ କରନ୍ତି। ଯଦି ଜଣେ ଭୁଲ୍ ମାର୍ଗରେ ଯାଉଛନ୍ତି ଓ ଆଗକୁ ବିପଦ ଥିବା କଥା ତାଙ୍କୁ ଯେ ଜଣାଇ ଦିଅନ୍ତି, ତାଙ୍କୁ ବନ୍ଧୁ କୁହାଯାଏ। ରୋଗ ଆମ ଶରୀରରେ ପ୍ରବେଶ କରି ଆମକୁ ଚେତାଇଦିଏ ଯେ, ଆମ ଜୀବନଚର୍ଯ୍ୟାରେ କେଉଁଠି ଭୁଲ୍ ରହିଯାଉଛି ଓ ଆମେ ଅବାଟରେ ଯାଇ, ଅକାଳମୃତ୍ୟୁ ଆଡକୁ ଅଗ୍ରସର ହେଉଛୁ। ବନ୍ଧୁ ବା ଅତିଥିଙ୍କୁ ଯେପରି ଉପଯୁକ୍ତ ସତ୍କାର କରି ବିଦା କରିଦିଆଯାଏ, ସେହିପରି ଉପଯୁକ୍ତ ଚିକିତ୍ସା କରି ରୋଗରୂପୀ ଅତିଥିଙ୍କୁ ଯୋଗୀ ଶରୀରରୁ ବିଦାୟ ଦିଅନ୍ତି। ଯେଉଁ ପଥ ଦେଇ ରୋଗ ଶରୀରରେ ପ୍ରବେଶ କରିଥିଲା, ସେ ପଥକୁ ଯୋଗୀ ଏପରି ବନ୍ଦ କରିଦିଅନ୍ତି, ଯାହାଫଳରେ ରୋଗ ଆଉ ସେ ଶରୀରରେ ପ୍ରବେଶ କରିପାରିବନି। ଆମ ଶରୀର ଏକ ମାଟି କାନ୍ଥ ପରି ଓ ଏଥିରେ ବିଭିନ୍ନ ସମୟରେ ଛିଦ୍ର ହୋଇ, ସେ ଛିଦ୍ରବାଟେ ରୋଗ ପ୍ରବେଶ କରେ, କିନ୍ତୁ ଜଣେ ଯୋଗୀ ତାଙ୍କ ଶରୀରକୁ ଅଭେଦ୍ୟ ପକ୍କାକାନ୍ଥ କରିଦିଅନ୍ତି, ଯେଉଁଥିରେ ଛିଦ୍ର ହୋଇ ପାରିବନି କି ରୋଗ ପ୍ରବେଶ କରିପାରିବନି।

ଯୁବା ବୟସରେ ଓ ଆରମ୍ଭ ହେଉଥିବା ରୋଗ ଉପରେ ଯୋଗ ଗଭୀର ପ୍ରଭାବ ପକାଏ କିନ୍ତୁ ଡାକ୍ତରୀ ଚିକିତ୍ସାରେ ଆରୋଗ୍ୟ ନ ହୋଇପାରି ଶେଷଅସ୍ତ୍ର ଭାବେ ଯୋଗ ଚିକିତ୍ସା କଲେ, ଯୋଗ ଧୀରେ ଧୀରେ ରୋଗ ଉପରେ ପ୍ରଭାବ ବିସ୍ତାର କରେ। ରୋଗୀ ଓ ରୋଗର ବିଭିନ୍ନତା ଉପରେ ଯୋଗର ପ୍ରଭାବ ଭିନ୍ନ ଭିନ୍ନ ଭାବେ ପଡେ। ଯୋଗ ଅଭ୍ୟାସ ପୂର୍ବରୁ ରୋଗକୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ପାରିଲେ ଭଲ। ଏହା ଫଳରେ ରୋଗର ସ୍ଥିତିକୁ ସହଜରେ ଆକଳନ କରାଯାଇପାରେ। ଯୋଗଗୁରୁଙ୍କ ପରାମର୍ଶ ନେଇ ରୋଗୀ ଯୋଗାଭ୍ୟାସ କରିବା ଦରକାର। ଉଚ୍ଚ ରକ୍ତଚାପ ଓ ଉଚ୍ଚ ରକ୍ତଶର୍କରା ଥିବା ରୋଗୀ ଯୋଗଗୁରୁଙ୍କ ବିନା ପରାମର୍ଶରେ ପୁସ୍ତକ ଦେଖି ଯୋଗ କରିବା ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଯୋଗାଭ୍ୟାସ ଆରମ୍ଭ କଲେ, ପ୍ରଥମେ ଯୋଗ ରୋଗର ପ୍ରକୋପରେ ଲଗାମ ଦିଏ ଓ ରୋଗୀ ସାମାନ୍ୟ ଉପଶମ ଅନୁଭବ କରେ। କେତେକ କ୍ଷେତ୍ରରେ ରୋଗୀ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶରେ ପ୍ରଥମେ ଔଷଧ ସେବନ କରି, ପରେ ଯୋଗାଭ୍ୟାସ କରିବା ଭଲ। ଯୋଗ ପ୍ରଭାବ ବିସ୍ତାର କରି, ରୋଗକୁ ପଶ୍ଚାତ୍ ଗମନ କରାଇଲେ, ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧର ମାତ୍ରା କମାଇବାକୁ ହୁଏ। ଭିନ୍ନ ଭିନ୍ନ ଯୋଗାସନ ଦ୍ୱାରା ଭିନ୍ନ ଭିନ୍ନ ରୋଗର ଚିକିତ୍ସା କରାଯାଏ। ଆବଶ୍ୟକ ଆସନ ଓ ପ୍ରାଣାୟାମ ପାଇଁ ଯୋଗ ଗୁରୁ ମାର୍ଗ ବତାନ୍ତି। ଆଜିର ଯୋଗ ଦିବସରେ ଆମେ ରୋଗ ଚିକିତ୍ସା ଓ ନିରାମୟ ଜୀବନ ପାଇଁ ଯୋଗମାର୍ଗକୁ ଆପଣାଇବା ଲାଗି ଶପଥ ନେବା ଓ ଆଜିଠାରୁ ଯୋଗାଭ୍ୟାସ ଆରମ୍ଭ କରିବା ଉଚିତ।

କୋଟି ତୀର୍ଥ, ଓଲ୍‌ଡଟାଉନ, ଭୁବନେଶ୍ୱର

## ଏଇ ଭାରତରେ

ଗୁପ୍ତଯୁଗର ସ୍ୱର୍ଣ୍ଣମୁଦ୍ରା ପାଇବା ପାଇଁ ଲୋକେ ଗାଁ ସାରା ଖୋଳି ପକାଇଲେ। ମଣିଷର ଧନ ଲୋଭ ବେଳେବେଳେ ସୀମା ଟପିଯାଏ। ଫଳରେ ସେ ଏଭଳି କାମ କରିବସେ ଯାହାକୁ ନେଇ ପରବର୍ତ୍ତୀ ସମୟରେ ନିଜେ ଲଜ୍ଜିତ ହୋଇଥାଏ। ଏପରି ଏକ ଘଟଣା ରାଜସ୍ଥାନ ଜୟପୁର ନିକଟରେ ଥିବା ମାଲପୁରାରେ ଘଟିଛି। ସ୍ଥାନୀୟ ଜାନକୀପୁରାସ୍ଥିତ ଦୋବଡ଼ିଆ ନାଳ ଅଞ୍ଚଳରେ ଗୁପ୍ତଯୁଗର ସ୍ୱର୍ଣ୍ଣମୁଦ୍ରା ପୋତାହୋଇ ରହିଥିବା ପ୍ରଚାର ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ପ୍ରତିଯୋଗିତା। ଲୋକେ ନିଜର କାମଧନ୍ଦା ଛାଡ଼ି ଖାଇବା ପିଇବା ଭୁଲି କମ୍ ସମୟରେ ଧନୀ ହେବା ପାଇଁ ଆରମ୍ଭ କରିଥିଲେ ମାଟିଖୋଳା। କେତେଜଣଙ୍କୁ ସ୍ୱର୍ଣ୍ଣମୁଦ୍ରା ମିଳିଥିଲା। ଖବର ପାଇ ପୋଲିସ ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ୨ଟି ମୁଦ୍ରାର ଯାଞ୍ଚ୍ କରି ଏହା ଗୁପ୍ତଯୁଗର ବୋଲି ପ୍ରକାଶ କରିଥିଲେ। କେତେଜଣ ପୁରୁଖା ଲୋକଙ୍କ କହିବା ଅନୁସାରେ ଏଠାରେ ପୂର୍ବରୁ ବଞ୍ଜାରା ସମ୍ପ୍ରଦାୟ ବାସ କରୁଥିଲେ। ସେମାନେ ଲୁଟପାଟ୍ କରିଥିବା ଅଳଙ୍କାର ତଥା ସ୍ୱର୍ଣ୍ଣମୁଦ୍ରା ଧରାପଡ଼ିବା ଭୟରେ ମାଟିତଳେ ପୋତିଦେଉଥିଲେ। କାଳକ୍ରମେ ସେମାନେ ଏଠାରୁ ପଳାଇଥିଲେ। ପରେ ଏଠାକାର ମାଟି ଖୋଳିବା ସମୟରେ ଅଳଙ୍କାର ଓ ସ୍ୱର୍ଣ୍ଣମୁଦ୍ରା ମିଳୁଥିବା ସେମାନେ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ସୁଦୂର ଗ୍ରାମ କାନନ ବିଲ
ଜୋଛନା ତଳେ ଭଜିଛି ଲୀନ
ଚେତନାହୀନ ପବନ ଆଜି
ପ୍ରଦୋଷ ପଥେ କି ଉଦାସୀନ!
ନୀରବ ପ୍ରୀତି ଲୁଚାଇ ପ୍ରାଣେ
ନଦୀଟି ବହେ କେତେ ସେ ବାଙ୍କେ,
ସଞ୍ଜ ଆଗମେ ନୀରବ ଧରା!
ପକ୍ଷୀଟି ନାହିଁ ଡାକଇ ଶାଖେ।
ସନ୍ଧ୍ୟାର ତାରା ଯାଇନି ନିଭି
ଜୋଛନା ବୋଳା ଆକାଶେ ବସି
ନୀରବ ନଦୀ ଉପରେ ତା'ର
ବଦନ ଶୋଭା ଦେଖଇ ହସି।
(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୯୪

- ଫୁଲବାଣୀ ଜିଲାରେ କନ୍ଧ ଶ୍ରେଣୀର ଆଦିବାସୀ ଓ ପାଣ ସମ୍ପ୍ରଦାୟ ହରିଜନଙ୍କ ମଧ୍ୟରେ ଜାତିଆଣ ସଂଘର୍ଷରେ ୧୭ ଜଣଙ୍କ ମୃତ୍ୟୁ।
- କଶ୍ମୀରର ଅନନ୍ତନାଗ ଜିଲାରେ ଉଗ୍ରପନ୍ଥୀମାନେ ରାଜ୍ୟର ବିଶିଷ୍ଟ ଧାର୍ମିକ ନେତା କାଜି ନିସାର ଅହମ୍ମଦଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- କୃଷି ଓ ମିଳିତ ଉଦ୍ୟୋଗ କ୍ଷେତ୍ରରେ ପାରସ୍ପରିକ ସାହାଯ୍ୟ ସହଯୋଗ ପାଇଁ ଭାରତ ଓ ସିରିଆ ମଧ୍ୟରେ ଏକ ପାଞ୍ଚବର୍ଷିଆ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | E | | D | 4 | | 7 | | 5 | | 9 | 1 | |
| 4 | A | | | | | 8 | 6 | | | | | | | 5 |
| | | | | 1 | 7 | 2 | | 9 | | A | | C | B | |
| | | | | | 3 | | | | | | 9 | | 8 | D |
| | | | 6 | | A | 1 | | | B | 3 | | | 0 | 2 |
| | | | | | | | 2 | 5 | | | 1 | | | |
| | 0 | B | | 4 | | | | | 2 | | | | | |
| | 7 | C | 5 | | | 9 | | 6 | | B | | 1 | A | |
| | 4 | A | 1 | C | E | | B | | | | D | 3 | 9 | 0 |
| | 5 | 1 | 0 | | B | | E | | | | 8 | | | |
| 6 | 1 | | | B | | | 4 | | 3 | | | A | | |
| A | | 7 | 3 | | 1 | D | | | | | | | C | |
| | D | | 9 | | | | | | | | | B | 7 | |
| | | 5 | 7 | 6 | | | | | | | | | | 8 |
| B | | | | | | A | | | 1 | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 4 | 1 | 7 | 9 | 3 | 0 | 5 | D | E | C | A | 8 | 2 | 6 |
| D | 0 | 6 | 5 | C | 8 | 1 | 9 | 7 | B | 2 | 3 | A | 4 | E |
| E | 9 | A | D | 6 | 0 | 8 | 4 | 2 | 5 | 1 | 7 | 3 | C | B |
| 5 | 7 | C | B | 2 | 1 | 3 | A | E | 8 | 4 | 6 | D | 0 | 9 |
| 2 | 3 | 8 | E | 4 | A | C | 6 | B | 9 | D | 0 | 5 | 7 | 1 |
| 0 | B | 7 | 3 | A | C | 9 | E | 6 | D | 8 | 4 | 2 | 1 | 5 |
| A | 5 | 2 | 4 | D | 9 | B | 7 | 1 | C | 3 | E | 0 | 6 | 8 |
| C | E | 3 | 8 | 7 | 6 | 5 | D | 4 | 1 | 0 | 2 | 9 | B | A |
| 4 | 1 | 9 | 2 | 5 | E | A | 0 | 8 | 6 | 7 | B | C | 3 | D |
| 6 | 8 | D | 0 | 1 | B | 2 | C | 3 | A | 9 | 5 | 4 | E | 7 |
| 7 | C | 5 | 1 | B | 4 | D | 3 | 9 | 0 | E | 8 | 6 | A | 2 |
| 3 | A | E | C | 8 | D | 6 | 2 | 0 | 7 | 5 | 1 | B | 9 | 4 |
| 9 | 2 | B | A | 3 | 5 | 7 | 1 | C | 4 | 6 | D | E | 8 | 0 |
| 1 | D | 4 | 6 | 0 | 2 | E | 8 | A | 3 | B | 9 | 7 | 5 | C |
| 8 | 6 | 0 | 9 | E | 7 | 4 | B | 5 | 2 | A | C | 1 | D | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷାକୁ କଡ଼ାକଡ଼ି କରାଯାଉ

ମହାଶୟ,

ଭାଷା ହିଁ ଜାତି ଓ ସଂସ୍କୃତିର ମୁକୁଟ ସଦୃଶ। ଆମର ଅତି ପ୍ରିୟ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ପାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଏହାକୁ ରାଜ୍ୟର ସରକାରୀ ଭାଷାରୂପେ ବ୍ୟବହାର କରାଯାଇପାରିଲା ନାହିଁ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ବ୍ୟବସାୟିକ ଅନୁଷ୍ଠାନର ନାମଫଳକ ଓ ବ୍ୟକ୍ତିଗତ ନିମନ୍ତ୍ରଣ ପତ୍ର ଓଡ଼ିଆରେ ଲେଖାହୋଇ ପାରିଲା ନାହିଁ। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସରକାର ଓଡ଼ିଶାରେ ଓଡ଼ିଆ ଭାଷାର ବ୍ୟବହାରକୁ ବାଧ୍ୟତାମୂଳକ କରିବାକୁ ଅନୁରୋଧ।

ସୁଶାନ୍ତ କୁମାର ଖଟୁଆ, ଗୋପବନ୍ଧୁ ସାହିତ୍ୟ ସଂସଦ, ଜେନାପୁର, ଯାଜପୁର

### ଶିକ୍ଷା ବ୍ୟବସ୍ଥାରେ ନୈତିକତାର ଅଭାବ

ପୂର୍ବରୁ ଆମ ଦେଶରେ ଯେଉଁ ଶିକ୍ଷା ବ୍ୟବସ୍ଥା ଥିଲା, ତାହା ଆଜି ନାହିଁ। ବିଦ୍ୟାଳୟ ସ୍ତରରେ ବିଭିନ୍ନ ବିଷୟ ପଢ଼ାଯିବା ସହିତ ନୈତିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଉଥିଲା। ବିଦ୍ୟାଳୟରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ସଂସ୍କାରଗତ ବିଚାର ଦେଉଥିଲେ। ମିଛ କହିବା, ଅନ୍ୟାୟ ଉପାୟରେ ଅର୍ଥ ରୋଜଗାର କରିବା, ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ଯୋଗ୍ୟ ଭାବିବା ଉଚିତ ନୁହେଁ ବୋଲି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯାଉଥିଲା। ପରର ଉପକାର କରିବା, ବିପଦରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବା, ଭଦ୍ର ନମ୍ର ହେବା, ଜ୍ୟେଷ୍ଠମାନଙ୍କୁ ଭକ୍ତି କରିବା, କନିଷ୍ଠମାନଙ୍କୁ ସ୍ନେହ କରିବା ଆଦି ପରିବାରଠାରୁ ପିଲାମାନେ ଶିଖୁଥିଲେ। ବର୍ତ୍ତମାନ କାହାରି ପାଖରେ ସମୟ ନ ଥିଲା ଭଳି ମନେହେଉଛି। ବିଦ୍ୟାଳୟରେ ଶିକ୍ଷକମାନେ ପାଠ୍ୟକ୍ରମକୁ ସାରିଦେଇ ନିଜର କର୍ତ୍ତବ୍ୟ ସରିଗଲା ବୋଲି ଭାବୁଛନ୍ତି। ବର୍ତ୍ତମାନ ସମସ୍ତେ ପିଲାଟି ଯେକୌଣସି ଉପାୟରେ ପରୀକ୍ଷାରେ ଅଧିକ ନମ୍ବର ରଖି ଉତ୍କୋଚ ଦେଇ ଉଚ୍ଚ ପଦପଦବୀ ହାସଲ କରିଦେଲେ ଜୀବନ ସାର୍ଥକ ହୋଇଗଲା ବୋଲି ଭାବନ୍ତି। କିନ୍ତୁ ସେମାନେ ଭୁଲିଯାଉଛନ୍ତି ନୈତିକ ଶିକ୍ଷା ଅଭାବରୁ ଆଜିକାଲି ବିଚାରପତିଠାରୁ ଆରମ୍ଭ କରି ପୋଲିସ ଅଫିସର, ଡାକ୍ତର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଲାଞ୍ଚ ନେଇ ଧରାପଡୁଛନ୍ତି ଓ ଜେଲଦଣ୍ଡ ଭୋଗୁଛନ୍ତି। ଏହାର ମୁଖ୍ୟ କାରଣ ନୈତିକତାର ଅଭାବ। ଏହି ପରିପ୍ରେକ୍ଷୀରେ ତା୧୩।୫।୧୯ରିଖ ଧରିତ୍ରୀରେ ପ୍ରକାଶିତ ଡ. ବାସୁଦେବ ମିଶ୍ରଙ୍କ 'ଶିକ୍ଷା ଓ ନୈତିକତା' ଆଲେଖ୍ୟଟି ଖୁବ୍ ଉଚ୍ଚକୋଟୀର ଓ ଶିକ୍ଷଣୀୟ ହୋଇଛି।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### କଟକ ପ୍ରତି ଅବହେଳା

ଗତ ଫନୀ ବାତ୍ୟାରେ କଟକ ଜିଲା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଜିଲାପାଳ ଆଂଶିକ ରିପୋର୍ଟ ଦେବା ଦୁର୍ଭାଗ୍ୟଜନକ। ଭୁବନେଶ୍ୱର ପାଇଁ ଯାହା ସୁବିଧା ମିଳୁଛି ସେହି ସୁବିଧା କଟକ ପାଇଁ ଲାଗୁ କରାଯାଉ। ଗ୍ରାମାଞ୍ଚଳରେ ଚାଳ, ଟିଣ ଓ ଆଜ୍‌ବେଷ୍ଟସ ଉଡ଼ିଯାଇଛି। ବାତ୍ୟା କ୍ଷତିପୂରଣ ଭାବେ ଯେତିକି ଆର୍ଥିକ ସହାୟତା ଦିଆଯାଉଛି ତାହା ଯଥେଷ୍ଟ ନୁହେଁ। ମେ ମାସର ବିଦ୍ୟୁତ୍ ଦେୟ କୋହଳ କରାଯାଉ। ବିନା ମୂଲ୍ୟରେ ଅଧିକ ଚାଉଳ ଓ କିରୋସିନ ମିଳିବା ଦରକାର।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଓକିଲ ସଂଘର କାର୍ଯ୍ୟ ବନ୍ଦ

ଅନୁଗୋଳ ଅଫିସ, ୨୦।୬: ଅନୁଗୋଳ କୋର୍ଟରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଅଚଳ ହୋଇପଡିଥିବାରୁ ଓକିଲ ସଂଘ ସଦସ୍ୟମାନେ ଗୁରୁବାରଠାରୁ କାର୍ଯ୍ୟ ବନ୍ଦ କରିଛନ୍ତି। ପ୍ରବଳ ଗରମ ଓ ଗୁଳୁଗୁଳିରେ କୋର୍ଟରେ କାର୍ଯ୍ୟ କରିହେଉ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଶୀତତାପ ନିୟନ୍ତ୍ରଣ ଯନ୍ତ୍ରଗୁଡ଼ିକୁ ଠିକ୍ କରା ନ ଗଲେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ସଂଘ ସଭାପତି ଜିତେନ୍ଦ୍ର କୁମାର ସାହୁ ଏ ସମ୍ପର୍କରେ ଏକ ଦାବିପତ୍ର ଅନୁଗୋଳ ଜିଲା ଓ ଦୌରାଜଜ୍ଙ୍କୁ ପ୍ରଦାନ କରିଛନ୍ତି। ତେବେ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ଅତି ଜରୁରୀ ମାମଲା ଗୁଡ଼ିକୁ ପରିଚାଳନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଜମିବାଡ଼ି ସମ୍ପର୍କିତ ମାମଲାରେ ମଧ ଓକିଲମାନେ ସହଯୋଗ କରିବେ ବୋଲି ଦର୍ଶାଇଛନ୍ତି। କୌଣସି ମାମଲାରେ ଉଭୟ ପକ୍ଷର ଓକିଲମାନେ ରାଜି ହେଲେ ମାମଲା ପରିଚାଳନା କରିପାରିବେ ବୋଲି ସଂଘର ସଭାପତି ସାହୁ କହିଛନ୍ତି।

### ହାତୀ ଆକ୍ରମଣରେ ମୃତ୍ୟୁ ଅଭିଯୋଗ

ତାଳଚେର, ୨୦।୬(ନି.ପ୍ର.): ହାତୀ ଆକ୍ରମଣରେ ରେଙ୍ଗାଲି ଥାନା ସୁଲେଇ ପାଳ ଗ୍ରାମର ଦେବରାଜ ସାମଲ(୫୩)ଙ୍କ ଗୁରୁବାର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଦେବରାଜ ଅପରାହ୍ନରେ ବିଲରେ ଘାସ ଔଷଧ ପକାଉଥିବା ବେଳେ ହାତୀ ଆକ୍ରମଣ କରିଥିବା ପରିବାର ପକ୍ଷରୁ କୁହାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କଣିହାଁ ରେଞ୍ଜର ପ୍ରତାପ ରାଉଳ ଘଟଣାସ୍ଥଳକୁ ଯାଇଛନ୍ତି। ସତ୍ୟାସତ୍ୟ ଉପରେ ଯାଞ୍ଚ କରାଯାଉଥିବା ରେଞ୍ଜର ରାଉଳ କହିଛନ୍ତି।

### ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

ବଇଣ୍ଡା,୨୦।୬(ଡି.ଏନ.ଏ.) କିଶୋରନଗର ଥାନା ହିମିତିରା ଜଙ୍ଗଲ ନିକଟରୁ ଗୁରୁବାର ଅପରାହ୍ନରେ ଏକ ଫାଇନାନ୍ସ ସଂସ୍ଥାର କର୍ମଚାରୀଙ୍କଠାରୁ ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡ଼ିଛି, ବଇଣ୍ଡାଠାରେ ସ୍ପନ୍ଦନା ମାଇକ୍ରୋ ଫାଇନାନ୍ସର କଲେକ୍ସନ କ୍ରେଡ଼ିଟ୍ ଆସିଷ୍ଟାଣ୍ଟ ମ୍ୟାନେଜର ବିଶ୍ୱାମିତ୍ର ମେହେର କିଶୋରନଗର ଅଞ୍ଚଳରୁ ଟଙ୍କା ସଂଗ୍ରହ କରି ବଇଣ୍ଡା ଅଭିମୁଖେ ଫେରୁଥିବାବେଳେ ହିମିତିରା ନିଛାଟିଆ ଜଙ୍ଗଲ ନିକଟରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ପରେ ସେମାନେ ତାଙ୍କଠାରୁ ୩୧,୫୧୩ ଟଙ୍କା ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଆଠମଲ୍ଲିକ ଏସ୍‌ଡିପିଓ ଏସ. କରିମ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

■କୃଷି ବିଭାଗ ଅତିରିକ୍ତ ସଚିବଙ୍କ ଚାଷ କାର୍ଯ୍ୟ ସମୀକ୍ଷା

# ୨୬ ହେକ୍ଟରରେ ସରିଛି ଧାନ ବୁଣା

ଅନୁଗୋଳ ଅଫିସ, ୨୦।୬



କୁଶାସିଂହାଠାରେ ଫୁଡ୍ ସିକ୍ୟୁରିଟି ଗ୍ରୁପ କର୍ମକର୍ତ୍ତା ଓ ଅନ୍ୟମାନଙ୍କ ସହ ସଚିବ ଆଲୋଚନା କରୁଛନ୍ତି।

ଓଡ଼ିଶା ସରକାରଙ୍କ କୃଷି ବିଭାଗର ଅତିରିକ୍ତ ସଚିବ ମେରୀ ଲାକ୍ରା ଗୁରୁବାର ଅନୁଗୋଳ ଉପ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସି ଜିଲାର କୃଷି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାରେ କୃଷକମାନଙ୍କୁ କିପରି ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ତାହାର ତର୍ଜମା ମଧ କରିଛନ୍ତି। ଏବେ ସୁଦ୍ଧା କେତେ ହେକ୍ଟର ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଛି ଓ କେତେ ପରିମାଣରେ ଜିଲାରେ ସାର ମହଜୁଦ ରହିଛି ତାହାର ତଥ୍ୟ ମଧ ଜିଲା କୃଷି ଉପନିର୍ଦ୍ଦେଶକଙ୍କ ନିକଟରୁ ପଚାରି ବୁଝିଛନ୍ତି। ଏଥିସହ ବିଭିନ୍ନ ଅଞ୍ଚଳର ଚାଷ ଜମି, ଜାତୀୟ ଉଦ୍ୟାନ ମିଶନରେ ହୋଇଥିବା ବଗିଚା ଓ ପଞ୍ଚମହଲା ସ୍ଥିତ ଥିବା ମଞ୍ଜି ବିହନ ଗୋଦାମ ମଧ ପରିଦର୍ଶନ କରିଛନ୍ତି।

ଉପ କୃଷି ନିର୍ଦ୍ଦେଶକ(ଡିଡିଏ)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଲାକ୍ରା ଡିଡିଏ ବିଜୟ କୁମାର ମହାପାତ୍ରଙ୍କୁ ଜିଲାର ବିଭିନ୍ନ ତଥ୍ୟ ମାଗିଥିଲେ। ଜିଲାରେ ଅଦ୍ୟାବଧି ୨୬ ହେକ୍ଟର ଜମିରେ ଧାନ ବୁଣା ଏବଂ ୪୫୦ ହେକ୍ଟର ଜମିରେ ମକା ଓ ପନିପରିବା ଚାଷ ହୋଇଥିବା ଡିଡିଏ କହିଥିଲେ। ବିଭିନ୍ନ ବ୍ଲକରୁ ଯୋଗ ଦେଇଥିବା କୃଷି ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଘରେ ଘରେ ପହଞ୍ଚାଇବା ପାଇଁ ମଧ ସେକ୍ରେଟାରୀ ପରାମର୍ଶ ଦେଇଥିଲେ।

■୪୫୦ ହେକ୍ଟରରେ ମକା, ପନିପରିବା ଚାଷ

■ମହଜୁଦ ଅଛି ୩ ଶହ ଟନ୍ କମ୍ ସାର

ଅନ୍ୟପକ୍ଷରେ ଜିଲାରେ ୫ ହଜାର ୩ ଶହ ଟନ୍ ସାର ଆବଶ୍ୟକ ହେଉଥିବାବେଳେ ବର୍ତ୍ତମାନ ସୁଦ୍ଧା ୫ ହଜାର ଟନ୍ ସାର ମହଜୁଦ ଥିବା ସୂଚନା ଦିଆଯାଇଥିଲା। କେତେ ଜଣ ଚାଷୀଙ୍କୁ ମୃତ୍ତିକା କାର୍ଡ ପ୍ରଦାନ କରାଯାଇଛି ସେ ନେଇ ମୃତ୍ତିକା ପରୀକ୍ଷା କେନ୍ଦ୍ରର ଅଧିକାରୀଙ୍କୁ ସଚିବ ପଚାରି ବୁଝିଥିଲେ। ଏହାପରେ ମହୀଧରପୁର ଠାରେ ଥିବା ଚାଷ ଜମି, ଫୁଲପଡ଼ାରେ ଜାତୀୟ ଉଦ୍ୟାନ ମିଶନରେ ହୋଇଥିବା ଆମ୍ବ ବଗିଚା, ପଞ୍ଚମହଲାଠାରେ ଥିବା ମଞ୍ଜି ବିହନ ଗୋଦାମ ପରିଦର୍ଶନରେ ଯାଇଥିଲେ। ଶେଷରେ କୁଶାସିଂହାରେ ଆତ୍ମା ପକ୍ଷରୁ ଦିଆଯାଇଥିବା ଫୁଡ୍ ସିକ୍ୟୁରିଟି ଗ୍ରୁପର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିବା ଡିଡିଏ ମାହାପାତ୍ର ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ର ବିଶେଷଜ୍ଞ ଆଠମଲ୍ଲିକ ତଥା ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ବିଦ୍ୟାଧର ସାହୁଙ୍କ ସହ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ, ଏରିଆ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।

# ମୃଦୁ ପାନୀୟରେ ନିଶା ଦେଇ ଲୁଟ୍

■ବାଇକ୍‌ରେ ବସାଇ ନେଇଗଲେ

■ଲୁଟ୍ ପରେ ରାସ୍ତାରେ ଫିଙ୍ଗିଦେଲେ



ଅନୁଗୋଳ ଅଫିସ, ୨୦।୬

ମୃଦୁ ପାନୀୟରେ ନିଶା ଦେଇ ଅନୁଗୋଳ ଜାମୁଣ୍ଡ ଜଙ୍ଗଲ ଅଞ୍ଚଳର ରାକେଶ କୁମାର ପ୍ରଧାନଠାରୁ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ତାଙ୍କଠାରୁ ୭ ହଜାର ଟଙ୍କା ଓ ମୋବାଇଲ ଲୁଟ୍ ହୋଇଥିବା ଜଣାପଡିଛି।

ଘଟଣାରୁ ପ୍ରକାଶ, ରାକେଶ ପାରଦୀପରେ କାର୍ଯ୍ୟ କରନ୍ତି। ବୁଧବାର ମଧ୍ୟାହ୍ନରେ ସେ ବସ୍ ଯୋଗେ କଟକ ବାଦାମବାଡ଼ିରେ ପହଞ୍ଚିଥିଲେ। ସେଠାରେ ତାଙ୍କ ସହ ୨ ଜଣ ଅପରିଚିତ ଯୁବକ ଦେଖାହୋଇଥିଲେ। ସେମାନେ ରାକେଶଙ୍କୁ କେଉଁଆଡକୁ ଯିବେ ବୋଲି ପଚାରିବାରେ ମଙ୍ଗୁଳିରେ କାମ ସାରି ଅନୁଗୋଳ ଯିବେ ବୋଲି ରାକେଶ କହିଥିଲେ। ଦୁର୍ବୃତ୍ତମାନେ ଛେଣ୍ଡିପଦା ଯିବେ ବୋଲି କହିବା ପରେ ସେମାନଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇଥିଲା। ରାକେଶ ମଙ୍ଗୁଳିରେ କାମ ସାରି ଫେରିବା ପରେ ପୁଣି ସେହି ଦୁଇ ଅଚିହ୍ନା ଯୁବକ ଦେଖାହୋଇଥିଲେ। ବାଇକ୍‌ରେ ସେମାନଙ୍କ ସହ ଯିବାକୁ ଦୁର୍ବୃତ୍ତମାନେ କହିବା ପରେ ରାକେଶ ରାଜି ହୋଇଯାଇଥିଲେ। କିଛି ସମୟ ପରେ ସେମାନେ ଏକ ଦୋକାନରେ ମୃଦୁ ପାନୀୟ ପିଇବା ସହ ରାକେଶଙ୍କୁ ମଧ ଦେଇଥିଲେ। ସେଥିରେ ନିଶା ଥିବା ଜାଣି ନ ପାରି ରାକେଶ ତାହାକୁ ପିଇଦେଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଚଣ୍ଡିଖୋଲ ଆଡକୁ ନେଇଯିବାବେଳେ ଏହା ଭୁଲ ରାସ୍ତା ବୋଲି ରାକେଶ କହିଥିଲେ। ଚଣ୍ଡିଖୋଲ ଦେଇ ଭଲ ରାସ୍ତାରେ ଯାଇହେବ ବୋଲି କହି ସେମାନେ ରାକେଶଙ୍କୁ ନେଇଯାଇଥିଲେ। ରାକେଶ ନିଶାସକ୍ତ ହୋଇଯିବା ପରେ ତାଙ୍କଠାରୁ ଟଙ୍କା, ମୋବାଇଲ, ବ୍ୟାଗ ନେଇ ଗୋବିନ୍ଦପୁର ଛକ ପୂର୍ବରୁ ଅଚେତ ଅବସ୍ଥାରେ ରାସ୍ତାରେ ପକାଇ ପଳାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଠାଇ ପରିଚୟ ନେବା ସହ ଘର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ଅନୁଗୋଳ ଅଣାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିବା ପରେ ତଦନ୍ତ କରାଯିବ ବୋଲି ପୋଲିସ କହିଛି।

# ଭୁବନେଶ୍ୱରୀ ଖଣିରେ ଶ୍ରମିକ ମୃତ

ତାଳଚେର,୨୦।୬(ନି.ପ୍ର.)



ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

ଏମ୍‌ସିଏଲ୍‌ର ଅନୁଗୋଳ ଜିଲା ତାଳଚେର ସ୍ଥିତ ଭୁବନେଶ୍ୱରୀ କୋଇଲା ଖଣି ପରିସରରେ ଗୁରୁବାର ଅପରାହ୍ନରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତାଳଚେର ବ୍ଲକ ରାକଶବାହାଳର ମିଟୁ ଭୁକ୍ତା(୪୫)। ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢି ମରାମତି କାମ କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ସଂଯୋଗ ଦିଆଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ଦେଖାଦେଇଛି।

ମିଥିଳେଶ ନାମକ ଏକ ଘରୋଇ ଠିକାସଂସ୍ଥା ଅଧୀନରେ ମିଟୁ କାମ କରୁଥିଲେ। ଅପରାହ୍ନରେ ବିଦ୍ୟୁତ୍ ସଂଯୋଗ କାଟି ସେ ଭୁବନେଶ୍ୱରୀ କୋଇଲା ଖଣିର ଟାଇମ ଅଫିସ ନିକଟରେ ଏକ ଖୁଣ୍ଟରେ ଚଢି ମରାମତି କାମ କରୁଥିଲେ। ଏହି ସମୟରେ ହଠାତ୍ ବିଦ୍ୟୁତ୍ ସଂଯୋଗ କରିଦିଆଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସେ ସେହି ଖୁଣ୍ଟରେ ହିଁ ଝୁଲି ରହିଥିଲେ। କର୍ତ୍ତୃପକ୍ଷଙ୍କ ଅବହେଳା ଓ ଶ୍ରମିକଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦିଆଯାଉ ନ ଥିବାରୁ ଏପରି ଘଟିଥିବା ଅଭିଯୋଗ କରି ସେଠାରେ ଖଣି ଶ୍ରମିକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଏପରି ଦୁର୍ଘଟଣା ପୂର୍ବରୁ ଘଟିଥିଲେ ମଧ ଏ ଦିଗରେ ଆଦୌ ଧ୍ୟାନ ଦିଆଯାଉ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ଚାର୍ଜ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରର ଜଣକୁ ନିଯୁକ୍ତି ଓ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଖଣି ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ପୋଲିସ ଓ ଖଣି କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ ସୁଫଳ ମିଳିପାରି ନାହିଁ। ଖବର ଲେଖା ହେବା ସୁଦ୍ଧା କୌଣସି ସମାଧାନ ହୋଇପାରି ନ ଥିବାବେଳେ ମୃତଦେହ ଖୁଣ୍ଟରୁ କଢାଯାଇ ନ ଥିଲା।

■ଖୁଣ୍ଟରେ ବିଦ୍ୟୁତ୍ ମରାମତି କରୁଥିବାବେଳେ ଦୁର୍ଘଟଣା

■ଅବହେଳା ଯୋଗୁ ଗଲାଣି ୨ ଜୀବନ

■ଖଣି ବନ୍ଦ ଆନ୍ଦୋଳନ, କ୍ଷତିପୂରଣ ଦାବି

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୩୧ରେ ଲିଙ୍ଗରାଜ କୋଇଲା ଖଣିରେ ସେହିପରି ବିଦ୍ୟୁତ୍ ମରାମତି କରୁଥିବାବେଳେ ହଠାତ୍ ଚାର୍ଜ ଦେଇ ଦିଆଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା।

### ଗଛ କଟା ଅଭିଯୋଗ

ବଇଣ୍ଡା,୨୦।୬(ଡି.ଏନ.ଏ.)

ହଣ୍ଡପା ଥାନା ପର୍ଣ୍ଣମାଳ ଗ୍ରାମରେ ନୁନୁକାପଶି ଗ୍ରାମର ପ୍ରିୟରଞ୍ଜନ ସାହୁଙ୍କ ଆମ୍ବ ବଗିଚାରେ ରଘୁନାଥପୁର ଗ୍ରାମର ରାମ ସାହୁ ଓ ହରି ସାହୁ ଆମ୍ବ ଗଛ କାଟି ଦେବାସହ ତାଙ୍କୁ ଗାଳି ଗୁଲଜ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୦୫/୧୯ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପ୍ରିୟରଞ୍ଜନ ନୁନୁକାପଶି ଗ୍ରାମରେ ରହୁଥିବାବେଳେ ପର୍ଣ୍ଣମାଳଠାରେ ଥିବା ଜମିରେ ଆମ୍ବ ବଗିଚା କରିଥିଲେ। ହେଲେ ରାମ ଓ ହରି ଉକ୍ତ ଜାଗାକୁ ତାଙ୍କର କହି ଦଖଲ କରିବା ସହ ଆମ୍ବ ଗଛକୁ କାଟି ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ସାପ କାମୁଡ଼ାରେ ଜଣେ ମୃତ

ତାଳଚେର,୨୦।୬(ନି.ପ୍ର.)

ତାଳଚେର ପୌରାଞ୍ଚଳର ଦେଉଳବେଡା ତେଲିସାହିରେ ଚାଖି ମହନ୍ତ(୪୭)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ବୁଧବାର ରାତିରେ ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଳଚେର ପୋଲିସ ନଂ. ୨୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# କାଜୁଆଲଟିରେ ପଶିଲା ବର୍ଷା ପାଣି

ଅନୁଗୋଳ ଅଫିସ, ୨୦।୬



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର କାଜୁଆଲଟିରେ ଗୁରୁବାର ସନ୍ଧ୍ୟାରେ ବର୍ଷା ପାଣି ପଶିଯାଇଛି। ଏଥିଯୋଗୁ ରୋଗୀ ଓ ସମ୍ପର୍କୀୟ ଅସୁବିଧାରେ ପଡିଛନ୍ତି। କାଜୁଆଲଟିରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଲଗାଯିବା ପରେ ଖୋଲା ଯାଇଥିବା କାନ୍ଥକୁ ସିମେଣ୍ଟ ଦ୍ୱାରା ବନ୍ଦ କରାଯାଇ ନ ଥିବା ଯୋଗୁ ପାଣି ପଶିଥିବା ଜଣାପଡିଛି। ସନ୍ଧ୍ୟାରେ ପ୍ରବଳ ବର୍ଷା ହେବାରୁ ଏସି ପଛରୁ ବର୍ଷା ପାଣି ବାହାରିଥିଲା। କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ କାରଣରୁ ଏପରି ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

# ୨ ଭାଇଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୨୦।୬(ଡି.ଏନ.ଏ.)

ଠାକୁରଗଡ଼ ଥାନା କନ୍ତପଡ଼ା ଗ୍ରାମର ସୁରେଶଚନ୍ଦ୍ର ବେହେରା ଓ ତାଙ୍କ ଭାଇ ସୁନୀଲ ବେହେରାଙ୍କୁ ସେହି ଗ୍ରାମର ଅମୂଲ୍ୟ ବେହେରା, ଜଗନ୍ନାଥ ବେହେରା, ଦିଲୀପ ବେହେରା ମାଡ଼ ମାରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୫୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଅମୂଲ୍ୟ କନ୍ତପଡ଼ା ସମବାୟ ସମିତିଠାରେ ଲୋକମାନଙ୍କୁ ଗାଳିଗୁଲଜ କରୁଥିବାବେଳେ ସୁରେଶ ଏହାର ପ୍ରତିବାଦ କରିଥିଲେ। ସୁନୀଲ ମଧ ପ୍ରତିବାଦ କରିବାରୁ ଅମୂଲ୍ୟ ଓ ତାଙ୍କ ସହଯୋଗୀ ଜଗନ୍ନାଥ ଏବଂ ଦିଲୀପ ମିଶି ଦୁଇ ଭାଇଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମଦ ଜବତ, ଜଣେ ଗିରଫ

କଣିହାଁ,୨୦।୬ (ଡି.ଏନ.ଏ.)

କଣିହାଁ ଥାନା ପୋଲିସ ମଦ ଚାଲାଣ ଅଭିଯୋଗରେ ଡେରଙ୍ଗ ଗ୍ରାମର ଯୋଗୀନାଥ ବେହେରାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ପାଟ୍ରୋଲିଂବେଳେ ସେ ଧରାପଡିଥିଲେ। ନଂ. ୧୧୯ରେ ମାମଲା ରୁଜୁ ହୋଇଛି।

**OFFICE OF THE DISTRICT LEGAL SERVICES AUTHORITY, RAYAGADA**

ADVERTISEMENT NO.02/2019, DATED-19.06.2019

Applications in the prescribed proforma are invited for the post of Jr. Clerk / Jr. Clerk-cum-Typist in the Judgeship of Rayagada. For details aspirants are requested to visit the District Court's website i.e. http://ecourts.gov.in / odisha/rayagada and www.rayagada.nic.in.

Sd./-
District Judge-cum-Chairman, DLSA, Rayagada

**NOTICE**

We wish to notify to all our esteemed Customer and Educator that our Angul Help Center situated at 6th Lane, Amalapada Plot No.903/5989, Above Perfect Poly Clinic, Angul-759122, Odisha is being merged with Bhubaneswar Help Center w.e.f 1st July 2019 for the improvement of services.

For any future information and communication, you may please contact our Bhubaneswar Executive to the below-mentioned address Contact

**Person : Mr. K.B. Roy, Mob.-** 9337001227

**UNIQUE SMCS LTD. 3RD FLOOR, RATNA COMM, SUBAS BOSE MARG, CUTTACK PURI ROAD, INFRONT OF JENA ARMOURY, BHUBANESWAR-751006. Phone:** 0674-6571249

**D. D. AUTONOMOUS COLLEGE, KEONJHAR**

**ADMISSION INTO TWO-YEAR B.ED. COURSE**

Applications are invited from eligible candidates for admission into Two-Year B.Ed. course for the session 2019-21. Application form and Prospectus can be downloaded from the college website www.ddcollege.nic.in Interested eligible candidates are required to send their duly filled-in application forms along with necessary documents and processing-cum-application fee of Rs. 500/- (Rupees Five Hundred only) in the form of demand draft from any nationalized Bank in favour of Principal, D.D. Autonomous College, Keonjhar payable at Keonjhar either by Registered Post / Speed Post or by hand. The filled-in application along with required documents should reach the undersigned on or before 22.07.2019 by 4pm. The college is not responsible for postal delay. For details visit the college website www.ddcollege.nic.in

Sd./- Principal
D.D. (Auto.) College, Keonjhar

CLASSIFIED DISPLAY

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Sripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**Life Care Emporium**
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

**ODISHA JOINT ENTRANCE EXAMINATION-2019 (OJEE - 2019)**

No:-270/OJEE19 Date : 20-06-2019

**NOTICE REGARDING WEB COUNSELLING for B.TECH / B.ARCH / Int. MSc**

OJEE web-based Counselling process for B.TECH/B.ARCH/Int. MSc is going to start from 21st June 2019. For detailed schedule, seat position and counselling brochure, please go through OJEE website **www.ojee.nic.in / www.odishajee.com.** Schedules for other courses will be published soon.

Sd/-
CHAIRMAN, OJEE

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲେଣି ବଡ଼ ଘରଣୀ**
**ତାଙ୍କୁ ଦିଅ ପିଢ଼ାପାଣି ।**
**ଅଇଲାଣି ଦୁଃଖୀ ରାଣ୍ଡୀ**
**ତାକୁ ଦିଅ ଅରଟ ଖଣ୍ଡି ।**

ବଡ଼ଲୋକଙ୍କୁ ସମସ୍ତେ ମୁଣ୍ଡରେ ବସାନ୍ତି ତାଙ୍କ ହାନିଲାଭ ପଚାରି ବୁଝନ୍ତି କିନ୍ତୁ ଗରିବ ଦୁଃଖୀ ଲୋକଙ୍କୁ ସଭିଏଁ ହୀନ ଆଖିରେ ଦେଖନ୍ତି। ବଡ଼ ବା ଧନୀ ଘରର ସ୍ତ୍ରୀ ଲୋକଟିଏ ଘରକୁ ଆସିଲେ ତାଙ୍କୁ ମାନ୍ୟ କରି ପିଢ଼ାପାଣି ଦେଇ ଚର୍ଚ୍ଚା କରନ୍ତି। ଅଥଚ ଗରିବ ଘରର ବିଧବା ମହିଳାଙ୍କୁ ଦେଖିଲେ କାମ ବଢ଼େଇ ଦେବାରେ ହେଳା କରି ନ ଥାନ୍ତି। ସତେ ଯେମିତି ଖଟିବା ହିଁ ତା'ର କର୍ମ ଓ ପ୍ରାପ୍ୟ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଗା ବଗା ସଗା**
**ତିନିହେଁ ତିନି ଅଲଗା ।**

ଭିନ୍ନ ମତବାଦର ବ୍ୟକ୍ତି ଏକାଠି ମିଳିଲେ କିଛି କରିପାରନ୍ତି ନାହିଁ। ବରଂ ବିଭ୍ରାଟ ସୃଷ୍ଟି କରି ବସନ୍ତି। କାହା ମନ ସହ ମନ ମିଶି ନ ପାରିବା କାରଣରୁ ସେମାନେ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନିଟ୍‌କୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

ଭୁବନେଶ୍ୱର,୨୦।୬(ବ୍ୟୁରୋ): ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ଏନଟିଏ) ତରଫରୁ ମେଡିକାଲ କଲେଜରେ ନାମଲେଖା ପାଇଁ ଅନୁଷ୍ଠିତ ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ନିଟ୍)-୨୦୧୯ରେ ଓଡ଼ିଶାରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ କରାଯାଇଛି। ଫଳରେ ରାଜ୍ୟରେ ପାସ୍‌ହାର ହ୍ରାସ ପାଇଛି। ଏନେଇ ଅଭିଭାବକମାନେ ଅଭିଯୋଗ ଉଠାଇବା ସହ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଭାବକମାନଙ୍କ ତରଫରୁ ମୃଣ୍ମୟ ଦାସ ହାଇକୋର୍ଟରେ ଏକ ମିସ୍‌କେସ୍ ନଂ.୮୭୧୯/୨୦୧୯ ରୁଜୁ କରିଛନ୍ତି।

ଅଭିଯୋଗ ମୁତାବକ, ବାତ୍ୟା 'ଫନୀ' ପାଇଁ ଓଡ଼ିଶାକୁ ଛାଡ଼ି ଅନ୍ୟସବୁ ରାଜ୍ୟରେ ମେ' ୫ରେ ନିଟ୍ ଅନୁଷ୍ଠିତ ହୋଇଥିଲା। ମେ' ୨୦ ତାରିଖରେ ଓଡ଼ିଶାରେ ଏହି ପ୍ରବେଶିକା ପରୀକ୍ଷା ହୋଇଥିଲା। ତେବେ ଓଡ଼ିଶା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ପ୍ରଶ୍ନପତ୍ର ଅଧିକ ଜଟିଳ ଥିଲା। ଅନ୍ୟପକ୍ଷରେ ର୍‍ୟାଙ୍କ୍ ପାଇଁ ଥିବା ନର୍ମାଲାଇଜେଶନ ପ୍ରସିଜିଓରକୁ ପାଳନ କରାଯାଇ ନ ଥିଲା। ଓଡ଼ିଶାରୁ କମ୍ ପିଲା ପରୀକ୍ଷା ଦେଇଥିବା ଦର୍ଶାଇ ଏହି ପ୍ରକ୍ରିୟାକୁ ଅନୁସରଣ କରାଯାଇ ନ ଥିଲା। ଜୁନ ୫ରେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏନ୍‌ଟିଏ ପକ୍ଷରୁ ଓଡ଼ିଶା ପିଲାଙ୍କ ପ୍ରତି ଅନ୍ୟାୟ ହୋଇଥିବା ଜଣାପଡିଥିଲା। ଏହାଦ୍ୱାରା ଓଡିଶାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ଅନ୍ୟ ରାଜ୍ୟରେ ଥିବା ମେଡିକାଲ କଲେଜରେ ପାଠ ପଢିବାରେ ବାଧା ସୃଷ୍ଟି ହେବ। କିନ୍ତୁ ଅନ୍ୟ ରାଜ୍ୟର ଛାତ୍ରୀଛାତ୍ର ଓଡିଶାରେ ସେମାନଙ୍କ ପାଇଁ ଥିବା ୧୫ ପ୍ରତିଶତ ସିଟ୍‌ରେ ନାମ ଲେଖାଇବାରେ ସୁଯୋଗ ପାଇବେ। ଏପରିସ୍ଥଳେ ଓଡ଼ିଶାର ଛାତ୍ରୀଛାତ୍ରମାନେ ଡାକ୍ତରୀ ପଢ଼ିବାରୁ ବଞ୍ଚିତ ହେବେ। ବର୍ତ୍ତମାନ ରାଜ୍ୟରେ ଡାକ୍ତରଙ୍କ ଅଭାବ ରହିଥିବାବେଳେ ନିଟ୍ ଅବ୍ୟବସ୍ଥା ଯୋଗୁ ଆଗକୁ ଗୁରୁତର ପରିସ୍ଥିତି ସୃଷ୍ଟି ହେବ ।ସରକାରଙ୍କୁ ଏନେଇ ଅନେକ ଅଭିଭାବକ ଜଣାଇଲେ ମଧ୍ୟ କୌଣସି ସହଯୋଗ ମିଳିପାରୁ ନାହିଁ ବୋଲି ସେମାନେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କୁ ପଚାରିବାରୁ ସେ କହିଲେ, ମେଡିକାଲ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତରେ କ'ଣ ହୋଇଛି ଆଲୋଚନା କରାଯିବ।

ପ୍ରକାଶ ଥାଉକି, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଭାରତୀୟ ମେଡିକାଲ କାଉନ୍‌ସିଲ ଅନୁମୋଦିତ ମେଡିକାଲ କଲେଜରେ ଏମ୍‌ବିବିଏସ୍ ଓ ବିଡିଏସ୍ ନାମଲେଖା ପାଇଁ ନିଟ୍ ପରୀକ୍ଷା କରାଯାଉଛି। ଚଳିତ ବର୍ଷ ସର୍ବଭାରତୀୟ ସ୍ତରରେ ୧୩ଲକ୍ଷ ୭୫ ହଜାର ପରୀକ୍ଷାର୍ଥୀ ନିଟ୍ ଦେଇଥିଲେ। ଓଡ଼ିଶାରୁ ୪୨ ହଜାର ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ୩୨ ହଜାର ୩୮୭ଜଣ ନିଟ୍ ଦେଇଥିଲେ। ସେଥି ମଧ୍ୟରୁ ୧୯ ହଜାର ୨୪୪ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଭଞ୍ଜନଗର,୨୦।୬(ଡି.ଏନ.ଏ.)-ବେଲଗୁଣ୍ଠା ନେଳିଆବନ୍ଧ ପୋଖରୀରେ ବୁଧବାର ରାତିରେ ବୁଡି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମଚନ୍ଦ୍ର ପଟ୍ଟନାୟକ (୫୮)। ଗୁରୁବାର ସକାଳେ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଏହାପରେ ବେଲଗୁଣ୍ଠା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇ ଦେଇଛନ୍ତି। ଏଥିସହ ୨୪।୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ରାମଚନ୍ଦ୍ର ବୁଧବାର ରାତିରେ ପୋଖରୀକୁ ଶୌଚ ପାଇଁ ଯାଇ ବୁଡି ଯାଇଥିଲେ। ପରିବାର ଲୋକେ ରାତିରେ ଏନେଇ ସହରରେ ଖୋଜାଖୋଜି କରିବା ପରେ ରାମଚନ୍ଦ୍ରଙ୍କ ପତ୍ତା ପାଇନଥିଲେ।

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. Exam 1432, 2019/S.J.S.V, Puri** **Date: 19.06.19**

It is for the information of all concerned that filling up of forms for the Instant Examination in Upashastri, 2019 shall be conducted as per the programme given below.

| | | |
|---|---|---|
| Availability Forms in University website: www.sjsv.nic.in | : | 20.06.2019 to 24.06.2019 |
| Filling up of Forms & Preparation of Bank Drafts | : | 20.06.2019 to 24.06.2019. |
| Deposit of Forms and Fees in the University | : | 09.07.2019 to 10.07.2019. |
| Date of Examination | : | 25.07.2019. |
| Time of Examination | : | 10 AM to 1.00 PM |

Those regular candidates (Registration batch 2017) who have secured 35% of marks or above in aggregate (i.e. 245 marks or above out of 700) in the Annual Upashastri Examination, 2019 but have got failed in one subject shall be eligible to appear the Instant Examination in the failed subject only. The list of candidates eligible to appear the Instant Examination, 2019 in Upashastri has already been issued to the colleges/ is available in the University office. All the Principals/ H.O.I.s who have not received the list of eligible candidates are requested to collect the same from the University office by 19.06.2019. Candidates desirous of appearing the examination may fill up the forms and deposit the requisite fees in the Colleges as per the programme given above.

The list of examination centres for the instant examination shall be notified in the University website: www.sjsv.nic.in on 19.07.2019.

By order of the Vice-chancellor
**Sd./- Controller of Examinations**

# ଖାଲ ପାଣିରେ ବୁଡ଼ି ୨ ଛାତ୍ର ମୃତ

ବେଲପାହାଡ଼,୨୦।୬(ଡି.ଏନ୍.ଏ.) ଗୁରୁବାର ଖରାଦିନ ଛୁଟି ଅବଧି ସରିଛି । ଶୁକ୍ରବାର ରାଜ୍ୟର ସମସ୍ତ ସ୍କୁଲ ଖୋଲିବ । ହେଲେ ସ୍କୁଲ ଖୋଲିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ଅପରାହ୍ନ ୫ଟାରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ନୂଆପଡ଼ାରେ ଘଟିଛି ଏକ ଅଭାବନୀୟ ଘଟଣା। ଖାଲରେ ଜମିଥିବା ପାଣିରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୂଆପଡ଼ା ଗ୍ରାମର ରବୀନ୍ଦ୍ର ସାବତଙ୍କ ପୁଅ ଚନ୍ଦନ ସାବତ (୯) ଓ ସ୍ୱର୍ଗତ ଗଙ୍ଗାଧର ସ୍ୱାଇଁଙ୍କ ପୁଅ ଅବିନାଶ ସ୍ୱାଇଁ (୧୨)।

ଚନ୍ଦନ ଓ ଅବିନାଶ ଅପରାହ୍ନରେ ଖେଳିବା ପାଇଁ ଘରୁ ବାହାରିଥିଲେ। ତେବେ ଖେଳୁ ଖେଳୁ ସେମାନେ ଜନବସତିଠାରୁ କିଛି ଦୂରରେ ଥିବା ଏକ ଜଳପୂର୍ଣ୍ଣ ଖାଲରେ ପଡ଼ିଯାଇଥିଲେ। ଅପରାହ୍ନରେ ବର୍ଷା ହୋଇଥିବାରୁ ଉକ୍ତ ଖାଲରେ ପ୍ରାୟ ୫ ଫୁଟ ଉଚ୍ଚର ପାଣି ଥିଲା। ଚନ୍ଦନ ଓ ଅବିନାଶ ସେଥିରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ପଡ଼ାର ଜଣେ ବ୍ୟକ୍ତି ଖାଲରେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ପଡ଼ା ଲୋକେ ସେହି ମୃତଦେହ ଉଦ୍ଧାର କରିବା ପରେ ଖୋଜାଖୋଜି କରି ଖାଲ ଭିତରୁ ଆଉ ଏକ ମୃତଦେହ ଉଦ୍ଧାର କରିଥିଲେ। ମୃତ ଅବିନାଶ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର। ଚନ୍ଦନ ବେଲପାହାଡ଼ ରିଫ୍ରାକ୍ଟୋରିଜ ବିଦ୍ୟାଳୟରେ ଚତୁର୍ଥରେ ପାଠ ପଢୁଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୧୦/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି। ଉଭୟ ମୃତଦେହକୁ ଟିଆର୍‌ଏଲ୍ ହସ୍ପିଟାଲ ମର୍ଗ ହାଉସ୍‌ରେ ରଖାଯାଇଛି। ଶୁକ୍ରବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଥାନା ଏସ୍‌ଆଇ ବି.କେ. ବେକ୍ କହିଛନ୍ତି। ସୂଚନାଯୋଗ୍ୟ, ଡିଟିଏଚ୍ ମେକାନିକ୍ ଭାବେ କାମ କରୁଥିବା ଅବିନାଶଙ୍କ ବାପା ଗଙ୍ଗାଧରଙ୍କର ଗତ ମେ' ୨୦ ତାରିଖରେ ମୃତ୍ୟୁ ଘଟିଥିଲା। ଠିକ୍ ମାସକ ପରେ ସେହି ୨୦ ତାରିଖରେ ଅବିନାଶଙ୍କ ମୃତ୍ୟୁ ଘଟିଛି। ସେହିପରି ଚନ୍ଦନଙ୍କ ବାପା ରବୀନ୍ଦ୍ର ଏକ ଚା' ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଉଭୟ ପରିବାର ଏବେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

**CLASSIFIED DISPLAY**

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

REGISTRATION FREE | GOVT. APPROVED
BHARTIYA TELECOM GROUP
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍ ଉପରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ, ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ
କାମ ଆମର ବିଶ୍ୱାସ ଆପଣଙ୍କର
(ଠକମାନଙ୍କ ପ୍ରତି ସାବଧାନ)
08417868634
08417868647
VILLAGE-MATORDA, BHADSON, PATIALA, NABHA, PUNJAB 147202

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

FINANCE

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

COLOR DISPLAY CLASSIFIED
on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜ୍ୟୁକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
9319560899
S/C Block B, Green Park, Extn. Delhi-16

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

!! ଋଣ ଋଣ ଋଣ !!
ସତ୍ୟମ ଫାଇନାନ୍ସ
ଦ୍ୱାରା ସବୁ ପ୍ରକାର ଋଣ କରାନ୍ତୁ ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ ସମସ୍ତ ଋଣ 5,00,000-50,00,000 ପର୍ଯ୍ୟନ୍ତ ଘରେ ବସି ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ 50% ରିହାତି
ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
8810477974
Add : - 41/14, Sec-1 Pushp Vihar, Delhi

FINANCE
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id -- document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203
94858-27609

All INDIA FINANCIAL SERVICES
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୨୦।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପଣସପୁର ଗ୍ରାମରେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ପଞ୍ଚୁ ପ୍ରଧାନ(୬୫)। ପଞ୍ଚୁ ଗୁରୁବାର ମଧ୍ୟାହ୍ନରେ ନିଜ ଜମିକୁ ଚାଷ କରିବାକୁ ଯାଇଥିଲେ। ତେବେ ଜମି ଉପରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡି ଓହଳିଥିବା ଜାଣି ନ ପାରି ସେ ଏହାର ସଂସ୍ପର୍ଶରେ ଆସିବାରୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ସେ ଜୋର୍‌ରେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଆସି ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ପଞ୍ଚୁଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଟାଙ୍ଗୀ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡ଼ିକାଲ ପଠାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ପକ୍ଷାଘାତ ପୀଡ଼ିତାଙ୍କୁ କଚାଡ଼ି ମାରିଲା ଦନ୍ତା, ନାତୁଣୀ ଗୁରୁତର

**ବେତନଟୀ,୨୦।୬(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ଅଧୀନ ଯୁଗୋଳ ପଞ୍ଚାୟତର ହଳଦୀପଦା ଗ୍ରାମରେ ବୁଧବାର ରାତିରେ ଏକ ଦନ୍ତା ଜଣେ ପକ୍ଷାଘାତ ପୀଡିତା ମହିଳାଙ୍କୁ କଚାଡି ମାରିଛି । ଏଥିରେ ମହିଳାଙ୍କ ନାତୁଣୀ ଗୁରୁତର ହୋଇଛନ୍ତି। ମୃତା ହେଲେ ସାଇବାଣୀ ସିଂ (୬୦) । ନାତୁଣୀଙ୍କ ନାମ ସରସ୍ୱତୀ (୧୬)। ଝାଡ଼ଖଣ୍ଡ ଅଞ୍ଚଳରୁ ୩୦ ହାତୀ ସପ୍ତାହକ ପୂର୍ବେ ବେତନଟୀ ଦେଇ ନୀଳଗିରି ଜଙ୍ଗଲକୁ ଯାଇଥିଲେ। ମଙ୍ଗଳବାର ରାତିରେ ହାତୀପଲ ନଡପୁର ନିକଟ ଦଲକି ସଂରକ୍ଷିତ ଜଙ୍ଗଲରେ ପହଞ୍ଚିଥିଲେ। ବୁଧବାର ରାତିରେ ବନ କର୍ମଚାରୀ ହାତୀପଲକୁ ଛାତନା ସଂରକ୍ଷିତ ଜଙ୍ଗଲ ଆଡ଼କୁ ଘଉଡାଇ ଦେଇଥିଲେ। ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କ ସୂଚନା ଅନୁସାରେ ହାତୀପଲ ହଳଦୀପଦା ଗ୍ରାମକୁ ଘେରି ରହିଥିବା ବେଳେ ଗ୍ରାମବାସୀ ଭୟଭୀତ ହୋଇ ଘର ଛାଡି ପଳାଇ ଆସିଥିଲେ। ଗୋଟିଏ ହାତୀ ଅଧିକ ହିଂସ୍ର ହୋଇ କେତେଜଣଙ୍କ ଘର ଭାଙ୍ଗି ଦେଇଥିଲା। ବନ କର୍ମଚାରୀ ହାତୀପଲକୁ ଘଉଡାଇ ମଣତାପାଲ ଜଙ୍ଗଲରେ ଛାଡି ଦେଉଥିବାବେଳେ ଗୋଟିଏ ହାତୀ ଗ୍ରାମ ନିକଟରେ ରହିଯାଇଥିଲା। ସାଇବାଣୀ ସିଂ ପକ୍ଷାଘାତ ରୋଗରେ ପୀଡିତ ଥିବାରୁ ନାତୁଣୀ ସରସ୍ୱତୀ ତାଙ୍କୁ ଅନ୍ୟ ଘରକୁ ନେଉଥିଲେ। ଏହି ସମୟରେ ହାତୀଟି ଜେଜେମା ଓ ନାତୁଣୀଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ସାଇବାଣୀଙ୍କୁ ମୃତ ଘୋଷଣା କରିଥିଲେ। ସରସ୍ୱତୀ ଜୀବନ ବିକଳରେ ଦୌଡୁଥିବା ଏକ ଲୁହା ରଡ ତାଙ୍କ ଦେହରେ ପଶି ଯାଇଛି। ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ସାଇବାଣୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅଧିକାର ଲଢ଼େଇ ପାଇଁ ଏକଜୁଟ ହେଉଛନ୍ତି ଆଦିବାସୀ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ସୁପ୍ରିମକୋର୍ଟଙ୍କ ଏକ ସଦ୍ୟ ରାୟ ପରେ ସାରା ରାଜ୍ୟର ଆଦିବାସୀମାନେ ଜଙ୍ଗଲ ଜମିରୁ ଉଚ୍ଛେଦ ହେବା ଆଶଙ୍କା ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାର ମଧ୍ୟ ଜଙ୍ଗଲ ଉପରେ ସେମାନଙ୍କ ଅଧିକାର ନାହିଁ ବୋଲି କହିଥିଲେ। ଏହାକୁ ନେଇ କ୍ଷୁବ୍ଧ ଆଦିବାସୀମାନେ ସେମାନଙ୍କ ଆଇନଗତ ଅଧିକାର ପାଇଁ ହାତ ମିଳାଇ ଲଢେଇ ଆରମ୍ଭ କରିଛନ୍ତି। ଆଦିବାସୀଙ୍କୁ ବାସଚ୍ୟୁତ କରାଯିବା ନେଇ ଏକ ଅଦାଲତ ନିର୍ଦ୍ଦେଶନାମା ଗତ ଫେବୃୟାରୀରେ ଆସିଥିଲା। ହେଲେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ହେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ସେହି ରାୟ ଉପରେ ରହିତାଦେଶ ଜାରି କରିଥିଲେ। ଏହା ଏବେ ବି ବଳବତ୍ତର ରହିଛି। ହେଲେ ଭବିଷ୍ୟତରେ ସେମାନଙ୍କୁ ଯେ ବାସଚ୍ୟୁତ କରା ନ ଯିବ, ସେ କଥାରେ ଆଶଙ୍କା ପ୍ରକାଶ କରି ଅନେକ ଜନଜାତି ଆତଙ୍କିତ ଅଛନ୍ତି। ସରକାରୀ ନିୟମ, ଅମଲାତନ୍ତ୍ରୀଙ୍କ କୌଶଳ ସାଧାରଣ ଆଦିବାସୀ ବୁଝିବା କଷ୍ଟକର। ଜନଜାତିମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ଅଭାବ ରହିଥିବା ପରିଲକ୍ଷିତ ହୋଇଛି। ତେଣୁ ସେମାନେ ଜଙ୍ଗଲ ଅଧିକାର ଆଇନ-୨୦୦୬ ବିଷୟରେ ସଚେତନ ହେବା ପାଇଁ ଚେଷ୍ଟା କରୁଥିବା ଜଣାପଡିଛି।

**ବିସ୍ଥାପନ ଭୟ**

ରାଜ୍ୟର କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ ଏବଂ ମୟୂରଭଞ୍ଜ ଜିଲାରେ ପର୍ଟିକୁଲାର୍ଲି ଭଲନରେବଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ଜନଜାତି ଦେଖିବାକୁ ମିଳିଥାନ୍ତି। ଗତ ସପ୍ତାହରେ ଏହି ସବୁ ଜନଜାତିର ଜନସାଧାରଣ କେନ୍ଦୁଝର ଜିଲାର ବାଂଶପାଳରେ ଏକାଠି ହୋଇଥିଲେ। ନୀତି ନିୟମକୁ ଆୟୁଧ କରି ଅତୀତରେ କିପରି ଜନସଂଗ୍ରାମ ଦ୍ୱାରା ଆଦିବାସୀମାନେ ନିଜ ଜଙ୍ଗଲ ଜମି ସୁରକ୍ଷା କରିପାରିଛନ୍ତି, ସେ ନେଇ ଆଲୋଚନା କରିଥିଲେ। କେନ୍ଦୁଝର ଜିଲା ଗୋନାସିକା ଅଞ୍ଚଳର ଅଧିବାସୀ ବୀରବର ନାୟକ କହିଛନ୍ତି ଯେ ରାଜ୍ୟରେ ଅଧିକାଂଶ ଜନଜାତି ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ ନୁହନ୍ତି। ସେମାନେ ଆଇନକୁ ଠିକ୍ ଭାବେ ଜାଣିଲେ ହିଁ ନିଜ ଅଧିକାର ପାଇଁ ଲଢିପାରିବେ। ତେଣୁ ଆଦିବାସୀଙ୍କୁ ସଚେତନ କରିବା ପାଇଁ ଆନ୍ତଃ ଜିଲା ଏବଂ ଆନ୍ତଃ ଜନଜାତିମାନଙ୍କ ସମ୍ମିଳନୀ କରାଯାଉଥିବା ସେ କହିଛନ୍ତି। ପିଭିଟିଜି ଅଧୀନରେ ଆସୁଥିବା ପାଓଡି ଭୂୟାଁମାନେ ଜୁଆଙ୍ଗ ଓ ଅନ୍ୟ ଜନଜାତିମାନଙ୍କୁ ଭେଟି ଆଲୋଚନା କରୁଥିବା ଜଣାପଡିଛି। ପରସ୍ପରର ଅଭିଜ୍ଞତା ବାଣ୍ଟିବା ସହ ଆଇନକୁ ନେଇ ଆଲୋଚନା କରୁଛନ୍ତି। କେତେକ ସାମାଜିକ କର୍ମୀ ଏବଂ ଜଙ୍ଗଲ ଅଧିକାର ବିଶେଷଜ୍ଞମାନେ ସେମାନଙ୍କୁ ଏଥିରେ ସହଯୋଗର ହାତ ବଢାଇଥିବା ଜଣାପଡିଛି। ସେହିଭଳି ଚାରିଗାଁର ପବିତ୍ର ଦେହୁରୀ କହିଛନ୍ତି ଯେ, ଆଦିବାସୀମାନଙ୍କ ସମ୍ପର୍କରେ ଥିବା ବିଭିନ୍ନ ସମସ୍ୟାକୁ ଜିଲାସ୍ତରୀୟ କମିଟି ଗଠନ କରି ସମାଧାନ କରିବାର ନିୟମ ରହିଛି। ଏହି ନିୟମ ଜଙ୍ଗଲ ଅଧିକାରୀ ଆଇନରେ ମଧ୍ୟ ଉଲ୍ଲେଖ ରହିଛି। ହେଲେ ଜିଲାସ୍ତରରେ ଏହି କମିଟି ନିୟମିତ ଭାବେ ବସୁ ନ ଥିବା ଅଭିଯୋଗ କରାଯାଇଛି। ବିଭିନ୍ନ କାରଣରୁ ଗ୍ରାମସଭାରେ ମଧ୍ୟ କୌଣସି ବିଷୟ ନେଇ ସହମତିଆସିପାରୁ ନ ଥିବା ପବିତ୍ର କହିଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠ ଅନୁଯାୟୀ ୫,୭୩,୮୬୭ଟି ମାମଲା ଜନଜାତିମାନଙ୍କ ଦ୍ୱାରା କରାଯାଇଛି। ତନ୍ମଧ୍ୟରୁ ଜନଜାତିଭିତ୍ତିକ ମାମଲା ୧,୨୨,୨୫୦ ଏବଂ ଓଟିଏଫ୍‌ଡି ଦ୍ୱାରା ୨୬,୬୨୦ ମାମଲାକୁ ଖାରଜ କରାଯାଇଛି। ହେଲେ ଖାରଜ ମାମଲାଗୁଡିକ ପୁନର୍ବାର ଅନୁଧ୍ୟାନ କରାଯାଉଥିବା ରାଜ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଯଦି ସେମାନଙ୍କ ଆବେଦନ ଖାରଜ ହୋଇ ସାରିଛି, ତେବେ ଉଚ୍ଛେଦ ପ୍ରକ୍ରିୟା କାହିଁକି ଆରମ୍ଭ ହୋଇ ନାହିଁ ବୋଲି ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିବା ଜଣାପଡିଛି।

# ପାଟଣାଗଡ଼ ବିଧାୟକଙ୍କ ଗିରଫ ଦାବିରେ ଭାଜପା

**ଭୁବନେଶ୍ୱର, ୨୦।୬ (ବ୍ୟୁରୋ):** ପାଟଣାଗଡ ବିଧାୟକ ସରୋଜ ମେହେର ଜଣେ ଇଞ୍ଜିନିୟରଙ୍କୁ ସର୍ବସମ୍ମୁଖରେ ଉଠବସ କରିବା ଘଟଣାକୁ ନେଇ ବିବାଦ ତୁଟିବାର ନାଁ ଧରୁନାହିଁ। ଏହି ଘଟଣାରେ ଆନ୍ଦୋଳନ ବଢିବାରେ ଲାଗିଛି। ଏଭଳି ସ୍ଥିତିରେ ବିଧାୟକଙ୍କ ଗିରଫ ଦାବିକୁ ଭାଜପା ପକ୍ଷରୁ ଜୋର୍‌ଦାର କରାଯାଇଛି। ଏହି ଘଟଣାକୁ ୧୪ ଦିନ ବିତି ସାରିଥିଲେ ମଧ୍ୟ ପୋଲିସ କାହିଁକି ଚୁପ ବସିଛି ସେନେଇ ଭାଜପା ପ୍ରଶ୍ନ ଉଠାଇଛି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ପାଟଣାଗଡ ବିଧାୟକ ମେହେର ଜୁନିୟର ଇଞ୍ଜିନିୟରଙ୍କୁ ବସଉଠ କରାଇଥିବା କଥା ସ୍ୱୀକାର କରିସାରିଛନ୍ତି । ବଲାଙ୍ଗୀର ଜିଲାପାଳ ମଧ୍ୟ ବିଧାୟକଙ୍କ ଦୋଷ ଥିବା ରିପୋର୍ଟରେ ଦର୍ଶାଇ ସାରିଛନ୍ତି। ଏହାସତ୍ତ୍ୱେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ ବିଭାଗର ମୁଖ୍ୟ ହୋଇ ଏହି ଘଟଣାକୁ ଗୁରୁତର ସହ ନେବା ପରିବର୍ତ୍ତେ ନବନିର୍ବାଚିତ ବିଧାୟକଙ୍କୁ ସୁରକ୍ଷା ଯୋଗାଉଛନ୍ତି । ପୂର୍ବରୁ ଶାସକ ଦଳର ଅନେକ ନେତା ଆଦିବାସୀ, ଦଳିତ ଏବଂ ମହିଳାଙ୍କ ଉପରେ ଅତ୍ୟାଚାର କରିବାପରେ ଆଇନକୁ ବାଟବଣା କରିବାକୁ ଉଦ୍ୟମ କରିଛନ୍ତି । ଶାସକ ଦଳର ବିଧାୟକ ସରକାରୀ ଅଫିସରଙ୍କୁ ଅସମ୍ମାନ କରିବା ପରେ ଉଭୟ ଗୃହ ବିଭାଗ ଏବଂ ପୋଲିସ ପ୍ରଶାସନ ଚୁପ ରହିଛି । ସମୟ ଗଡାଇ ବିଧାୟକଙ୍କୁ ବେଲ୍ କରାଇ ଖସାଇବାକୁ ଷଡଯନ୍ତ୍ର ରଚାଯାଇଛି । ବିଧାୟକ ବିଧାନସଭା ଗରିମାକୁ ହାନି କରିଛନ୍ତି । ବିଧାନସଭା ଆରମ୍ଭ ପୂର୍ବରୁ ବିଧାୟକଙ୍କୁ ଗିରଫ କରାଯାଉ ବୋଲି ଲେଖାଶ୍ରୀ କହିଛନ୍ତି ।

**ଆଇନକୁ ବାଟବଣା କରିବାର ପ୍ରୟାସ ଚାଲିଛି: ଲେଖାଶ୍ରୀ**

# ପିଲାଙ୍କ ହାତରେ ବିଶ୍ୱର ଭବିଷ୍ୟତ: ପ୍ରିୟଙ୍କା




**ମୁମ୍ବାଇ:** ପିଲାଙ୍କ ହାତରେ ବିଶ୍ୱର ଭବିଷ୍ୟତ ରହିଛି ବୋଲି ବଲିଉଡ୍ ଅଭିନେତ୍ରୀ ତଥା ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଜାତିସଂଘର ଗୁଡ୍‌ୱିଲ୍ ଆମ୍ବାସାଡର ପ୍ରିୟଙ୍କା ଚୋପ୍ରା ଜୋନ୍‌ସ ପ୍ରକାଶ କରିଛନ୍ତି। ଗୁରୁବାର ବିଶ୍ୱ ଶରଣାର୍ଥୀ ଦିବସ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ବାର୍ତ୍ତା ଦେଇ ପ୍ରିୟଙ୍କା ଏହା କହିଛନ୍ତି। ବିଭିନ୍ନ କାରଣ ପାଇଁ ନିଜ ଜନ୍ମମାଟି ଛାଡ଼ିବାକୁ ବାଧ୍ୟ ହେଉଥିବା ପିଲାମାନଙ୍କୁ ୩୬ ବର୍ଷୀୟା ଏହି ଅଭିନେତ୍ରୀ ସହଯୋଗର ହାତ ବଢ଼ାଇ ଦେଇଛନ୍ତି। ଶରଣାର୍ଥୀ ଶିବିରରେ ପିଲାଙ୍କୁ ଭେଟି ସେମାନଙ୍କ ସହ କଥା ହେଉଥିବାର ଏକ ଭିଡିଓକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

ବିଶ୍ୱର ଭବିଷ୍ୟତ ଆଜିର ପିଲାଙ୍କ ହାତରେ ରହିଛି। ଅଥଚ ଏକ ନିଷ୍ଠୁର ବାସ୍ତବତା ହେଉଛି ବିଶ୍ୱର ନିରୀହ ପିଲାଙ୍କର ଭବିଷ୍ୟତ ଅନ୍ଧକାର। କାରଣ ଏହି ପିଲାମାନେ ନିଜ ଦେଶରେ ଗୁରୁତର ଯୁଦ୍ଧସଂକଟ ଏବଂ ଖାଦ୍ୟ ଅଭାବ ଯୋଗୁ ବିସ୍ଥାପିତ ହୋଇ ଅନ୍ୟ ଦେଶରେ ଶରଣାର୍ଥୀ ଜୀବନ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି ବୋଲି ପ୍ରିୟଙ୍କା କହିଛନ୍ତି।

ସେ ନିକଟରେ ଜୋର୍ଡାନ, ବାଂଲାଦେଶ ଏବଂ ଇଥିଓପିଆରେ ଥିବା ଶରଣାର୍ଥୀ ଶିବିର ଗସ୍ତ କରିଥିଲେ। ହିଂସାକାଣ୍ଡ, ଅତ୍ୟାଚାର, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଅନେକ ପରିବାର ନିଜ ଘରଦ୍ୱାରା ଛାଡିବାକୁ ବାଧ୍ୟ ହେଉଥିବା ବେଳେ ପିଲାମାନେ ମାତାପିତାଙ୍କଠାରୁ ଅଲଗା ହୋଇଯାଉଛନ୍ତି। ଏଥିପାଇଁ ସେମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ ଆଗାମୀ କାଲିର ଭବିଷ୍ୟତ ହୋଇଥିବାରୁ ଅନ୍ୟମାନେ କ୍ଷମତା ମୁତାବକ ସେମାନଙ୍କୁ ସହାୟତାର ହାତ ବଢ଼ାଇଦେବା ଆବଶ୍ୟକ ବୋଲି ପ୍ରିୟଙ୍କା ପ୍ରକାଶ କରିଥିଲେ।

# ପ୍ରଫେସର ଭାଗବତ ରଥଙ୍କ ପରଲୋକ



**ରାୟଗଡା ଅଫିସ୍, ୨୦।୬:** ପ୍ରଫେସର ଭାଗବତ ପ୍ରସାଦ ରଥ (୮୭)ଙ୍କ ଗୁରୁବାର ରାୟଗଡା ରୟତକଲୋନୀସ୍ଥିତ ବାସଭବନରେ ପରଲୋକ ହୋଇଛି । ସେ ପ୍ରଥମେ ଗଞ୍ଜାମ ଜିଲା କୋଦଳା ବ୍ଲକ୍ ଚେୟାରମ୍ୟାନ ଥିଲେ । ରାଜନୀତି ଛାଡି ଗଞ୍ଜାମ କଲେଜ ପରେ ରାୟଗଡା କଲେଜରେ ଇଂରାଜୀ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ । ସେ ଗାନ୍ଧୀବାଦୀ ଭାବେ ପରିଚିତ ଥିଲେ । ପାରାଦୀପର ପୋସ୍କୋ ଓ ରାୟଗଡ଼ା କାଶୀପୁରରେ ଶିଳ୍ପ ଯୋଗୁ ଉପୁଜୁଥିବା ପରିବେଶ ପରିସ୍ଥିତି ପାଇଁ ସେ ଶିଳ୍ପାଞ୍ଚଳକୁ ବିରୋଧ କରୁଥିଲେ। ସେ ଜଣେ କବି, ଲେଖକ ହିସାବରେ ସୁନାମ ଅର୍ଜନ କରିଛନ୍ତି । ସେ ଲେଖିଥିବା ବିଭିନ୍ନ ପୁସ୍ତକ ମଧ୍ୟରୁ ଅଲ୍ ଇଣ୍ଡିଆ ଗାନ୍ଧୀୟାନ ମାଗାଜିନ(ବିଜିଲି) ଅନ୍ୟତମ । ଶୁକ୍ରବାର ସକାଳେ ତାଙ୍କ ପୁତ୍ର କଲିକତାରୁ ଆସିବା ପରେ ତାଙ୍କର ଶେଷକୃତ ସମ୍ପନ୍ନ ହେବ।

■ ଆଦିବାସୀ ସମ୍ପତ୍ତି ହସ୍ତାନ୍ତର ଆଇନକୁ ନେଇ ଅଦାଲତ ରାୟ ପ୍ରସଙ୍ଗ

# ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କଲା ଲୋକଶକ୍ତି ଅଭିଯାନ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଲୋକଶକ୍ତି ଅଭିଯାନ ପକ୍ଷରୁ ଗତ ଏପ୍ରିଲ ୧୨ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରଦତ୍ତ ରାୟ ଦ୍ୱାରା ଆଦିବାସୀଙ୍କୁ ନ୍ୟାୟ ଦେବା ପାଇଁ ହୋଇଥିବା ଜନଜାତିଙ୍କ ଜମି ହସ୍ତାନ୍ତର ନିଷେଧ ଆଇନ-୧୯୫୬ରେ ୨୦୦୦ ମସିହା ସଂଶୋଧିତ ଧାରାକୁ ଅବୈଧ ଘୋଷଣା କରିବା ଆଇନର ମୂଳ ଲକ୍ଷ୍ୟକୁ ପ୍ରତିହତ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋହିଆ ଏକାଡେମୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା ଏବଂ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ଏହା କହିଛନ୍ତି। ଏଥିସହିତ ଖବରଦାତା ସମ୍ମିଳନୀ ପୂର୍ବରୁ ଆଇନଗତ ଏବଂ ବୈଧାନିକ ନିରାକରଣ ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି ଯେ, ୨୦୦୦ର ସଂଶୋଧିତ ଧାରା ୩ (ଖ)ରେ ୧୯୫୬ରୁ ୨୦୦୦ ପର୍ଯ୍ୟନ୍ତ ମୂଳ ଆଇନକୁ ଉଲ୍ଲଂଘନ କରି ହସ୍ତାନ୍ତରିତ ହୋଇଥିବା ଆଦିବାସୀଙ୍କ ଜମିକୁ ଅଣଆଦିବାସୀ ସାହୁକାରମାନଙ୍କ ପାଖକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା ଉଲ୍ଲେଖିତ ରହିଛି। ଏହି ସଂଶୋଧନ ଆଇନର ମୂଳ ଲକ୍ଷ୍ୟ ଆଦିବାସୀମାନଙ୍କଠାରୁ ହଡ଼ପ ହୋଇଥିବା ଜମିକୁ ଫେରାଇ ଆଣିବା ପାଇଁ ରାଜ୍ୟପାଳଙ୍କ ଜରିଆରେ ଆଇନର ସଂଶୋଧନ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ୨୦୦୨ ସେପ୍ଟେମ୍ବରରେ ଏହି ଆଇନ ଦ୍ୱାରା ଜମି ମାଲିକମାନଙ୍କୁ ୨ ବର୍ଷ ମହଲତ ଦିଆଯାଇଥିଲା । ସେମାନେ ସଂପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ପାଖରେ ନିଜ ନିଜର ଆଇନ ମୁତାବକ ଦଲିଲ ଦାଖଲ କରିବେ । ହେଲେ ୧୦୫ ସାହୁକାର ସମେତ ଅଣଆଦିବାସୀ ଜମି ମାଲିକମାନେ ଆଇନ ସମ୍ମତ ଦଲିଲ ଦାଖଲ କରିବାକୁ ଅସମର୍ଥ ହୋଇ ୨୦୦୬ ମସିହାରେ ହାଇକୋର୍ଟରେ ରିଟ ପିଟିଶନ୍ ଦାଖଲ କରିଥିବା ସାମନ୍ତରା କରିଛନ୍ତି।

ଦୀର୍ଘ ୧୩ ବର୍ଷ ପରେ ହାଇକୋର୍ଟରେ ବିଚାରପତିମାନେ ସଂଶୋଧିତ ଆଇନର ମହତ୍ ଲକ୍ଷ୍ୟ (ଆଦିବାସୀଙ୍କଠାରୁ ଶୋଷଣ ପ୍ରକ୍ରିୟାରେ ହସ୍ତାନ୍ତର ହୋଇଥିବା ଜମିକୁ ଫେରସ୍ତ ଆଣିବା ପାଇଁ)କୁ ଧ୍ୟାନ ନ ଦେଇ ଏବଂ ୩ (ଖ) ଧାରାରେ ଥିବା ୧୯୫୬ରୁ ୨୦୦୦ ମଧ୍ୟରେ ହସ୍ତାନ୍ତରିତ ଜମି ଫେରସ୍ତ ପାଇଁ କାର୍ଯ୍ୟକାରୀ କରିବା ପ୍ରକ୍ରିୟା ଉଲ୍ଲେଖ ରହିଛି। ଏହା ସତ୍ତ୍ୱେ ଆଇନ ଗୃହୀତ ହେବା ପରଠାରୁ ଏହା ପ୍ରଚଳିତ ହେଲେ ସଂଶୋଧନ ପୂର୍ବ ସମୟରୁ ଲାଗୁ ହେବନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏପରି ରାୟ ଦ୍ୱାରା ଆଇନରେ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସମ୍ପୂର୍ଣ୍ଣ ଆଖିବୁଜି ଦିଆଯାଇଛି। ଏହି ରାୟ ସମ୍ପୂର୍ଣ୍ଣ ଭାବେ ଆଦିବାସୀଙ୍କ ସ୍ୱାର୍ଥ ଓ ନ୍ୟାୟ ପାଇଁ ହୋଇଥିବା ସଂଶୋଧିତ ଆଇନକୁ ବଳି ପକାଇ ଦିଆଯାଇଛି। ଏହି ଶୁଣାଣିରେ ସରକାରଙ୍କ ତରଫରୁ ଆଡ୍‌ଭୋକେଟ ଜେନେରାଲ ନ ରହିବା ପ୍ରମାଣିତ କରୁଛି ଯେ ସରକାର ନିଜ ଆଇନର ରକ୍ଷା ପାଇଁ ବିଶେଷ ତତ୍ପରତା ନାହାନ୍ତି । ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ସାଧାରଣ ଲୋକଙ୍କଠାରୁ ଜମି ଛଡ଼ାଇ ନେଇଥିବା ବଡ଼ ବଡ଼ କମ୍ପାନୀ ତଥା ପ୍ରକଳ୍ପ ବିରୋଧରେ ଜନମ୍‌ସ୍ୱାର୍ଥ ମାମଲାକୁ ବିରୋଧ କରିବା ପାଇଁ ଅନେକ ସମୟରେ ରାଜ୍ୟର ଆଡ୍‌ଭୋକେଟ ଜେନେରାଲ ଠିଆ ହେଉଥିବା ବେଳେ ହାଇକୋର୍ଟରେ ଆଦିବାସୀଙ୍କୁ ନ୍ୟାୟ ଦେବା ପାଇଁ ଖୋଦ ଆଇନର ରକ୍ଷା ପାଇଁ ସରକାରଙ୍କ ତରଫରୁ ଗୁରୁତ୍ୱ ଦେବାପରି ମନେ ହେଉନାହିଁ ବୋଲି ଲୋକଶକ୍ତି ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି ।

ଏହି ରାୟ ବିରୋଧରେ ସର୍ବୋଚ୍ଚ ନ୍ୟାୟଳୟକୁ ଯିବା କିମ୍ବା ପୁଣି ହାଇକୋର୍ଟରେ ରିଭ୍ୟୁ ପିଟିଶନ ଫାଇଲ କରିବା ଅଥବା ରାଜ୍ୟପାଳଙ୍କ କ୍ଷମତା ପ୍ରୟୋଗ କରି ସାମ୍ବିଧାନିକ ପଦକ୍ଷେପ ନେବା ପାଇଁ ଅଭିଯାନ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହିତ ରାଜ୍ୟପାଳଙ୍କୁ ସାକ୍ଷାତକରି ଏ ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଆଦିବାସୀ ପରାମର୍ଶ ପରିଷଦ ବୈଠକ ଡକାଇ ଏହି ରାୟର ପ୍ରତିକାର ପାଇଁ ଯଥାଶୀଘ୍ର ନିଅନ୍ତୁ ବୋଲି ଦାବି କରାଯାଇଛି।

# ଜାମିନ ନାମଞ୍ଜୁର ପରେ ବାରିମୂଳ ଜେଲ ଗଲେ ଟିଟୋଙ୍କ ୨ ଭାଇ

କେନ୍ଦ୍ରାପଡା ଅଫିସ, ୨୦।୬

କଣ୍ଟ୍ରାକ୍ଟର ରନ୍ଥା ଓରଫ ଶିବପ୍ରସାଦ ପରିଡ଼ା ଅପହରଣ ମାମଲାରେ ବୁଧବାର ଗିରଫ ହୋଇଥିବା ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସ୍‌ମାନ ଅଲ୍ଲୀଙ୍କ ୨ ଭାଇ ଓ ଜଣେ ସମ୍ପର୍କୀୟଙ୍କୁ ଗୁରୁବାର କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ହାଜର କରିଛି। ମାମଲାର ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ସାବିତ୍ରୀ ଆଚାର୍ଯ୍ୟ ସେମାନଙ୍କୁ କୋର୍ଟରେ ହାଜର କରିଥିଲେ। ଏସ୍‌ଡିଜେଏମ୍ ଏହି ମାମଲାର ଶୁଣାଣି କରି ଟିଟୋଙ୍କ ୨ଭାଇ ଜୀ ବାବୁ ଓରଫ ସୟଦ ଆସ୍‌ପାକ ଅଲ୍ଲୀ ଓ ଚିଟୋ ଓରଫ ସୟଦ ଇଫତ୍‌କାର ଅଲ୍ଲୀ ଏବଂ ସମ୍ପର୍କୀୟ ମୁନ୍ନା ଓରଫ ଅମଜାଦ ଖାଁଙ୍କ ଜାମିନ ନାମଞ୍ଜୁର କରିଦେଇଛନ୍ତି। ପରେ ସେମାନଙ୍କୁ ବାରିମୂଳସ୍ଥିତ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି।

**କଣ୍ଟ୍ରାକ୍ଟର ରନ୍ଥା ଅପହରଣ ମାମଲା**

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଧୀନ ଚାରିଗାଁର ସୁପରକ୍ଲାସ୍ କଣ୍ଟ୍ରାକ୍ଟର ରନ୍ଥାଙ୍କୁ ଟିଟୋଙ୍କ ନିର୍ଦ୍ଦେଶରେ ତାଙ୍କ ଭାଇ ଓ ସମ୍ପର୍କୀୟ ଅପହରଣ କରି ମାଡ଼ ମାରିଥିଲେ। ଟିଟୋଙ୍କ ଗିରଫଦାରି ପରେ ଏହି ଘଟଣା ଜଣାପଡ଼ିବାରୁ ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ ନିଜ ତରଫରୁ ଏ ନେଇ ମାମଲା ରୁଜୁ କରିଥିଲେ। ସେହି ମାମଲା ଆଧାରରେ ଟିଟୋଙ୍କ ୨ ଭାଇଙ୍କ ସହ ଅନ୍ୟ ଜଣଙ୍କୁ ଏସ୍‌ଟିଏଫ୍‌ର ଏକ ଟିମ୍ ବୁଧବାର ଭୋରରୁ ଉଠାଇ ନେଇଥିଲା। ଗୁରୁବାର ଏସ୍‌ଟିଏଫ ଟିମ୍ ରନ୍ଥା ଅପହରଣ, ଜମି ଜବରଦଖଲ ଓ ହତ୍ୟା ଧମକ ମାମଲା(୧୦/୨୦୧୮)ରେ ଉପରୋକ୍ତ ୩ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସରକାରୀ ଓକିଲ ସଞ୍ଜୟ ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଗ୍ୟାଙ୍ଗଷ୍ଟର ଟିଟୋ ଓ ତାଙ୍କ କେତେଜଣ ସହଯୋଗୀ ଗିରଫ ହୋଇଛନ୍ତି। ମାତ୍ର ତାଙ୍କ ଅନ୍ୟ କେତେଜଣ ସହଯୋଗୀଙ୍କ ନିକଟରେ ଅଦ୍ୟାବଧି କ୍ରାଇମବ୍ରାଞ୍ଚ ପହଞ୍ଚି ପାରିନାହିଁ।


ଟିଟୋଙ୍କ ଭାଇଙ୍କୁ କୋର୍ଟ ବାହାରକୁ ଅଣାଯାଉଛି।

# ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ହୋଇଥିଲା : ପୁତ୍ର ସନ୍ତାନ ଜନ୍ମ ଦେଲେ ନାବାଳିକା

ଏରସମା,୨୦।୬(ସ୍ୱ.ପ୍ର.)

ଏରସମା ଥାନା ଅଞ୍ଚଳର ଜଣେ ନାବାଳିକା ଗୁରୁବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଏହାପରେ ନାବାଳିକା ଓ ନବଜାତ ଶିଶୁର ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପ୍ରଘଟ ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଭିଡ ଜମିଥିଲା। ସୂଚନାଯୋଗ୍ୟ, ଥାନା ଅଧୀନ ଖୁରାଣ୍ଟ ଗ୍ରାମର ବିକାଶ ସାମନ୍ତ(୩୨)ନାମକ ବିବାହିତ ଯୁବକ ସମ୍ପୃକ୍ତା ୧୫ ବର୍ଷର ନାବାଳିକାଙ୍କୁ ଭୟଭୀତ କରାଇ ଅନୈତିକ ସମ୍ପର୍କ ରଖିଥିଲେ। ନାବାଳିକା ଏ ଘଟଣା କାହା ଆଗରେ ପ୍ରକାଶ କଲେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। କିଛିଦିନ ପରେ ନାବାଳିକା ଗର୍ଭବତୀ ହେବାରୁ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏଥିସହିତ ଖବର ଚାରିଆଡ଼େ ବ୍ୟାପି ଯାଇଥିଲା। ପରେ ପରିବାର ପକ୍ଷରୁ ମେ’ ୩୦ରେ ଏରସମା ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା (ନଂ-୮୧/୧୯)ରୁଜୁ କରିବା ସହ ଅଭିଯୁକ୍ତ ବିକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଫଟୋରେ ଖବର


ଢେଙ୍କାନାଳ ରଥଗଡ଼ାଠାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଢେଙ୍କାନାଳ ଅଫିସ, ୨୦।୬:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ହିନ୍ଦୋଳ ରୋଡ ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥର ବଣିଆପଡ଼ା ଛକ ନିକଟରେ ବୁଧବାର ରାତି ସାଢ଼େ ୧୦ଟାରେ ଏକ ଚିପ୍ସ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶଙ୍କର ମହାରଣା (୨୭)। ଶଙ୍କର ନିଜର ବାଇକ୍‌ରେ ଭୁବନେଶ୍ୱରରୁ ନୂଆପଡ଼ା ଯାଉଥିଲେ। ଏହି ସମୟରେ ଗୁଡ଼ିଆକାଟେଣୀରୁ କଟକ ଆଡ଼କୁ ଯାଉଥିବା ଉକ୍ତ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ହିନ୍ଦୋଳରୋଡ ଫାଣ୍ଡି ଅଧିକାରୀ ଅକ୍ଷୟ କୁମାର ଦାସ ସଦଳବଳ ପହଞ୍ଚି ତଦନ୍ତ କରିବା ସହ ଉଭୟ ଟ୍ରକ୍ ଏବଂ ବାଇକ୍ ଜବତ କରିଛନ୍ତି। ଏ ନେଇ ନଂ. ୯୭/୧୯ରେ ମାମଲା ରୁଜୁ କରାଯାଇଛି। ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ରିଜିଓନାଲ ସାଇନ୍ସ ସେଣ୍ଟର ନିକଟ ବସ୍ତି ଅଞ୍ଚଳରେ ଶଙ୍କରଙ୍କ ଘର ବୋଲି ପୋଲିସ କହିଛି।

### କୃଷକ ସମାଜର ବାର୍ଷିକ ଅଧିବେଶନ

**ହିନ୍ଦୋଳ, ୨୦।୬(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତ ଧୋବଣୀନନ୍ଦର ସର୍କଲ କୃଷକ ସମାଜ ଡିହସାହି ଶାଖାର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଧ୍ରୁବଚରଣ ବେହେରା ଏଥିରେ ସଭାପତିତ୍ୱରେ କରିବା ସହ ବିଭିନ୍ନ ସମସ୍ୟା ସମାଧାନ କରିବା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ସଙ୍ଗଠନକୁ ମଜଭୁତ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ବରିଷ୍ଠ ସଭ୍ୟ ତ୍ରିନାଥ ବେହେରା, ଜଳଧର ବେହେରା, କାଳିନ୍ଦୀ ଚରଣ ସାହୁ, ଡମ୍ବରୁଧର ବେହେରା, ତୀର୍ଥବାସୀ ବେହେରା, ରବିନାରାୟଣ ବେହେରା, ଗିରୀଶ ବେହେରା, ଦିବାକର ସାହୁ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ସାତମାଇଲ, ୨୦।୬(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ କଳିଙ୍ଗା ପଞ୍ଚାୟତ ଅଧୀନ ପାଳଚକଡ଼ା ଗ୍ରାମର ସାମାଜିକ କର୍ମୀ ମହେଶ୍ୱର ସର(୮୨)ଙ୍କ ଗୁରୁବାର ପୂର୍ବାହ୍ନ ସାଢ଼େ ୮ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ଜାନିଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମେତ ଗ୍ରାମର ସମସ୍ୟା ସମାଧାନ ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଅନ୍ତିମ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ଶେଷକୃତ୍ୟ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ବୁଦ୍ଧଦେବ ମୁଖାଗ୍ନି ଦେଇଥିଲେ।

### କମ୍ପ୍ୟୁଟର ପ୍ରଶିକ୍ଷଣ ସଚେତନତା ଶିବିର

**ଢେଙ୍କାନାଳ ଅଫିସ, ୨୦।୬:** ଢେଙ୍କାନାଳ ମିନାବଜାର ଗାନ୍ଧୀମନ୍ଦିର ରୋଡ୍‌ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶିକ୍ଷା' ପରିସରରେ ବାଣୀବିହାର କମ୍ପ୍ୟୁଟର ପ୍ରଶିକ୍ଷକ କେନ୍ଦ୍ରରେ ଗୁରୁବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଧନେଶ୍ୱର ସାହୁ କହିଲେ, ସମୟକ୍ରମେ ମାନବ ଜାତିର କ୍ରମବିକାଶ ଘଟୁଛି। ବୈଷୟିକ ଜ୍ଞାନକୌଶଳ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ଅଗ୍ରଗତି ଅନେକ ଅସାଧ କାର୍ଯ୍ୟକୁ ସଫଳତାର ସହ କରିପାରୁଛି। ଏଥିରେ କମ୍ପ୍ୟୁଟର ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏ ଦିଗରେ ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୟଦ ସଫିର ଅଲ୍ଲିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ମାନସ ରଥ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ମୁଖ୍ୟ ପ୍ରଶିକ୍ଷିକା ବିଷ୍ଣୁପ୍ରିୟା ମହାପାତ୍ର, ସାଗର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




# ଶୋକରେ ବୁଡ଼ିଲା ବଡ଼ସୁଆଁଳ

**ଆତଙ୍କବାଦୀଙ୍କ ସହ ଲଢ଼ି ବୀରତ୍ୱର ପରାକାଷ୍ଠା ଦେଖାଇଥିବା ଶହୀଦ ଅଜିତ୍ ସାହୁଙ୍କ ଶେଷକୃତ୍ୟ ଜନ୍ମମାଟି ବଡ଼ସୁଆଁଳରେ ସମ୍ପନ୍ନ ହୋଇଛି। ଦେଶସେବାରେ ପ୍ରାଣବଳି ଦେଇଥିବା ଅଜିତ୍‌ଙ୍କ ଦେଶପ୍ରେମ ଏବେ ଉଦାହରଣ ସାଜିଥିବାବେଳେ ଅଞ୍ଚଳବାସୀ ଝୁରିହେଉଛନ୍ତି ମାଟିର ପୁଅକୁ। ଢେଙ୍କାନାଳରେ ମରଶରୀର ପହଞ୍ଚିବାଠାରୁ ଆରମ୍ଭ କରି ଚିତା ଜଳିବା ଯାଏ ହଜାର ହଜାର ଜନସାଧାରଣ ଉପସ୍ଥିତ ରହି ତାଙ୍କୁ ଦେଇଥିଲେ ଅଶ୍ରୁଳ ବିଦାୟ। ଗ୍ରାମବାସୀଙ୍କ ମନରେ ଛାପ ଛାଡ଼ିଯାଇଥିବା ଅଜିତ୍‌ଙ୍କ ପାଇଁ ଶୋକରେ ବୁଡ଼ିଯାଇଥିଲା ଗାଁ...**



### ଢେଙ୍କାନାଳ ମିନି ଷ୍ଟାଡିୟମ ଲୋକାରଣ୍ୟ

ଶହୀଦ ଅଜିତ୍‌ଙ୍କ ମରଶରୀର ପୂର୍ବାହ୍ନ ୮ଟାରେ ପହଞ୍ଚିଥିଲା ଢେଙ୍କାନାଳ ମିନି ଷ୍ଟାଡିୟମରେ। ଅମର ଯବାନଙ୍କୁ ଶେଷଦର୍ଶନ କରିବାକୁ ଲୋକାରଣ୍ୟ ହୋଇଉଠିଥିଲା ସମଗ୍ର ଅଞ୍ଚଳ। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ସାହୁ ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ରାଜ୍ୟ ଭାଜପା କୃଷକମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଉପସଭାପତି ନବକିଶୋର ଗୁରୁ, ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଜିଲା ମହିଳା ବିଜେଡି ସଭାପତି ସାଇଶ୍ରୀ ପଟ୍ଟନାୟକ, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ କ୍ରୀଡ଼ାବିତ୍ ଶହୀଦଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଧାୟକ ସୁଧୀର କୁମାର ସାମଲଙ୍କ ପକ୍ଷରୁ ତାଙ୍କ ପ୍ରତିନିଧି ଆଇନଜୀବୀ ଦେବାଶିଷ ମିଶ୍ର ଶହୀଦଙ୍କ ମରଶରୀରରେ ମାଲ୍ୟାର୍ପଣ କରିଥିଲେ।

### ୫ଘଣ୍ଟାର ଶୋଭାଯାତ୍ରା

ଅଜିତ୍‌ଙ୍କ ମୃତଦେହ ଢେଙ୍କାନାଳରେ ପହଞ୍ଚୁ ପହଞ୍ଚୁ ୮ଟା ବାଜି ଯାଇଥିଲା। ସେଠାରୁ ଜନ୍ମମାଟିକୁ ନେବାକୁ ଲାଗିଯାଇଥିଲା ପାଖାପାଖି ୫ଘଣ୍ଟା। ଢେଙ୍କାନାଳରୁ ବଡସୁଆଁଳ ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ଶହୀଦଙ୍କ ଶେଷଦର୍ଶନ କରିବାକୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଏକାଠି ହୋଇଥିଲେ। କାମାକ୍ଷାନଗର ପଣ୍ଡୁଆ ଛକରୁ ଜନ୍ମମାଟି ବଡସୁଆଁଳ ଯାଏ ସୃଷ୍ଟି ହୋଇଥିଲା ଜନସମୁଦ୍ର। ଭିଡ଼ ଆଡ଼େଇ ଶୋଭାଯାତ୍ରା ଆଗକୁ ବଢ଼ିବାରେ ବିଳମ୍ବ ହୋଇଥିଲା।

### ପାକିସ୍ତାନ ବିରୋଧୀ କ୍ଷୋଭ

ଅଜିତ୍‌ଙ୍କ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନସାଧାରଣଙ୍କ ମନରେ ଦେଖିବାକୁ ମିଳିଥିଲା ପାକିସ୍ତାନ ବିରୋଧୀ କ୍ଷୋଭ। ହଜାର ହଜାର ଲୋକ ଏକ ସଙ୍ଗରେ ପାକିସ୍ତାନ ମୁର୍ଦ୍ଦାବାଦ ନାରା ଲଗାଇଥିଲେ। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପଡୋଶୀ ଦେଶ ଉପରେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନେକେ ଖୋଲାଖୋଲି ମତ ଦେଉଥିବା ଦେଖିବାକୁ ମିଳିଥିଲା।

### ଦେଇପାରିଲେନି ଫୁଲତୋଡ଼ା

ଶ୍ମଶାନରେ ତୋପ ସଲାମୀ ଦିଆଯାଉଥିବାବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଫୁଲତୋଡ଼ା ସହ ଅନ୍ତିମ ଦର୍ଶନ କରିବାକୁ ଅପେକ୍ଷା କରିଥିଲେ। ହେଲେ ଭିଡ଼ ପାର ହେବା ସେମାନଙ୍କ ପକ୍ଷେ ସମ୍ଭବପର ହୋଇ ନ ଥିଲା। ସେମାନେ ଆଣିଥିବା ଫୁଲତୋଡ଼ା ଶହୀଦଙ୍କ ପାର୍ଥିବ ଶରୀରରେ ଲଗାଯାଇପାରି ନ ଥିଲା। ଏହାକୁ ନେଇ ଅନେକେ ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

### ଗଣମାଧ୍ୟମକୁ ନାଲିଆଖି

ଶହୀଦ୍ ଅଜିତ୍‌ଙ୍କ ଶବାଧାରରେ ଏପରି ଅସମ୍ଭାଳ ଭିଡ଼ ହେବବୋଲି ଆକଳନ କରିପାରି ନ ଥିଲା ପ୍ରଶାସନ। ଭିଡ଼ ନିୟନ୍ତ୍ରଣ କରିବାକୁ ସେପରି ଆଖିଦୃଶିଆ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇ ନ ଥିଲା। ଏହାକୁ ନେଇ ନାକେଦମ ହୋଇପଡ଼ିଥିଲେ ପୋଲିସ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀ। ତୋପ ସଲାମୀ ଦିଆଯାଉଥିବାବେଳେ ଅବ୍ୟବସ୍ଥା ସୀମା ଟପିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ ଜିଲାପାଳ। ସାଧାରଣ ଲୋକଙ୍କ ଉପରେ ଥିବା ରୋଷକୁ ସେ ଗଣମାଧ୍ୟମ ପ୍ରତିନିଧି ଉପରେ ଅଜାଡ଼ି ଦେଇଥିଲେ। ଏହାକୁ ନେଇ ଘଟଣାକ୍ରମର ସିଧା ପ୍ରସାରଣ କରୁଥିବା ବୈଦ୍ୟୁତିକ ଗଣମାଧ୍ୟମର ଜନୈକ କ୍ୟାମେରାମ୍ୟାନ୍‌ଙ୍କ ସହ ତାଙ୍କର ବାକ୍‌ବିତଣ୍ଡା ହୋଇଥିଲା। ସ୍ଥାନୀୟ ବାସିନ୍ଦା, ସାମାଜିକ କର୍ମୀ, ସଙ୍ଗଠନ ପକ୍ଷରୁ ଶ୍ମଶାନରେ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ହେଲେ ପ୍ରଶାସନ ପକ୍ଷରୁ ଶହୀଦଙ୍କ ଅନ୍ତିମ ଯାତ୍ରାରେ କୌଣସି ବନ୍ଦୋବସ୍ତ କରାଯାଇ ନ ଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

### ଶ୍ମଶାନରେ ସମସ୍ତେ ଏକାଠି

ଶହୀଦଙ୍କୁ ବିଦାୟ ଦେବାକୁ ସତେ ଯେମିତି ଚାହିଁ ବସିଥିଲା ବଡ଼ସୁଆଁଳ ଗ୍ରାମ ଶ୍ମଶାନ। ମୃତଦେହ ଗ୍ରାମକୁ ଅଣାଯିବାକୁ ନିଷ୍ପତ୍ତି ହେବାପରେ ସ୍ଥାନୀୟ ସରପଞ୍ଚ ପଠାଣି ସାମନ୍ତ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସେଠାରେ ସଫେଇ କରାଯାଇଥିଲା। ଏଥିରେ ସହଯୋଗ କରିଥିଲେ ଅଞ୍ଚଳର ସାମାଜିକ କର୍ମୀ ରାଜନାରାୟଣ ତ୍ରିପାଠୀ, ସୁକାନ୍ତ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଯୁବକ ଗୋଷ୍ଠୀ। ପ୍ରଶାସନ ପକ୍ଷରୁ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଏସ୍‌ପି ଅନୁପମା ଜେମ୍ସ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ତହସିଲଦାର ସୁଧାଂଶୁ ମହାନ୍ତି, ରାଜସ୍ୱ ଅଧିକାରୀ ମନୋଜ ମାଝି, ଥାନାଧିକାରୀ ନିରଞ୍ଜନ ସେଠୀ, ଜିଲା ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ, ଗଁଦିଆ ବ୍ଲକ ଅତିରିକ୍ତ ତହସିଲଦାର ସୁକାନ୍ତ ମିଶ୍ର, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଜିଲା ଭାଜପା ସଭାପତି ବିଭୂତି ପ୍ରଧାନ, ଉପସଭାପତି ଶତ୍ରୁଘ୍ନ ଜେନା, କଲେଜ ଅଧକ୍ଷ ଚିତ୍ତରଞ୍ଜନ ଦାସଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ, ଜନପ୍ରତିନିଧି ଶହୀଦ ଅଜିତ୍‌ଙ୍କ ଅନ୍ତିମ ଦର୍ଶନ କରିଥିଲେ।

### ଶହୀଦଙ୍କ ବଳିଦାନ ବ୍ୟର୍ଥ ଯିବନି

ଶହୀଦ ଅଜିତ୍ ସାହୁଙ୍କ ବୀରତ୍ୱକୁ ପ୍ରଶଂସା କରିଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ସେ ଦିଲ୍ଲୀରେ ଥିବାରୁ ଶୋକସନ୍ତପ୍ତ ପରିବାରକୁ ଟେଲିଫୋନ୍‌ରେ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଏମ୍‌ପି କହିଲେ, ଢେଙ୍କାନାଳ ହେଉଛି ସଂଗ୍ରାମୀଙ୍କ ମାଟି। ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ବଳିଦାନ ପାଇଁ ଏ ମାଟି ଗର୍ବିତ। ସେହି ମାଟିର ଲଢୁଆ ପୁଅ ଅଜିତ୍ ଦେଶମାତୃକାର ସେବାରେ ପ୍ରାଣବଳି ଦେଇଛନ୍ତି। ଶହୀଦଙ୍କ ଲଢ଼େଇ ବ୍ୟର୍ଥ ଯିବନି। ଆତଙ୍କବାଦର ମୂଳୋତ୍ପାଟନ ନିଶ୍ଚୟ ହେବ ବୋଲି ଏମ୍‌ପି କହିଛନ୍ତି।


ଶୋକରେ ଅଧୀର ବାପା ସନ୍ତୋଷ ସାହୁ।


ଦୁଃଖରେ ମ୍ରିୟମାଣ ମା' କୁମୁଦିନୀ ସାହୁ।


ଢେଙ୍କାନାଳ ମିନି ଷ୍ଟାଡିୟମରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।


ଶହୀଦଙ୍କୁ ସମ୍ମାନ ଜଣାଇ ତୋପ ସଲାମୀ ଦିଆଯାଉଛି।


ଶବାଧାରରେ ଜନସମୁଦ୍ର ପରିବେଶ।

# ଟାଏକୋଣ୍ଡୋ ପ୍ରତିଯୋଗୀ ସମ୍ବର୍ଦ୍ଧିତ


ସମ୍ବର୍ଦ୍ଧିତ ହୋଇଥିବା ଟାଏକୋଣ୍ଡୋ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୨୦।୬**

ଲକ୍ଷ୍ନୌରେ ଆୟୋଜିତ ୩୯ତମ ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ଢେଙ୍କାନାଳ ଜିଲାରୁ ଭାଗ ନେଇଥିବା ୭ ପ୍ରତିଯୋଗୀ ୫ ସ୍ୱର୍ଣ୍ଣ, ୫ ରୌପ୍ୟ, ୨ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ସୂର୍ଯ୍ୟାଲୋକ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଅଧକ୍ଷ ଦୀପକରଞ୍ଜନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ପ୍ରତିଯୋଗିତାରେ ଶ୍ରେୟାସ୍ ଶକ୍ତିସ୍ମିଥ୍ ୨ ସ୍ୱର୍ଣ୍ଣ, ସମୀକ୍ଷା ନନ୍ଦ, ଚେତନଶ୍ରୀ ବେହେରା, ବିଶ୍ୱପ୍ରଜ୍ଞାନ ବ୍ରହ୍ମ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ଗୋଟିଏ ଲେଖାଏଁ ରୌପ୍ୟ, ଶୁଭଜିତ ପଣ୍ଡା ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍, ଓମ୍ ସାଇ ବିଶ୍ୱନାଥ ଚୌଧୁରୀ ଗୋଟିଏ ରୌପ୍ୟ, ପ୍ରିୟାଂଶୁ ପ୍ରତୀକ କଅଁର ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଅବସରରେ ପ୍ରଶିକ୍ଷକ ସୌମ୍ୟକାନ୍ତ ବେଉରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

### 'ଆତଙ୍କବାଦୀ କାର୍ଯ୍ୟକଳାପ ଶରଣାର୍ଥୀ ସଂଖ୍ୟା ବଢ଼ାଉଛି'

**ଢେଙ୍କାନାଳ ଅଫିସ,୨୦।୬**

ସ୍ଥାନୀୟ ଉଫୁନା କାର୍ଯ୍ୟାଳୟରେ ଗୁରୁବାର ବିଶ୍ୱ ଶରଣାର୍ଥୀ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧକ୍ଷତା କରି କହିଲେ, ପଡ଼ୋଶୀ ଦେଶରେ ବଢୁଥିବା ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ଭାରତରେ ଶରଣାର୍ଥୀ ସମସ୍ୟା ବୃଦ୍ଧି ପାଉଛି। ଏ ଦିଗରେ ଚିନ୍ତା କରିବାର ବେଳ ଆସିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ପୂର୍ବତନ ମୁଖ୍ୟଯନ୍ତ୍ରୀ ଅକ୍ଷୟ ଶତପଥୀ କହିଲେ, ଶରଣାର୍ଥୀଙ୍କ ଥଇଥାନ, ସୁରକ୍ଷା ନେଇ ଜାତିସଂଘ ସର୍ବଦା ଚିନ୍ତା କରି ଆସୁଛି। ଜାତିସଂଘ ପକ୍ଷରୁ ୩ ମିଲିୟନ ଶରଣାର୍ଥୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଥିବା ସେ ସୂଚନା ଦେଇଥିଲେ। ପୂର୍ବତନ ବିଚାରପତି ଦୁର୍ଗାଚରଣ ମିଶ୍ର, ଶିକ୍ଷାବିତ୍ ଦିଲୀପ ନନ୍ଦ, ଡମ୍ବରୁଧର ପଣ୍ଡା, ଡା. ବିଷ୍ଣୁଚରଣ ଦାସ, ଦୈତାରୀ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ରାଜ୍ୟ ସମ୍ପାଦକ କବି ବାହାଦୁର ପାଟସାହାଣୀ, ମହାସଚିବ ଦୀପାୟନ ପଟ୍ଟନାୟକ, ବିଚିତ୍ରାନନ୍ଦ ମହାନ୍ତି ଉପସ୍ଥିତ ଥିଲେ।

## ଫଟୋରେ ଖବର


କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଅଧୀନ ହଣ୍ଡପା ଥାନା ବଇଣ୍ଡା ଛକ ରାସ୍ତାକଡ଼ରେ କୁଢ଼କୁଢ଼ ଆବର୍ଜନା ଜମା ହୋଇରହିଛି।



ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ଅଜିତ କୁମାର ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଗଁଦିଆ ଆଞ୍ଚଳିକ ସେବା ସଙ୍ଗଠନ ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ଭୁଲ୍ ଜାତିଗତ ପ୍ରମାଣପତ୍ର ଦାଖଲ ଅଭିଯୋଗ

## ସୋର ବିଧାୟକଙ୍କ ନାମରେ ହାଇକୋର୍ଟରେ ମାମଲା

**ସୋର, ୨୦।୬(ଡି.ଏନ.ଏ.):** ଭୁଲ୍ ଜାତିଗତ ପ୍ରମାଣପତ୍ର ପ୍ରଦାନ ଏବଂ ନିର୍ବାଚନୀ ସତ୍ୟପାଠରେ ନିର୍ଦ୍ଦିଷ୍ଟ କଲମ ଫାଙ୍କା ଛାଡ଼ିବା ଘଟଣା ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ପୁଣି ଥରେ ଅଡୁଆରେ ପକାଇଛି। ଏନେଇ ୨୦୧୯ ନିର୍ବାଚନରେ ସୋର ବିଧାନସଭା ଆସନ ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଥିବା ରାକେଶ କୁମାର ମଲ୍ଲିକ ଗତ ୧୭ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଲ୍ଲିକଙ୍କ ଆବେଦନକୁ ଭିତ୍ତି କରି ହାଇକୋର୍ଟରେ ଏକ ଇଲେକ୍ସନ ମିସ୍ କେସ୍(୧/୨୦୧୯) ରୁଜୁ ହୋଇଛି। ବିଧାୟକ ଧଡ଼ାଙ୍କ ମୂଳ ଜାତି ଘଣି ହୋଇଥିବାବେଳେ ସେ ତାଙ୍କ ଜାତିଗତ ପ୍ରମାଣପତ୍ରରେ କୈବର୍ତ୍ତ ଦର୍ଶାଇଥିବା ହାଇକୋର୍ଟରେ ଅଭିଯୋଗ ହୋଇଛି। ଏଥିସହିତ ୨୦୧୯ ନିର୍ବାଚନ ପାଇଁ ଦାଖଲ ହୋଇଥିବା ସତ୍ୟପାଠ ପୂରଣରେ ମଧ ଅନେକ ଗୁରୁତ୍ୱପୂର୍ଣ୍ଣ କଲମ୍ ଫାଙ୍କା ରଖାଯାଇଛି ବୋଲି ମଲ୍ଲିକ ତ୍ରୁଟି ଦର୍ଶାଇଛନ୍ତି। ୨୦୧୪ରେ ମଧ ବିଧାୟକ ପର୍ଶୁରାମ ଧଡ଼ାଙ୍କ ଜାତିଗତ ପ୍ରମାଣପତ୍ରକୁ ନେଇ ହାଇକୋର୍ଟରେ କଂଗ୍ରେସର ପରାଜିତ ପ୍ରାର୍ଥୀ ମୃତ୍ୟୁଞ୍ଜୟ ଜେନା ଓ ଭାଜପା ପରାଜିତ ପ୍ରାର୍ଥୀ ରାକେଶ ମଲ୍ଲିକ ଆବେଦନ କରିଥିଲେ। ଉକ୍ତ ଆବେଦନକୁ ବିରୋଧ କରି ଧଡ଼ା ସୁପ୍ରିମ କୋର୍ଟ ଯାଇଥିଲେ। ମାତ୍ର ଉକ୍ତ ମାମଲାକୁ ହାଇକୋର୍ଟରେ ବିଚାର କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଏବେ ବିଚାରାଧୀନ ରହିଛି। ସୋର ବିଧାନସଭା ଆସନ ତଫସିଲଭୁକ୍ତ ଜାତିଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଧଡ଼ା ଭୁଲ୍ ଜାତିଗତ ପ୍ରମାଣ ପତ୍ର ଦେଇ ନିର୍ବାଚନ ଲଢ଼ି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ମଲ୍ଲିକ ଅଭିଯୋଗ ଆଣିଛନ୍ତି। ମଲ୍ଲିକଙ୍କ ଏଭଳି ଅଭିଯୋଗ ସମ୍ପର୍କରେ ବିଧାୟକ ଧଡ଼ାଙ୍କ କୌଣସି ମତାମତ ମିଳିପାରି ନାହିଁ।

ଲାଞ୍ଚ ମାମଲାର ରାୟ ପ୍ରକାଶ

## ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀଙ୍କୁ ୨ ବର୍ଷ ଜେଲ

**ଫୁଲବାଣୀ ଅଫିସ,୨୦।୬:** କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଗୁରୁବାର ଏକ ଲାଞ୍ଚ ମାମଲାର ବିଚାର କରି ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ(ହର୍ଟିକଲଚର ଏକ୍ସଟେନସନ ୱାର୍କର) ସୀମାନ୍ତ ଦିଗାଲଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬୦୦୦ ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ରେ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ସିକବାଡିର ତପନ ପ୍ରଧାନଙ୍କ ସମେତ ୭ ଜଣ ଚାଷୀ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜଙ୍ଗଲ ଜମିରେ ଉଦ୍ୟାନ କୃଷି ବିଭାଗ ସହଯୋଗରେ ଆମ୍ବ ଚାଷ କରିଥିଲେ। ସେଠାରେ ବାଡ ବୁଲାଇବା ପାଇଁ ୨୦ ବଣ୍ଡଲ ତାର ମଞ୍ଜୁର ହୋଇଥିଲା। ଏହାକୁ ଦେବା ପାଇଁ ସୀମାନ୍ତ ଚାଷୀମାନଙ୍କଠାରୁ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଚାଷୀମାନେ ୬ ହଜାର ଟଙ୍କା ଦେଇ ତାର ନେଇଥିଲେ। ମଷ୍ଟର ରୋଲ ପ୍ରସ୍ତୁତ କରିବା ପାଇଁ ଯେତେବେଳେ ଚାଷୀମାନେ କହିଲେ ସେ ପୁଣି ବାକି ଥିବା ୬ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଚାଷୀମାନେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୧୬ ଡିସେମ୍ବର ୧୩ରେ ସୀମାନ୍ତଙ୍କୁ ଚାଷୀମାନେ ୬ ହଜାର ଟଙ୍କା ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ କର୍ମଚାରୀ ସେହି ଟଙ୍କା ଜବତ କରିବା ସହ ସୀମାନ୍ତଙ୍କୁ ଗିରଫ କରିଥିଲେ। ମୋଟ ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ସୁରେଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

■ ଏମ୍‌ପି ଅନୁଭବ ମହାନ୍ତିଙ୍କ ଦୁର୍ବ୍ୟବହାର ଘଟଣା

# ନବୀନ ନିବାସ ଆଗରେ ମହିଳା ଖବରଦାତାଙ୍କ ଧାରଣା



■ ପୋଲିସ ଜବରଦସ୍ତ ଉଠାଇନେଲା
■ ପୋଲିସ କମିଶନରଙ୍କୁ ଅଭିଯୋଗ ଜଣାଇଲେ
■ ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବାକୁ ଚେତାବନୀ

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ଅଭିନେତା ତଥା କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି, ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଭାଇ ଅନୁପ୍ରାସ ମହାନ୍ତିଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣିଥିଲେ ମହିଳା ଖବରଦାତା ସସ୍ମିତା ଆଚାର୍ଯ୍ୟ। ପୁରୀଘାଟ ଥାନା ପୋଲିସ ଅନୁଭବ ଓ ତାଙ୍କ ଭାଇଙ୍କ ନାମରେ ମାମଲା (ନଂ. ନଂ–୧୧୩/୧୯) ରୁଜୁ କରି ତଦନ୍ତ କରୁଛି। ଘଟଣାର ୭ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅନ୍ୟପକ୍ଷରେ ଅନୁଭବଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ସସ୍ମିତାଙ୍କ ନାମରେ ମାମଲା (ନଂ–୧୧୪/୧୯) ରୁଜୁ କରିଛି। ହେଲେ ପୋଲିସର କାର୍ଯ୍ୟଧାରାକୁ ନେଇ ଅଭିଯୋଗ ଉଠାଇଛନ୍ତି ମହିଳା ଖବରଦାତା ସସ୍ମିତା। ଶାସକ ଦଳର ନେତା ହୋଇଥିବାରୁ ଅନୁଭବଙ୍କ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଓଲଟା ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ତେଣୁ ନ୍ୟାୟ ପାଇଁ ଗୁରୁବାର ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ଅଭିଯୋଗପତ୍ର ଦେବାକୁ ନବୀନ ନିବାସ ଆସିଥିଲେ। ହେଲେ ମୁଖ୍ୟମନ୍ତ୍ରୀ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ଜାଣିବା ପରେ ସସ୍ମିତା ନବୀନ ନିବାସ ଆଗରେ ଧାରଣାରେ ବସିଥିଲେ। ଏୟାରପୋର୍ଟ ଥାନା ପୋଲିସ ପହଞ୍ଚି ସେଠାରୁ ତାଙ୍କୁ ତୁରନ୍ତ ଉଠାଇ ଗାଡ଼ିରେ ନେଇଯାଇଥିଲେ। ପରେ ତାଙ୍କୁ ବୁଝାଶୁଝା କରି ପୋଲିସ କମିଶନରଙ୍କ ନିକଟକୁ ନେଇଥିଲେ। ସସ୍ମିତା ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ଅଭିଯୋଗ ଜଣାଇଥିଲେ। ଘଟଣାର ତଦନ୍ତ କରାଯାଉଛି, ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କମିଶନର ମହାନ୍ତି ପ୍ରତିଶ୍ରୁତି ଦେବା ପରେ ସସ୍ମିତା ଘରକୁ ଫେରିଥିଲେ। ତେବେ ଫେରିବାବେଳେ ସସ୍ମିତା ଗଣମାଧ୍ୟମକୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବାକୁ ସେ ପୁଣି ଶୁକ୍ରବାର ଆସିବେ। ଯଦି ନ୍ୟାୟ ନ ମିଳେ ତେବେ ସେ ଆତ୍ମାହୁତି ଦେବେ।

ଏନେଇ ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି, ଏହି ଘଟଣାରେ ଉଭୟ ପକ୍ଷଙ୍କ ଅଭିଯୋଗ ଅନୁଯାୟୀ ଦୁଇଟି ମାମଲାର ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଥିବାବେଳେ ମହିଳା ଜଣକ ଅନ୍ୟଆଡେ ଯିବାର କିଛି ମାନେ ନାହିଁ। ଏୟାରପୋର୍ଟ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ମହିଳା ଜଣକ ସକାଳେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସି ନବୀନ ନିବାସ ଆଗରେ ବସିଥିଲେ। ଆମେ ବୁଝାଶୁଝା କରିବା ପରେ ପୋଲିସ କମିଶନରଙ୍କୁ ଦେଖା କରାଇ ବୁଝାଇ ଛାଡ଼ିଲୁ।

ସୂଚନାଯୋଗ୍ୟ, ସସ୍ମିତା ପୁରୀଘାଟ ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଅଞ୍ଚଳରେ ପରିବାର ସହ ରୁହନ୍ତି। ଘର ନିକଟରେ ଥିବା ଏକ ଖବରକାଗଜ ସଂସ୍ଥାରେ କାର୍ଯ୍ୟ କରନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସେ ପ୍ରତିଦିନ ଅଫିସ ଯିବାବେଳେ ନନ୍ଦୀସାହି ନିକଟରେ ଅନୁଭବଙ୍କ ଭାଇ ଅନୁପ୍ରାସ ଓ ତାଙ୍କର ସାଙ୍ଗମାନେ ତାଙ୍କୁ କମେଣ୍ଟ କରିବା ସହ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଗତ ୧୨ ତାରିଖ ରାତିରେ ମଧ୍ୟ ସମାନ ଘଟଣା ଘଟିଥିଲା। ଏ ସମ୍ପର୍କରେ ଅନୁଭବଙ୍କୁ ଜଣାଇବା ପାଇଁ ମହିଳା ଖବରଦାତା ସସ୍ମିତା ତାଙ୍କ ବାସଭବନକୁ ଯାଇଥିଲେ। ହେଲେ ସେଠାରେ ଅନୁଭବ ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଉପରକୁ ଛେପ ପକାଇଥିଲେ। ଏପରିକି ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ମଧ୍ୟ ତାଙ୍କୁ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ସେତେବେଳେ ଏମ୍‌ପି ଅନୁଭବ ମହାନ୍ତି ମହିଳାଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ବୋଲି କହିଥିଲେ।


**नालको NALCO**
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING E-TENDER**

Digitally signed online bids for Two Part, Open Tender through Central Public Procurement e-procure Portal are invited on for the following Works.

**1. RFP No. TNCC-014/2019 :** Exterior vinyl wrapping work inclusive of supply, printing and pasting new vinyl graphics in 03 rakes of New Delhi Bhubaneswar Rajdhani Express and unwrapping of vinyl on completion of the contract.

For details visit **www.eprocure.gov.in** or **www.nalcoindia.com**. Any Updates / Amendments / Extension / Corrigendum will only be hosted in above websites.

**AGM (Elect.),T&C**



ODISHA HYDRO POWER CORPORATION LIMITED.
**OFFICE OF THE SENIOR GENERAL MANAGER (ELECTRICAL): BALIMELA HYDRO ELECTRIC PROJECT : POST: BALIMELA: DIST: MALKANGIRI (ODISHA): PIN: 764051., Phones: 06861-232581(O) / 232641 (R). FAX - 06861-232541. Email- <unit.head_balimela@yahoo.com>**
OHPC
**REGD. OFFICE:** ODISHA HYDRO POWER CORPORATION LIMITED.
**(A Government of Odisha Undertaking)**
**ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22, Tel.- 91-0674-2542983, 2542802,25425526, 2542826, Fax: 254102, GRAM: HYDROPOWER; E-MAIL :ohpc.co@gmail.com / md@ohpcltd.com, WEB: www.ohpcltd.com**

NOTICE INVITING TENDER No.-BHEP/DE-III/10/2019-20; DTD: 20.06.2019

No.CAD-119 :- Sealed Tenders in single part are ivited from Authorized Dealers / Agencies/ Reputed Suppliers for supply of the following materials as detailed below.

| Group No. | Description of Works | Estimated Cost in Rs. | Cost of tender paper (Non-refundable) in Rs. | EMD in shape of DD only (Non-refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of Techno Commercial bid. |
|---|---|---|---|---|---|---|---|
| A | Supply of Sanitary materials for Erector's Hostel at BHEP, Balimela | Rs. 86,040.00 | Rs.400/- (+GST @18%)= Rs. 472.00 | Rs.870/- | 21.06.2019 | 01.07.2019 11:00 A.M | 01.07.2019 11:30 P.M |
| B | Supply of Pump- Motor Spares for Water Supply System at BHEP, Balimela | Rs. 1,60,650.00 | Rs.600/- (+GST @18%)= Rs. 708.00 | Rs.1650/- | 21.06.2019 | 01.07.2019 11:00 A.M | 01.07.2019 11:30 P.M |

For details of the tender documents, terms & conditions, please visit our website www.ohpcltd.com
04019/11/0012/1920
Sd./- Unit Head, BHEP, Balimela



See Career Appointment on every **Wednesday & Saturday**



**OFFICE OF THE**
MUNICIPALITY, BASUDEVPUR
**At/P.O.- Basudevpur, Dist.- Bhadrak, Odisha, Pin-756125, Phone / Fax :** (06784) 271252
**e-mail:- Basudevpurn.hud@nic.in**
**Letter No.1497** **Date: 20.06.19**

**TENDER CALL NOTICE**

Sealed tenders in double Cover system both (Technical bid & Financial bid) are invited from eligible service provider for Cleaning & Sanitation work of Basudevpur Municipality whose details are available in the office website **www.basudevpurmunicipality.com** or during office hour on Dt.21.06.19 to Dt.28.06.19 & up to 1.30 P.M on Dt.29.06.19 for both sale of Tender Paper & drop of Tender paper in Specified box of Municipality, Basudevpur.

**Sd./- Executive Officer**
**Municipality, Basudevpur**



**OFFICE OF THE MEDICAL OFFICER I/C, CHC KHAPRAKHOL, DIST : BOLANGIR**
Adv. No. 243 Date : 20.06.2019

**TENDER CALL NOTICE**
**FOR HIRING OF VEHICLE FOR RBSK**

Sealed proposal are invited from interested private Individuals / Tour Operator/ Travel Agency for hiring of vehicle for RBSK of CHC Khaprakhol on a Monthly basis. Interested Bidders have to submit their Proposals separately along with EMD in favour of Rogi Kalyan Samiti H Khaprakhol and Other documents through Speed Post / Regd. Post / Courier only to the undersigned before 29.06.2019 (Saturday) by 3.00 P.M. Sealed Quotation (Superscribing Quotation for engagement of RBSK vehicle) should be submitted in the prescribed forms in two envelops for Technical Bid and Financial Bid to the Office of the undersigned. No personal Correspondence / Inquiry will be entertained in this matter and the office will not be held responsible for any postal delay. All the term and condition can be obtained from the office of the Medical Officer during the office hour. The undersigned reserves the right to accept or reject any or all the quotations without assigning any reason thereof.

**Sd./- Medical Officer I/C,**
**CHC, Khaprakhol, Bolangir**



ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି
ପତ୍ର ସଂଖ୍ୟା: ୩୧୯/୨୦୧୯ ତାରିଖ: ୧୯।୦୬।୨୦୧୯

**ବିଜ୍ଞାପନ**

ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରିଙ୍କ ନିଷ୍ପତ୍ତି ଏବଂ ଅଧ୍ୟକ୍ଷ–ତଥା–ଉପ–ଜିଲ୍ଲାପାଳଙ୍କ ଆଦେଶକ୍ରମେ, ଏତଦ୍ୱାରା ମାଲକାନଗିରି ପୌର ପରିଷଦ ତଥା ମାଲକାନଗିରି ବ୍ଲକ ପରିସୀମା ଅନ୍ତର୍ଗତ, ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମୁଖ୍ୟ ବଜାର ପ୍ରାଙ୍ଗଣରେ ତିଆରି ହୋଇଥିବା ୨୧ (ଏକୋଇଶ) ଗୋଟି ନୂତନ ଦୋକାନ ଗୃହକୁ Tender ମାଧ୍ୟମରେ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଚାଷୀ ଭାଇ ଓ ଭଉଣୀମାନେ ଅଫିସ କାର୍ଯ୍ୟ ନିର୍ଦ୍ଧିଷ୍ଟ ସମୟ ଅର୍ଥାତ୍ ସକାଳ ଘ୧୦.୦୦ମି.ରୁ ଅପରାହ୍ନ ଘ୫.୦୦ମି. ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରିଙ୍କ କାର୍ଯ୍ୟାଳୟରୁ ଏଥିସକାଶେ ଉଦ୍ଦିଷ୍ଟ ଆବେଦନ ଫର୍ମ ଓ ସର୍ତ୍ତାବଳୀ ଟ.୧୦୦୦/– (ଏକହଜାର ଟଙ୍କା) ମାତ୍ର ଜମା ଦେଇ ଆସନ୍ତା ତା୨୦।୦୬।୨୦୧୯ରିଖରୁ ତା୦୮।୦୭।୨୦୧୯ରିଖ ମଧ୍ୟରେ ପାଇପାରିବେ। ଆବେଦନ ଫର୍ମ ସହ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ସଠିକ୍ ଓ ନିର୍ଭୁଲ ଭାବରେ ପୂରଣ କରି ଆବଶ୍ୟକୀୟ କାଗଜ ପତ୍ର ସହ ଆସନ୍ତା ତା୦୮।୦୭।୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ମୁଦା ଲଫାପାରେ ରେଜିଷ୍ଟ୍ରି ଡାକ/କ୍ଷିପ୍ର ଡାକ ମାଧ୍ୟମରେ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟରେ ଦାଖଲ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମଗୁଡ଼ିକୁ ତା୧୦।୦୭।୨୦୧୯ରିଖ ପୂର୍ବାହ୍ନ ଘ୧୧.୦୦ଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି



OFFICE OF THE
NOTIFIED AREA COUNCIL, BALIGUDA, KANDHAMAL
**Email Id- eonacbaliguda@yahoo.in**
**No.1028** **Date: 20.06.2019**

**TENDER CALL NOTICE**

Sealed tenders are invited from the registered firms / Entrepreneurs / Authorized Dealers / Authorized Distributors Private Companies in two bid systems towards supply of silent DG Set as per specification given in DTCN to the office of the NAC, Baliguda for the FY 2019-20. So as to reach before the undersigned by 5.00 P.M on dated 28.06.2019 through speed post / regd. post / courier, which will be opened on dt.29.06.2019 in the office of the NAC, Baliguda in the presence of available bidders or their authorized representatives. Detailed Tender Call Notice can be downloaded from kandhamal District's web portal, i.e. www.kandhamal.nic.in

The authority reserves the right to cancel any or all tenders without assigning any reason thereof.

**Sd./- Executive Officer**
**NAC, Baliguda**



**DIRECTORATE OF TREASURIES AND INSPECTION, ODISHA, BHUBANESWAR**
**No. O.E.-II-35/19_____/DTI** **Dt.................**

**QUOTATION CALL NOTICE**

No.: 03-S: Supersession of Order No. 4125/DTI Dt.18.03.19 the undersigned invites sealed quotations in plain paper for disposal of this office vehicle bearing Registration No. OR-02-AN-2411 (Ambassador Car) on "as is where is basis" for public auction. The bidder must submit quotation without any over writing and duly signed with his address. The quotation should reach the undersigned within **28.06.2019 to 03.07.2019** (3.00 P.M.). Bids received beyond the scheduled date and time shall not be entertained.

2. The intending bidder may inspect the vehicle during office hours between 12.30 P.M. to 3.00 P.M. at the departmental garage situated in the premises of the "Treasury and Accounts Bhawan", Kharvelanagar, Unit-III, Bhubaneswar on any working day on contact with Sri Prakash Chandra Behera, A.S.O. (O.E.-II Section) or Sri P.K. Guru, Driver of this Directorate during the period from **28.06.2019 to 03.07.2019 (12 Noon)**.
3. The bidder should deposit earnest money of **Rs.5000/- (Rupees five thousand)** only in cash with the Cashier, Directorate of Treasuries and Inspection, Odisha, Bhubaneswar and enclose the original receipt with the quotation. The unsuccessful bidder will get back their earnest money between **4 P.M. to 5 P.M.** on the date of opening on quotation.
4. The sealed quotation will be opened on **Dt.05.07.2019 at 12.00 Noon** by the committee in presence of the bidder or their authorised agents who are required to be present in the office of the undersigned at 12.00 Noon. If this day is declared as a Government holiday, the bids will be opened on the next working day on the scheduled time.
5. The highest bid beyond the minimum price fixed by the competent authority shall generally be accepted. The successful bidder shall deposit 25% of the quotation amount immediately. The balance amount shall be deposited within 7 days from the date of acceptance of the quotation failing which the earnest money and 25% of the bid amount so deposited shall stand forfeited to Government without further reference to the bidder. This 25% of the bid amount plus earnest money are subject to adjustment at the time of final payment of the quotation value. The successful bidder shall take the vehicle from the departmental garage alongwith necessary records of the vehicle within 7 days from the date of depositing the full amount of tendered money.
6. On failure to take the vehicle within the stipulated time, the ground rent @ 1% of the tendered amount shall be charged for each day of delay till removal of the vehicle from the site.
7. If the ground rent so charged exceeds the sale price deposited, the bidder shall cease to have any right on the vehilce. The amount deposited by him shall be adjusted towards ground rent and the vehicle shall become absolute property of Government from encumbrances and disposed of by fresh auction or tender as the case may be.
8. The undersigned reserves the right to cancel the tender at any part of time without assigning any reason thereof.

05005/11/0001/1920
**Sd./- Director of Treasuries and Inspection, Odisha, Bhubaneswar**



**OFFICE OF EXECUTIVE ENGINEER MINOR IRRIGATION DIVISION, CUTTACK**
**Letter No. 1337 / Dt. 18.06.2019**
**GOVERNMENT OF ODISHA e-Procurement Notice**
**Bid Identification No. on line EECMID- 01 /2019-20**
No.83-A **eemidcuttack@yahoo.co.in**

| | | |
|---|---|---|
| 1. Name of work | : | Renovation of MIPs in MI Sub Division Athagarh, Banki,Cuttack , Baramba & Narasinghpur. |
| 2. Total Number of work | : | 33 (Thirty-three) nos. |
| 3. Estimated cost | : | Varies from Rs. 1.97 lakhs to Rs. 69.79 lakhs |
| 4. Tender paper Cost (Online) | : | Varies from Rs. 600/- to Rs.10,000/- |
| 5. Bid Security (Online) | : | As per DTCN |
| 6. Period of Completion | : | As per DTCN |
| 7. Availability of Bid Document | : | From 28.06.2019, 10.00 AM to 09.07.2019 , 5.000 PM in website **(www.tendersorissa.gov.in)** |
| 8. Last date & Time of receipt of Bid through online | : | 09.07.2019 at 5.00 PM through online |
| 9. Date of opening of Bid documents | : | 10.07.2019 at 11.00 A.M in the office of the EE, M.I.Division,Cuttack |
| 10. Date of Lottery, if required | : | 22.07.2019 at 11. 00AM in the office of the EE, M.I.Division,Cuttack |
| 11. Name and address of the OIT | : | Executive Engineer, M.I.Division, Cuttack, P.O :- Nayabazar, Cuttack, Phone :- 0671-2443622, PINCODE :- 753004 |

Further details can be seen from the Government of Odisha WebSite www.tendersorissa.gov.in

32121/11/0001/1920
Executive Engineer
M.I.Division, Cuttack



**DIRECTORATE OF TECHNICAL EDUCATION & TRAINING, ODISHA, CUTTACK – 753001.**

**Diploma Admission -2019**
**Notice for extension of date for submission of on-line application for admission into 1st Semester/Year Diploma Courses for the Session-2019-20**

The last date for submission of on-line application for admission into 1st Semester/Year Diploma Courses for the Session 2019-20 has been extended up to 24.06.2019.

**Sd/-**
**Director of Technical Education & Training, Orissa**



**OFFICE OF THE**
**NOTIFIED AREA COUNCIL, CHANDBALI, BHADRAK**
**TENDER CALL NOTICE**

No.: 872 Dt.19.06.2019

The Executive Officer, N.A.C., Chandbali on behalf of Notified Area Council invites item rate bids for different works detailed in the table below from Contractors registered with Chandbali N.A.C./Governments & Contractors of equivalent grade for execution of civil works. The bidders may submit bids for any or all of the following works.

| Sl. No. | Name of the Work | Value of Work (In Rs.) | Bid Security (In Rs.) | Cost of Document (In Rs.) | Period of Completion |
|---|---|---|---|---|---|
| 1 | Construction of Community Centre, At- Majhi Sahi, W. No.- 04 | 2,00,000 | 2000 | 600 | 60 Days |
| 2 | Construction of Public Toilet At- Aahar Center, Chandbali NAC | 99,500 | 1000 | 400 | 60 days |

1. Bid document consisting of plans, specification, the schedule of quantities & the set of terms & conditions of contract & other necessary documents can be seen from N.A.C., Chandbali in during office hours every day except on Sunday & Public Holidays till last date of sale & receipt of tender paper.
2. Bids must be accompanied by security of the amount specified for the work in the table above payable by Cash at any Nationalized Bank at Chandbali in the form of deposit receipt of Schedule Bank/Post Office Savings Bank Account/National Saving Certificate/Postal Office Time Deposit Account duly pledged or drawn in favour of Executive Officer, Chandbali NAC. BID Security will have to be in one of the forms as specified in the BIDDING documents.
3. BID documents can be purchased from the Office of the undersigned against a non-refundable fee towards cost of the documents as indicated in the form of Cash or Demand Draft issued from any Scheduled Bank payable at any Nationalized Bank at Chandbali as per DTCN in favour of Executive Officer, NAC, Chandbali may be deposited in shape of Bank Draft prepared on or before last date of receipt along with the BID.
4. The other details can be seen the BIDDING documents. The authority has reserves the right to reject any or all tenders without ASSIGNING any reason thereof.
5. The tender schedule may be obtaining on payment of requisite fees from date 21.06.19 to 02.07.19 upto 4.00 P.M. It will be receipt upto date 02.07.19 upto 5 P.M. The tender will be opened on date 03.07.19 at 11 A.M. and onwards in presence of the agency for his authorizes representative if any. If the last date of received and date of the opening happens to be a holidays, the next working day may be treated as last day of receipt and date of opening at the same time.

**Sd./- Executive Officer**
**Chandbali NAC**



GOVERNMENT OF ODISHA
**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**
NOTICE INVITING BID
**NATIONAL COMPETITIVE BIDDING THROUGH e-PROCUREMENT**
**Bid Identification No.EICPH-01/2019-20 Dt.18.06.2019**
**REQUEST FOR PROPOSAL (RFP) FOR**
**"Augmentation of Water Supply to Rairangpur, Anandapur & Vyasanagar under OMBADC" ON ENGINEERING, PROCUREMENT & CONSTRUCTION (EPC) CONTRACT INCLUDING OPERATION & MAINTENANCE FOR A PERIOD OF FIVE YEARS**

No.35-C:- The Engineer-in-Chief, Public Health, Odisha, Bhubaneswar on behalf of the Housing & Urban Development Department, Govt. of Odisha is engaged in the Execution, Operation & Maintenance of Water Supply Projects for different ULBs in the State of Odisha and as part of this endeavour, Govt. of Odisha has decided to undertake **"Augmentation of Water Supply to Rairangpur, Anandapur & Vyasanagar under OMBADC" on Engineering, Procurement & Construction (EPC) Contract Including Operation & Maintenance for a Period of Five Years (the "Project") under EPC Contract** (Engineering, Procurement and Construction) basis and has decided to carry out the bid process for selection of the eligible contractor to whom the Project may be awarded eventually for Construction as well as for Operation & Maintenance.

| SN | Name of the Water Supply Project | Bid Identification No. | Indicative Total Project Cost including O&M Cost (Rs. in lakhs) | Construction Period | Operation & Maintenance Period |
|---|---|---|---|---|---|
| 1. | "Augmentation of Water Supply to Rairangpur, Anandapur & Vyasanagar under OMBADC" on Engineering, Procurement & Construction (EPC) Contract Including Operation & Maintenance for a Period of Five Years | EICPH-01/ 2019 -20 | 12047.74 | 24 (Twenty Four) Months | 60 (Sixty) Months |

The complete Bid document can be viewed/downloaded from e-procurement portal of the State Government https://tendersodisha.gov.in from 29.06.2019 (11.00 hrs. IST) to 27.09.2019 (17.00 hrs. IST). Bid must be submitted online only. Bid through any other mode shall not be entertained. However, Bid Security, Document Fee, Power of Attorney and Joint Bidding Agreement shall be submitted physically by the Bidder before the schedule date & time indicated in the RFP. Please note that the Authority reserves the right to accept or reject all or any Bid without assigning any reason whatsoever.

Availability of RFP Document for Online Bidding **: From 29.06.2019 (11.00 hrs. IST) to 27.09.2019 (17.00 hrs. IST)**

Name & Address of the Officer Inviting RFP **: Engineer-in-Chief, PH, Heads of Department Building, 1st Floor, Unit-V, Bhubaneswar, Odisha – 751001. Phone #** +91-674-2393909, email: eicphodisha@gmail.com.

Interested bidders may download the Request for Proposal Documents (the "RFP" document) from the State Government website www.tendersodisha.gov.in to see further details for participation in the online bidding. All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

13068/11/0001/1920
**Sd./-**
**ENGINEER-IN-CHIEF (PH)**

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ବିଶ୍ୱ ଯୋଗ ଦିବସ
ସ୍ଥାନ: ମଣ୍ଟଫୋର୍ଟ ସ୍କୁଲ
ସମୟ: ସକାଳ ୭ଟା।

■ବିଶ୍ୱ ଯୋଗ ଦିବସ
ସ୍ଥାନ: ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟ
ସମୟ: ସକାଳ ସାଢ଼େ ୬ଟା।

**ଅନୁଗୋଳ**

■ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଦିବସ
ସ୍ଥାନ: ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ
ସମୟ: ସକାଳ ୬ଟା।

■ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଯୋଗ ଦିବସ ପାଳନ
ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ: ଅପରାହ୍ନ ୫ଟା।

## ସଂକ୍ଷେପରେ

### ମାଡ଼ି ବସିଲା କାନ୍ଥ, ୪ ଆହତ



ବନ୍ତଲା,୨୦।୬(ଡି.ଏନ.ଏ.)-ବନ୍ତଲା ଥାନା ସାହାରାଗୋଡା ଗ୍ରାମରେ ଗୁରୁବାର ରାତି ୧୦ଟାରେ କାନ୍ଥ ମାଡ଼ି ବସିବାରୁ ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମଳୟ ନାଏକ (୨୫), ଖୁଲଣା ନାଏକ(୨୩), ଆୟୁଷ ନାଏକ(୪) ଓ ଲୁସି ନାଏକ(୨)। ବନ୍ତଲା ସରପଞ୍ଚ ହରିହର ସାହୁ, ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଗ୍ରାମବାସୀ କହିଛନ୍ତି, ରାତି ୮ ଟାରେ ଘଡ଼ଘଡି ସହିତ ବର୍ଷା ଓ ପବନ ହୋଇଥିଲା। ଦୀର୍ଘ ୨ ଘଣ୍ଟା ଧରି ବର୍ଷା, ପବନ ଓ ବଜ୍ରପାତ ହୋଇଥିଲା। ସେହି ସମୟରେ ମଳୟଙ୍କ ପରିବାର ଶୋଇଥିବାବେଳେ ମାଟି କାନ୍ଥଟି ତାଙ୍କ ଉପରେ ମାଡ଼ି ବସିଥିଲା।

### ହାତୀ ଆକ୍ରମଣରେ ବୃଦ୍ଧ ଆହତ



ଛେଣ୍ଡିପଦା,୨୦।୬(ଡି.ଏନ.ଏ.)/(ସ୍ୱ.ପ୍ର.): ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ପାତ୍ରପଡା ଗ୍ରାମ ନିକଟସ୍ଥ ମାଦେଳିଆ ନାଳଠାରେ ଗୁରୁବାର ସକାଳେ ଏକ ହାତୀ ଆକ୍ରମଣରେ ପାତ୍ରପଡା ଦଳିତ ସାହି ଗ୍ରାମର ବନ୍ଧୁଆ ନାଏକ (୬୫) ଆହତ ହୋଇଛନ୍ତି। ସେ ଶୌଚ ପାଇଁ ଯାଇଥିବାବେଳେ ଏକ ହାତୀ ହାବୁଡରେ ପଡିଯାଇଥିଲେ। ସ୍ଥାନୀୟଲୋକ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅଫିସର ଦୁର୍ଗା ଚରଣ ସାହୁ, ଜଙ୍ଗଲ ବିଭାଗ କର୍ମଚାରୀମାନେ ପହଞ୍ଚି ତଦନ୍ତ କରିଛନ୍ତି।

# ଟ୍ରେନ୍ ଧକ୍କାରେ ହାତୀ ମୃତ

**ଢେଙ୍କାନାଳ ଅଫିସ, ୨୦।୬**

■ଅଳ୍ପକେ ବର୍ତ୍ତିଗଲେ ପଲରେ ଥିବା ଦନ୍ତା, ଶାବକ

■ବନ ବିଭାଗ ପଠାଇ ନ ଥିଲା କସନ ନୋଟିସ୍: ଡିଏଫ୍ଓ

ଢେଙ୍କାନାଳ ସଦର ଥାନା ପଶାସିଂହ-କାଉଁରିଆପାଳ ମଧ୍ୟରେ ଥିବା ରେଳଧାରଣା ପାର ହେଉଥିବା ବେଳେ ମାଲବାହୀ ଟ୍ରେନ୍ ଧକ୍କାରେ ଏକ ମାଈ ହାତୀର ଜୀବନ ଯାଇଛି। ଗୁରୁବାର ଭୋର୍ ୫ଟାରେ ଏହି ଦୁର୍ଘଟଣା ଘଟିଛି। ମୃତହାତୀର ଆନୁମାନିକ ବୟସ ୨୫ ବର୍ଷ ହେବ। ଦଳରେ ଥିବା ଏକ ଦନ୍ତା ଏବଂ ହାତୀ ଶାବକ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରେଳଧାରଣା ଅଞ୍ଚଳରେ ହାତୀପଲଙ୍କ ଉପସ୍ଥିତି ନେଇ ବନ ବିଭାଗ ପକ୍ଷରୁ ଦୈନିକ ଖୋର୍ଦ୍ଧାସ୍ଥିତ ପୂର୍ବତଟ ରେଲୱେ ଡିଭିଜନ କାର୍ଯ୍ୟାଳୟକୁ କସନ୍ ନୋଟିସ ପଠାଯାଉଛି। ହେଲେ ବୁଧବାର ସନ୍ଧ୍ୟାରେ ଏହା ପଠାଯାଇ ନ ଥିଲା। ସୂଚନା ଅଭାବରୁ ହାତୀ ରେଳଧାରଣା ପାର ହେଉଥିବା ଅଞ୍ଚଳରେ ଟ୍ରେନ୍‌ର ବେଗ କମ୍ କରି ନ ଥିଲେ ଡ୍ରାଇଭର। ତେଣୁ ଏପରି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପଟେ କସନ ନୋଟିସ ପଠାଯାଇ ନ ଥିବା ସ୍ୱୀକାର କରିଛନ୍ତି ଡିଏଫ୍ଓ ସୁଦର୍ଶନ ପାତ୍ର ।



ମୃତ ମାଈ ହାତୀ।

ଗୁରୁବାର ଭୋର୍ ସମୟରେ କାମାକ୍ଷାନଗର ପଟୁ ବ୍ରାହ୍ମଣୀ ନଦୀ ପାରହୋଇ ଉକ୍ତ ହାତୀପଲ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମଠରଗଡ଼ି ସଂରକ୍ଷିତ ଜଙ୍ଗଲକୁ ଯାଉଥିଲେ। ଦନ୍ତା ଏବଂ ଶାବକ ରେଳଧାରଣା ଅତିକ୍ରମ କରିସାରିଥିଲେ। ଶେଷରେ ଆସୁଥିବା ମାଈ ହାତୀ ଧାରଣା ପାର୍ ହେଉଥିବାବେଳେ ଢେଙ୍କାନାଳ ଆଡୁ ତାଳଚେର ଯାଉଥିବା ମାଲଗାଡ଼ି ଧକ୍କା ଦେଇଥିଲା। ଟ୍ରେନ୍ ସହ ଧକ୍କା ଖାଇ ହାତୀଟି ରେଳଧାରଣା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ବକ୍ସରେ ପିଟି ହୋଇ ୫୦ ମିଟର ଦୂରକୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ହାତୀଟିର ମୃତ୍ୟୁ ହୋଇଯାଇଥିଲା। ଏଥିରେ ବିଦ୍ୟୁତ୍ ବକ୍ସ ଭାଙ୍ଗରୁଜିଯାଇଛି। ସୂଚନା ପାଇ ଡିଏଫ୍ଓ, ସଦର ରେଞ୍ଜର ମନାୱର ଖାଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ହାତୀ ମୃତଦେହକୁ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି।

୨୦୧୮ ଡିସେମ୍ବରରେ ଗେଙ୍ଗୁଟିଆ ନିକଟରେ ଟ୍ରେନ୍ ଧକ୍କାରେ ଏକ ହାତୀର ମୃତ୍ୟୁ ଘଟିଥିଲା। ସେହିପରି ଚଳିତ ଜୁନ୍‌ରେ ଏହା ହେଉଛି ୨ୟ ହାତୀ ମୃତ୍ୟୁ। ଗଦାଶିଳା-ମେରାମଣ୍ଡଳୀ ରେଳଷ୍ଟେଶନ ମଧ୍ୟରେ ଥିବା ରେଳଧାରଣାକୁ ଦୈନିକ ସକାଳେ ସନ୍ଧ୍ୟାରେ ହାତୀପଲ ପାର୍ କରୁଛନ୍ତି। ଉକ୍ତ ଟ୍ରାକ୍‌ରେ ମାଲବାହୀ ଏବଂ ଦ୍ରୁତଗାମୀ ଟ୍ରେନ୍‌ର ବେଗ କମାଇବାକୁ ଦୈନନ୍ଦିନ ବନ ବିଭାଗ ପକ୍ଷରୁ ପୂର୍ବତନ ରେଲୱେ ଡିଭିଜନ କାର୍ଯ୍ୟାଳୟକୁ କସନ ନୋଟିସ ପଠାଯାଇଥାଏ। ବୁଧବାର ସନ୍ଧ୍ୟାରେ ଏଥିରେ ବ୍ୟତିକ୍ରମ ହୋଇଛି। ଏଥିପାଇଁ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ପରିବେଶବିତ୍। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ୫୮ ଲିଟର ମଦ ଜବତ, ୫ ଗିରଫ



**ଛେଣ୍ଡିପଦା,୨୦।୬(ସ୍ୱ.ପ୍ର)**

ଅନୁଗୋଳ ଜିଲା ଅବକାରୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅନୁଗୋଳ ଅବକାରୀ ବିଭାଗ କର୍ମଚାରୀ ଛେଣ୍ଡିପଦା ଥାନା ବାଗଡିଆ ରଥ ସାହିରେ ଚଢାଉ କରି ୫୮ ଲିଟର ଦେଶୀ ମଦ, ପୋଚ ଓ ରନ୍ଧା ସାମଗ୍ରୀ ଜବତ ସହ ୫ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ପାଞ୍ଚାଳି ବେହେରା, ପଦ୍ମିନୀ ବେହେରା, ରଞ୍ଜୁଲତା ବେହେରା, ଜୟନ୍ତୀ ବେହେରା ଏବଂ ନାରାୟଣ ବେହେରା। ଏ ନେଇ ଅବକାରୀ ଥାନା ପକ୍ଷରୁ ନଂ. ୧୩, ୧୪ , ୨୨, ୨୩ ଓ ୨୪ରେ ୫ଟି ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଇନସ୍ପେକ୍ଟର କରୁଣା ଶଙ୍କର ତିୱାରୀ, ଏସ୍ଆଇ ଅରବିନ୍ଦ ପ୍ରସାଦ ରାଉତରାଏ, ହେମନ୍ତ କୁମାର ନାୟକ, ବିଜୟ କୁମାର ସାମଲ, ସନ୍ତୋଷ କୁମାର ସେନାପତି, ରଜନୀପ୍ରଭା କିଷାନ ପ୍ରମୁଖ ଏହି ଚଢ଼ାଉ କରିଥିଲେ।

■୭ ବର୍ଷର ରାକେଶଙ୍କ ଦୁଇ କିଡ୍‌ନୀ ନଷ୍ଟ

# ଚିକିତ୍ସା ସହାୟତା ଲୋଡ଼ିଲା ପରିବାର

**ଭୁବନ, ୨୦।୬(ଡି.ଏନ.ଏ.)**

ଜୀବନ କ'ଣ ଜାଣିବା ଆଗରୁ ଦାରୁଣ ହୋଇଛି ସମୟ। ମାତ୍ର ୭ବର୍ଷ ବୟସରେ ଉଭୟ କିଡ୍‌ନୀ ହରାଇଛନ୍ତି ଅବୋଧ ଶିଶୁ ରାକେଶ। ଦୀର୍ଘ ୫ବର୍ଷ ହେଲା ରୋଗ କଲବଲ କରୁଥିବାବେଳେ ଖର୍ଚ୍ଚ ହେଲାଣି ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ଚିକିତ୍ସାରେ ଆହୁରି ୬ଲକ୍ଷ ଖର୍ଚ୍ଚ ହେବ ବୋଲି ଜଣାପଡ଼ିବା ପରେ ମା'ବାପାଙ୍କ ମୁଣ୍ଡରେ ଛିଣ୍ଡି ପଡ଼ିଛି ଦୁଃଖର ପାହାଡ଼। ପୁଅର ଚିକିତ୍ସାରେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ଲକ୍ଷ୍ମୀଧର ବେହେରା ଏବେ ଅନାଇଛନ୍ତି ସହୃଦୟ ବ୍ୟକ୍ତିଙ୍କ ସହାୟତାକୁ।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୁଷଳ ପଞ୍ଚାୟତର ଅସୁରବନ୍ଧ ପାଟଣା ଗ୍ରାମରେ ରୁହନ୍ତି ଲକ୍ଷ୍ମୀଧର। ପରିବାର କହିଲେ ସ୍ତ୍ରୀ, ଦୁଇ ପୁଅ। ବଡ଼ପୁଅ ରାଜେଶ ୬ଷ୍ଠ ଶ୍ରେଣୀରେ ପଢୁଥିବାବେଳେ ରାକେଶ ୨ୟ ଶ୍ରେଣୀର ଛାତ୍ର। ଲକ୍ଷ୍ମୀଧରଙ୍କ କହିବା କଥା, ରାକେଶ ୨ବର୍ଷର ହୋଇଥିବାବେଳେ ହଠାତ୍ ତାଙ୍କ ମୁହଁ, ଗୋଡ଼ହାତ ଫୁଲିବା ଆରମ୍ଭ କଲା। ସ୍ଥାନୀୟ ଡାକ୍ତରଖାନାରେ ପ୍ରଥମେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ରୋଗ ଜଣା ନ ପଡ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରବର୍ତ୍ତୀ ସମୟରେ କଟକ ଶିଶୁଭବନରେ ରାକେଶଙ୍କୁ ଭର୍ତ୍ତି କରାଯାଇଥିଲା। ୨୦୧୯ ଜୁନ୍ ୧୭ରେ ତାଙ୍କର ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ଶିଶୁ ଭବନରେ ଚିକିତ୍ସାଧୀନ ଥିବାବେଳେ ସେଠାକାର ଡାକ୍ତର ପୁଅର କିଡ୍‌ନୀ ଆଂଶିକ ନଷ୍ଟ ହୋଇଥିବା କହିଥିଲେ। ପୁଅର ଆରୋଗ୍ୟ କାମନା କରି ଜିଲା ପ୍ରଶାସନ ଏବଂ ସମ୍ପର୍କୀୟଙ୍କଠାରୁ ଧାରଉଧାର କରି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଥିଲେ। ତେବେ ରାକେଶଙ୍କ ଉଭୟ କିଡ୍‌ନୀ ନଷ୍ଟ ହୋଇଯାଇଥିବା ନିକଟରେ ଶିଶୁଭବନର ଡାକ୍ତର ସ୍ପଷ୍ଟ କରିବା ପରେ ଏବେ ପାଦତଳୁ ମାଟି ଖସିଯାଇଥିବା ଲକ୍ଷ୍ମୀଧର କହିଛନ୍ତି। ପୁଅ କିପରି ଭଲ ହେବ ଏବେ ସେହି ଚିନ୍ତା ଘାରିଛି। ସବୁଆଡୁ ନିରାଶ ହେବାପରେ ଏବେ ଠାକୁରଙ୍କ ଭରସାରେ ଅଛନ୍ତି ଲକ୍ଷ୍ମୀଧର ଏବଂ ତାଙ୍କ ସ୍ତ୍ରୀ। ପୁଅକୁ ପ୍ରତିଦିନ ମନ୍ଦିର ଦର୍ଶନ କରାଇ ଜୀବନ ଭିକ୍ଷା ମାଗୁଛନ୍ତି। ଯଦି କୌଣସି ସହାୟତା ବ୍ୟକ୍ତି ସହାୟତାର ହାତ ବଢ଼ାନ୍ତି ତେବେ ରାକେଶଙ୍କ ଜୀବନ ବଞ୍ଚିଯିବ ବୋଲି ଲକ୍ଷ୍ମୀଧର କହିଛନ୍ତି। ତାଙ୍କୁ ସହାୟତା ଦେବାକୁ ମୋବାଇଲ ନଂ ୮୦୧୮୧୬୩୫୨୪ରେ ଯୋଗାଯୋଗ କରିବାକୁ ସେ ନିବେଦନ କରିଛନ୍ତି।



ମା' ବାପା, ବଡ଼ଭାଇ ସହ ରାକେଶ।

■ଖର୍ଚ୍ଚ ହେଲାଣି ୫ ଲକ୍ଷ ଟଙ୍କା

■ଲକ୍ଷାଧିକ ଟଙ୍କା ଆବଶ୍ୟକ

# ଏଟିଏମ୍‌ରେ ଟଙ୍କା ନାହିଁ, ଗ୍ରାହକ ହନ୍ତସନ୍ତ

**ବଇଣ୍ଡା,୨୦।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ଭାରତୀୟ ଷ୍ଟେଟବ୍ୟାଙ୍କର ୨ଟି ଏଟିଏମ୍‌ରେ ୩ଦିନ ହେବ ଟଙ୍କା ନାହିଁ। ଫଳରେ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ବ୍ୟବସାୟିକ କେନ୍ଦ୍ର ବଇଣ୍ଡାଠାରେ ଟଙ୍କା ଉଠାଣ ପାଇଁ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୨ଟି ଏଟିଏମ୍ ସ୍ଥାପନ କରାଯାଇଛି। ହେଲେ ଏହି ଏଟିଏମ୍ ବାରମ୍ବାର ଅଚଳ ହେବା ସହ ଏଥିରେ ଟଙ୍କା ରହୁ ନ ଥିବା ଯୋଗୁ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ସେହିପରି ଗ୍ରାହକ ସେବା କେନ୍ଦ୍ରରେ ମଧ ଟଙ୍କା ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଟ୍ୟୁଶନ୍ ସାର୍‌ଙ୍କ ନାମରେ ଅସଦାଚରଣ ଅଭିଯୋଗ

**ଅନୁଗୋଳ ଅଫିସ, ୨୦।୬**

ଅନୁଗୋଳ ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଟ୍ୟୁଶନ କରୁଥିବା ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଛାତ୍ରୀଙ୍କ ମା' ଅନୁଗୋଳ ଥାନାରେ ମୌଖିକ ଭାବେ ଜଣାଇବା ପରେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାକୁ ଡାକି ତାଗିଦ୍ କରିଥିବା ଜଣାପଡିଛି। ତେବେ ଅଭିଯୋଗକୁ ଶିକ୍ଷକ ଜଣକ ଖଣ୍ଡନ କରିଛନ୍ତି। ସେ ପ୍ରାୟ ୩୦ ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି। କେବେ ତାଙ୍କ ନାମରେ ଏପରି ଅଭିଯୋଗ ଆସି ନ ଥିବା ସେ କହିଛନ୍ତି।

### ମହିଳାଙ୍କୁ ଗାଳିଗୁଲଜ ଅଭିଯୋଗ

**ବଇଣ୍ଡା,୨୦।୬ (ଡି.ଏନ.ଏ.)**

ଠାକୁରଗଡ଼ ଥାନା କଳାପାଟନାଳୀ ଗ୍ରାମର ଦ୍ରୌପଦୀ ନାୟକଙ୍କୁ ସେହି ଗ୍ରାମର ଶରତ ନାୟକ, ସୁମତି ନାୟକ, ରୁନି ନାୟକ ଗାଳିଗୁଲଜ କରିବାସହ ହତ୍ୟା ଧମକ ଦେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୫୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଦ୍ରୌପଦୀଙ୍କ ପୁଅ କିଛିମାସ ତଳେ ଏକ ଆକ୍ରମଣ ମାମଲାରେ ଗିରଫ ହୋଇଥିଲେ। ଏହି ଘଟଣା ପରଠାରୁ ଦ୍ରୌପଦୀଙ୍କୁ ଶରତ, ସୁମତି ଓ ରୁନି ଗାଳିଗୁଲଜ କରିବାସହ ବିଭିନ୍ନ ସମୟରେ ହତ୍ୟା ଧମକ ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଅମଳିନ ରହିବ ଈଶ୍ୱରଚନ୍ଦ୍ର ସାହିତ୍ୟକୃତି



ରେଣୁବାଳା ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୦।୬**

ଢେଙ୍କାନାଳସ୍ଥିତ ଦଧିବାମନଜୀଉ ମଠରେ ବୁଧବାର ସାରସ୍ୱତ ସାଧକ ଈଶ୍ୱର ଚନ୍ଦ୍ର ସାମଲଙ୍କ ୧୦ମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରେଣୁବାଳା ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଈଶ୍ୱରଚନ୍ଦ୍ରଙ୍କ ସାହିତ୍ୟକୃତି ଅମଳିନ ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଅଧ୍ୟାପିକା ପୁଷ୍ପଲତା ରଥ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ମଞ୍ଚାସୀନ ରହି ଈଶ୍ୱରଚନ୍ଦ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସଂସଦର ରାଜ୍ୟ ସଭାପତି ସଂଯୁକ୍ତା ମିଶ୍ର, ମାନସ କୁମାର ନନ୍ଦ, ସୁମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଜିଲା ଲେଖକ ସଂସଦ ପକ୍ଷରୁ ଶାଣ୍ଡିଲ୍ୟ ବସନ୍ତ ଭବନ ପରିସରରେ ସାରସ୍ୱତ ସାଧକ ଈଶ୍ୱରଚନ୍ଦ୍ରଙ୍କ ସ୍ମୃତିରେ ଆୟୋଜିତ ସାରସ୍ୱତ ସମାରୋହରେ ପ୍ରାଧ୍ୟାପକ ପ୍ରକାଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସଂସଦର ସମ୍ପାଦକ ବସନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ବିଶିଷ୍ଟ ବଂଶୀବାଦକ ଗଗନ ବିହାରୀ ନନ୍ଦ ଯୋଗଦେଇ କବି ଈଶ୍ୱରଚନ୍ଦ୍ର କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ।

ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ନନ୍ଦକିଶୋର ସାହୁ, ଶଙ୍କର୍ଷଣ ଶତପଥୀ, ନୀଳମଣି ମହାରଣା, ଦୈତାରୀ ପରିଡା, ଶ୍ରୀକାନ୍ତ ବରାଳ, ବିଦ୍ୟାଧର ବାରିକ, କୈଳାସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମିଶ୍ର, ପ୍ରତାପଚନ୍ଦ୍ର ପତି, ଧୀରେନ ମିଶ୍ର, ବୈକୁଣ୍ଠ ବେହେରା, ଇନ୍ଦ୍ରମଣି ନାୟକ, ପ୍ରଦ୍ୟୁମ୍ନ ମହାନ୍ତି, ବୈଜୟନ୍ତୀ ପଟ୍ଟନାୟକ, ମାନସୀ କର, ସଂଯୁକ୍ତା ଶରଣ, ପ୍ରଭାତୀ ମହାପାତ୍ର, କବିତାମୟୀ ସର, ସୁକାନ୍ତି ସାହୁ ପ୍ରମୁଖ କବିତା ପାଠ କରିଥିଲେ। କାଳିନ୍ଦୀ ଚରଣ ସାହୁ ସ୍ୱାଗତ ଭାଷଣ ଏବଂ ଅଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ନିର୍ବାଚନୀ ଖର୍ଚ୍ଚ ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

**ଅନୁଗୋଳ ଅଫିସ, ୨୦।୬**

ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାମେଶ୍ୱର ପ୍ରସାଦ ମିନା ଓ ଭିଏନ୍ ତ୍ରିବେଦୀ ମଙ୍ଗଳବାର ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ପ୍ରାର୍ଥୀମାନଙ୍କ ନିର୍ବାଚନୀ ଖର୍ଚ୍ଚର ସମୀକ୍ଷା କରିଛନ୍ତି। ପାଲଲହଡ଼ା, ତାଳଚେର ଓ ଅନୁଗୋଳ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମିନା ଏବଂ ଆଠମଲ୍ଲିକ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପାଇଁ ତ୍ରିବେଦୀ ଯଥାକ୍ରମେ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଓ ପଞ୍ଚାୟତ ସାଧନ କେନ୍ଦ୍ରର ସଭାଗୃହଠାରେ ପ୍ରାର୍ଥୀମାନଙ୍କ ରେଜିଷ୍ଟର, ବ୍ୟାଙ୍କ ଖାତାକୁ ତନଖି କରିବା ସହ ସମସ୍ତ ଖର୍ଚ୍ଚକୁ ମିଳାଇଥିଲେ। ବିଧାୟକ ପ୍ରାର୍ଥୀମାନଙ୍କ ପାଇଁ ଧାର୍ଯ୍ୟ ୨୮ ଲକ୍ଷ ଓ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ୭୦ ଲକ୍ଷ ଟଙ୍କା ମଧ୍ୟରେ ହୋଇଥିବା ସମସ୍ତ ପ୍ରକାର ଖର୍ଚ୍ଚର ହିସାବନିକାସ କରିଥିଲେ। ନିର୍ବାଚନ କମିଶନଙ୍କ ନିୟମାବଳୀ ଆଧାରରେ ମୁଖ୍ୟତଃ ପ୍ରାର୍ଥୀମାନଙ୍କ ଦ୍ୱାରା ହୋଇଥିବା ସଭା ସମିତି ଓ ଶୋଭାଯାତ୍ରା ଦଳୀୟ ବୈଠକ, ଗାଡ଼ି ବ୍ୟବହାର, ପୋଷ୍ଟର, ବ୍ୟାନର ଓ ପତ୍ରିକା ଛପାଇବା, ତାରକା ପ୍ରଚାରକ, ମାଇକ ବ୍ୟବହାର ଓ ଅନ୍ୟାନ୍ୟ ବାବଦରେ ପ୍ରଦାନ କରାଯାଇଥିବା ଖର୍ଚ୍ଚକୁ ପର୍ଯ୍ୟବେକ୍ଷକମାନେ ସମୀକ୍ଷା କରିଥିଲେ। ଚଳିତ ମାସ ୨୩ ତାରିଖରେ ଏହି ପ୍ରକ୍ରିୟା ଶେଷ ହେବ। ବୈଠକରେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ପର୍ଯ୍ୟବେକ୍ଷକଙ୍କୁ ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅବିନାଶ କୁମାର ମହାନ୍ତି, ଡେପୁଟି କଲେକ୍ଟର (ନିର୍ବାଚନ) ଲମ୍ବୋଦର ମାରାଣ୍ଡି, ଡେପୁଟି କଲେକ୍ଟର ବୈଦୁରା ଦୀପ୍, ଲିଆସିନିଂ ଅଫିସର ତଥା ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡିପିଓ ପ୍ରଦୋଷ କୁମାର ଶତପଥୀଙ୍କ ସମେତ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀ ଓ ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟମାନେ ଯୋଗଦେଇଥିଲେ।




# ଜମି ଅଧିଗ୍ରହଣରେ ଅଟକିଛି ଆପ୍ରୋଚ ରୋଡ

**ଛେଣ୍ଡିପଦା,୨୦।୬(ଡି.ଏନ.ଏ.)**

■ସେତୁ ନିର୍ମାଣକୁ ପୁରିଲାଣି ୩ ବର୍ଷ

■ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ଯାତାୟାତ

ପୋଲ ନିର୍ମାଣର ୩ ବର୍ଷ ପରେ ବି ତିଆରି ହୋଇପାରୁନି ଦାମୋଦର ସେତୁକୁ ଆପ୍ରୋଚ ରୋଡ଼। ବ୍ୟକ୍ତିଗତ ଜମି ମାଲିକାନାକୁ ନେଇ ଆଗେଇ ପାରୁନି ଏହି ରାସ୍ତାକାମ। ବିଭାଗ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାବେଳେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଛେଣ୍ଡିପଦା ଅଞ୍ଚଳବାସୀ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅନୁଗୋଳ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନା ମାଧ୍ୟମରେ ପ୍ରାୟ ୩ ବର୍ଷ ତଳେ ଦାମୋଦର ସେତୁ ନିର୍ମାଣ ହୋଇଥିଲା। ଏଥିପାଇଁ ୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଛେଣ୍ଡିପଦା ବ୍ଲକ କୋଶଳା-କୋରଡା ପୂର୍ତ୍ତ ବିଭାଗ ରାସ୍ତା କୋଶଳା ଗ୍ରାମ ନିକଟରେ ଥିବା ସିଙ୍ଗଡା ନାଳ ଉପରେ ଏହି ସେତୁ ନିର୍ମାଣ ହୋଇଥିଲେ ହେଁ ଏହାକୁ ଲାଗି ଉଭୟ ପାର୍ଶ୍ୱରେ ଆପ୍ରୋଚ ରୋଡ ତିଆରି ହୋଇପାରୁନାହିଁ। ଏହି ରାସ୍ତା ନିର୍ମାଣ ହେବାକୁ ଥିବା ଜାଗା କେତେକ ଲୋକଙ୍କ ବ୍ୟକ୍ତିଗତ ମାଲିକାନାରେ ରହିଥିବାରୁ ସେମାନେ ଏହାର ବିରୋଧ କରୁଛନ୍ତି। ଏଥିଯୋଗୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଶୋଚନୀୟ ଅବସ୍ଥାରେ ଥିବା ଉକ୍ତ ରାସ୍ତାରେ ଗମନାଗମନରେ ଅସୁବିଧା ହେଉଛି। ଏବେ ବର୍ଷା ଦିନ ଆସିଯାଇଥିବାରୁ ଏଠାରେ ଯାତାୟାତ କରିବା କଷ୍ଟକର ହୋଇପଡିବ। ଅନ୍ୟପକ୍ଷରେ ଏହି ଗ୍ରାମ୍ୟ ବିଭାଗ ରାସ୍ତା ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁଗୋଳ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ତଦନୁଯାୟୀ ଏହି ରାସ୍ତା ନିର୍ମାଣ ଏବଂ ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି।

ଏ ନେଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ବିଶ୍ୱାଳ କହିଛନ୍ତି, ବ୍ୟକ୍ତିଗତ ମାଲିକାନାରେ ଥିବା ଘରୋଇ ଜାଗାକୁ ସରକାରୀ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ଅଧିଗ୍ରହଣ କରାଯିବ ଏ ନେଇ କାର୍ଯ୍ୟ ଆରମ୍ଭ ହୋଇଛି। କ୍ଷତିଗ୍ରସ୍ତଙ୍କୁ ସରକାରୀ ନିୟମାନୁଯାୟୀ ଆବଶ୍ୟକ କ୍ଷତି ପୂରଣ ରାଶି ପ୍ରଦାନ କରାଯିବ। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା କହିଛନ୍ତି, ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧା ଦୃଷ୍ଟିରୁ ଏହି ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ସମ୍ପ୍ରସାରଣ କରାଯାଇଛି। ଦାମୋଦର ସେତୁର ଉଭୟ ପାର୍ଶ୍ୱରେ ଥିବା ଆପ୍ରୋଚ ରୋଡ ଜାଗା ଅଧିଗ୍ରହଣ କାର୍ଯ୍ୟ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ସବୁ ପ୍ରକ୍ରିୟା କରାଯାଇ ସମ୍ପୃକ୍ତ ପ୍ରଜାମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ପରେ ଅବଶିଷ୍ଟ ନିର୍ମାଣ କାର୍ଯ୍ୟ କରାଯିବ।



ଦାମୋଦର ସେତୁ ଓ ଏହାକୁ ଲାଗି ରହିଥିବା ରାସ୍ତା।



"ରିଟେଲ ଷ୍ଟୋରରେ ପିସିଓ ଢାଞ୍ଚାରେ ୱାଇ-ଫାଇ ସେବା ବିକ୍ରି କରିବା ଲାଗି ଅନୁମତି ଦେବାକୁ ସରକାର ବିଚାର କରୁଛନ୍ତି।
– ଅରୁଣା ସୁନ୍ଦରରାଜନ, ଟେଲିକମ୍ ସଚିବ



"ଏୟାରବସ୍ ସହ ଚୁକ୍ତି ଦ୍ୱାରା ଇନୋଭେଶନ ଜରିଆରେ ବିଶ୍ୱସ୍ତରର କ୍ୟାବିନ ଡିଜାଇନ ପ୍ରସ୍ତୁତ କ୍ଷେତ୍ରରେ ପାଦ ଦେବାକୁ ଯାଉଛୁ।
–କାର୍ତ୍ତିକେୟନ ନଟରାଜନ, ଗ୍ଲୋବାଲ ମୁଖ୍ୟ, ଟେକ୍ ମହିନ୍ଦ୍ରା

## ସଂକ୍ଷେପରେ

### ୧୫ମାସରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ନିର୍ମାଣ ଖର୍ଚ୍ଚ ଉଠିଯିବ



**ନୂଆଦିଲ୍ଲୀ,୨୦-୬:** ଦେଶର ପ୍ରଥମ ଇଞ୍ଜିନବିହୀନ ଟ୍ରେନ ବନ୍ଦେ ଭାରତ ଏକ୍ସପ୍ରେସ ମାସକୁ ୭ କୋଟି ଟଙ୍କା ଆୟ କରୁଛି। ଏଭଳି ହାରରେ ଆୟ ହୋଇଚାଲିଲେ ଆସନ୍ତା ୧୨ରୁ ୧୫ ମାସ ମଧ୍ୟରେ ଏହି ଟ୍ରେନ ନିର୍ମାଣରେ ହୋଇଥିବା ଖର୍ଚ୍ଚ ଆଦାୟ ହୋଇଯିବ ବୋଲି ମନେ କରାଯାଉଛି। ଚଳିତବର୍ଷ ଫେବୃୟାରୀ ୧୫ରେ ଏହି ଟ୍ରେନର ପ୍ରଚଳନ ହୋଇଥିଲା। ସିଆଇଆଇ ଦ୍ୱାରା ଆୟୋଜିତ ଏକ ସମାରୋହରେ ଯୋଗ ଦେଇ ରେଲୱେ ବୋର୍ଡ ସଦସ୍ୟ ରାଜେଶ ଅଗ୍ରୱାଲ କହିଛନ୍ତି ଯେ, ବନ୍ଦେ ଭାରତ ଏକ୍ସପ୍ରେସ(ଟ୍ରେନ ୧୮)ର ନିର୍ମାଣ ଲାଗି ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବର୍ତ୍ତମାନ ଆଗାମୀ କିଛି ଦିନ ଲାଗି ଟ୍ରେନର ସମସ୍ତ ସିଟ୍ ରିଜର୍ଭେଶନ ହୋଇସାରିଛି। ଏହି ଟ୍ରେନ ଦିଲ୍ଲୀରୁ ବାରାଣସୀ ସପ୍ତାହକ ୫ ଦିନ ଯାତାୟାତ କରୁଛି। ତେବେ ଏହି ଟ୍ରେନର ଯାତ୍ରୀଙ୍କୁ ଟିକେଟ ମୂଲ୍ୟ ଉପରେ କୌଣସି ସବ୍‌ସିଡି ଦିଆଯାଏ ନାହିଁ। ସେହିପରି ଅନ୍ୟ ଟ୍ରେନ ଅପେକ୍ଷା ଏହାର ଟିକେଟ ମୂଲ୍ୟ ମଧ୍ୟ ଅଧିକ। ପୂର୍ବରୁ ଟ୍ରେନରେ ଆତଯାତ ହେଉ ନ ଥିବା ବ୍ୟକ୍ତିବିଶେଷ ଏବେ ଏହି ଟ୍ରେନରେ ଯିବାଆସିବା କରୁଛନ୍ତି ବୋଲି ଅଗ୍ରୱାଲ କହିଛନ୍ତି। ତେବେ ଏହି ଟ୍ରେନ ନିର୍ଦ୍ଧାରିତ ଘଣ୍ଟାପ୍ରତି ୧୬୦କିମି ବେଗରେ ଯାତାୟାତ କରୁନାହିଁ। ରେଲୱେ ଟ୍ରାକ୍ ଓ ଅନ୍ୟ କାରଣରୁ ସ୍ପିଡ୍ ହ୍ରାସ କରାଯାଇଛି ବୋଲି ସେ କହିଛନ୍ତି।

### ବ୍ୟାଙ୍କରେ ଋଣ,ଜମା ବୃଦ୍ଧି ଗତି ଧିମା

**ନୂଆଦିଲ୍ଲୀ,୨୦-୬:** ବ୍ୟାଙ୍କରେ ଋଣ ଓ ଜମା ବୃଦ୍ଧି ଗତି ଜୁନ ୭ରେ ଶେଷ ହୋଇଥିବା ସପ୍ତାହରେ ଧିମା ପଡିଥିବା ଜଣାପଡିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ତଥ୍ୟ ଅନୁସାରେ ସମୀକ୍ଷାଧୀନ ପକ୍ଷରେ ବ୍ୟାଙ୍କର ଋଣ ୯.୯୨ ପ୍ରତିଶତ ବୃଦ୍ଧି ପାଇ ୯୬.୫୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଜମା ୧୨.୩୧ ପ୍ରତିଶତ ହାରରେ ବଢ଼ି ୧୨୫.୪୦ କୋଟି ଟଙ୍କା ହୋଇଛି। ବର୍ଷକ ପୂର୍ବରୁ ଏହି ପକ୍ଷରେ ଋଣ ୮୫.୯୪ ଲକ୍ଷ କୋଟି ଟଙ୍କା ଏବଂ ଜମା ୧୧୪.୦୮ ଲକ୍ଷ କୋଟି ଟଙ୍କା ଥିଲା। ଏଥିପୂର୍ବରୁ ମେ'୨୪ରେ ଶେଷ ହୋଇଥିବା ପକ୍ଷରେ ବ୍ୟାଙ୍କର ଋଣ ୧୨.୭୦ ପ୍ରତିଶତ ବଢ଼ି ୯୭.୨୨ ଲକ୍ଷ କୋଟି ଏବଂ ଜମା ୧୦.୦୯ ପ୍ରତିଶତ ବଢ଼ି ୧୨୪.୯୮ ଲକ୍ଷ କୋଟି ଟଙ୍କା ଥିଲା। ଏପ୍ରିଲରେ ଅଣଖାଦ୍ୟ ଋଣ ୧୧.୯ ପ୍ରତିଶତ ବଢ଼ିଥିବା ବେଳେ ଗତବର୍ଷ ଏହି ସମୟରେ ଏହା ୧୦.୭ ପ୍ରତିଶତ ବଢ଼ିଥିଲା।

### ଭାରତରେ ଲଞ୍ଚ ହେବନି ଫେସ୍‌ବୁକ୍ କ୍ରିପ୍ଟୋକରେନ୍ସି

**ନୂଆଦିଲ୍ଲୀ,୨୦-୬:** ସୋସିଆଲ ମିଡିଆ କମ୍ପାନୀ ଫେସ୍‌ବୁକ ଭାରତରେ ନିଜର କ୍ରିପ୍ଟୋକରେନ୍ସି 'ଲିବ୍ରା'କୁ ଲଞ୍ଚ କରିବ ନାହିଁ। ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ସରକାର ପୂର୍ବରୁ ଦେଶରେ କୌଣସି ପ୍ରକାର କ୍ରିପ୍ଟୋକରେନ୍ସିର ପ୍ରଚଳନକୁ ବ୍ୟାନ୍ କରିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ ଫେସ୍‌ବୁକ ନିଜର କ୍ରିପ୍ଟୋକରେନ୍ସି ସହ ଡିଜିଟାଲ ୱାଲେଟ 'କାଲିବ୍ରା'କୁ ମଧ୍ୟ ଭାରତରେ ପ୍ରଚଳନ କରିବ ନାହିଁ। ରିଜର୍ଭ ବ୍ୟାଙ୍କ ନିକଟରେ କମ୍ପାନୀ ପକ୍ଷରୁ କ୍ରିପ୍ଟୋକରେନ୍ସି ପ୍ରଚଳନ ନେଇ କୌଣସି ଆବେଦନ କରାଯାଇ ନାହିଁ। ତେବେ ଫେସ୍‌ବୁକ ପକ୍ଷରୁ କୁହାଯାଇଛି ଯେ, ଏହାର ଡିଜିଟାଲ ୱାଲେଟ ହ୍ୱାଟ୍ସଆପ୍‌ରେ ଉପଲବ୍ଧ ହେବ। ସାରା ବିଶ୍ୱରେ ଏହି ସୋସିଆଲ ମେସେଜିଂ ଆପ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଏହି ସୁବିଧା ମିଳିବ।

### ଜେଟ୍ ଏୟାରୱେଜ୍ ଶେୟାରରେ ଅଭୂତପୂର୍ବ ବୃଦ୍ଧି

**ମୁମ୍ବାଇ,୨୦-୬:** ଦେଶର ଶେୟାର ବଜାରରେ ଗୁରୁବାର ଜେଟ୍ ଏୟାରୱେଜ୍‌ର ଶେୟାର ମୂଲ୍ୟରେ ଅଭୂତପୂର୍ବ ବୃଦ୍ଧି ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଏସ୍‌ଇରେ ଏହା ୧୩୩ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୧୨୨ ପ୍ରତିଶତ ବୃଦ୍ଧି ଦେଖାଯାଇଛି। କମ୍ପାନୀ ବିରୋଧରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ ହେବା ନେଇ ମାମଲା ଦାଏର ହୋଇଥିବା ବେଳେ ଅଚାନକ ଏହି ଶେୟାର ପ୍ରତି ନିବେଶକଙ୍କ ରୁଚି ବୁଝା ପଡୁନାହିଁ। କାରଣ ଆସନ୍ତା ୨୮ରୁ ଏହି ଶେୟାର କାରବାର ଉପରେ ସେବି ପକ୍ଷରୁ କଟକଣା ଜାରି କରାଯାଇଛି।

## ■ ଆମେରିକା-ଇରାନ ଯୁଦ୍ଧ ଲାଗିଲେ

# ଅଶୋଧିତ ତେଲ ଦରରେ ଲାଗିବ ନିଆଁ

**ନୂଆଦିଲ୍ଲୀ,୨୦-୬**

ଇରାନ ବିରୋଧରେ ଆମେରିକାର କଟକଣା ଜାରି ପରେ ତେହରାନ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଇତିମଧ୍ୟରେ ଆମେରିକାର ଏକ ସାମରିକ ଡ୍ରୋନକୁ ଇରାନ ଖସାଇ ଦେଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଏବେ ଯୁଦ୍ଧର ଆଶଙ୍କା ବଢ଼ିବାରେ ଲାଗିଛି। ଦୁଇ ଦେଶ ଯଦି ମୁହାଁମୁହିଁ ହୁଅନ୍ତି, ତେବେ ଅଶୋଧିତ ତୈଳ ଦର ହୁହୁ ହୋଇ ବଢ଼ିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।



- ■ ଗୁରୁବାର ତେଲ ଦର ୩% ବଢ଼ିଛି
- ■ ଆମେରିକା ଭଣ୍ଡାରରେ ତେଲ ହ୍ରାସ
- ■ ଜୁଲାଇ ପହିଲାରେ ତେଲ ହ୍ରାସ ସମ୍ପର୍କରେ ନିଷ୍ପତ୍ତି ନେବ ଓପେକ୍

ଆମେରିକାର ଡ୍ରୋନକୁ ଇରାନ ଖସାଇଦେବାର ସୂଚନା ମିଳିବା ମାତ୍ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଗୁରୁବାର ୩ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୬୩ ଡଲାରରେ ପହଞ୍ଚିଲାଣି। ଆମେରିକା ଓ ଇରାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ନିକଟ ଭବିଷ୍ୟତରେ ବଢ଼ିବ ପଛେ କମିବ ନାହିଁ। ଆମେରିକାର ଜଣେ ଅଧିକାରୀ କହିଛନ୍ତି ଯେ, ଇରାନ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ ହୋଇପାରୁଥିବା କ୍ଷେପଣାସ୍ତ୍ର ସହାୟତାରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଉପରେ ଅନ୍ତଃରାଷ୍ଟ୍ରୀୟ ଆକାଶରେ ଏହାର ଡ୍ରୋନକୁ ମାରି ଖସାଇଛି। ଅନ୍ୟପକ୍ଷରେ ଇରାନ ରିଭଲ୍ୟୁଶନାରି ଗାର୍ଡସ ପକ୍ଷରୁ କୁହାଯାଇଛି ଯେ, ଆମେରିକାର ଡ୍ରୋନ ଦକ୍ଷିଣ ଇରାନ ଆକାଶରେ ଉଡାଣ ଭରୁଥିବା ବେଳେ ଏହାକୁ ମାରି ଖସାଇ ଦିଆଯାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମସ୍ତରରେ ପହଞ୍ଚିଛି। ଏଣୁ ଅଶୋଧିତ ତେଲ ଦରରେ ନିଆଁ ଲାଗିଯିବ ବୋଲି ଏବେ ମତପ୍ରକାଶ ପାଇଛି। ଅପରପକ୍ଷରେ ଅର୍ଥନୀତିକୁ ଗତିଶୀଳ କରିବା ଲାଗି ଆମେରିକାର ଫେଡେରାଲ ରିଜର୍ଭ ଆସନ୍ତା ବୈଠକରେ ସୁଧ ହାର ହ୍ରାସ କରିବାର ସଙ୍କେତ ଦେଇଛି। ଅନ୍ୟପକ୍ଷରେ ବିଶ୍ୱର ସର୍ବାଧିକ ଅଶୋଧିତ ତେଲ ବ୍ୟବହାର କରୁଥିବା ଆମେରିକାର ଭଣ୍ଡାରରେ ଏବେ ତେଲ ପରିମାଣ ହ୍ରାସ ପାଇଥିବା ତଥ୍ୟ ସାମ୍ନାକୁ ଆସିଛି। ବ୍ରେଣ୍ଟ କ୍ରୁଡ୍‌ର ମୂଲ୍ୟ ଗୁରୁବାର ସକାଳ ୧୦.୩୫ରେ ବ୍ୟାରେଲ ପିଛା ୧.୪୦ ଡଲାର ବଢ଼ି ୬୩.୨୨ ଡଲାରରେ ପହଞ୍ଚି ଯାଇଥିଲା। ସେହିପରି ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ କ୍ରୁଡ୍ ବ୍ୟାରେଲ ପିଛା ୧.୫୪ ଡଲାର ବଢ଼ି ୫୫.୩୦ ଡଲାର ହୋଇଛି। ତେଲ ଯୋଗାଣର ଏକ ଚେକ୍ ପଏଣ୍ଟ ଭାବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ କୁହାଯାଉଥିବା ବେଳେ ଗତ ସପ୍ତାହରେ ଦୁଇଟି ତେଲ ଟ୍ୟାଙ୍କରକୁ ମିସାଇଲ ମାଡ କରାଯାଇଥିଲା। ଏହାକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଆରମ୍ଭ ହୋଇଯାଇଛି। ପେଟ୍ରୋମେଟ୍ରିକ୍ସ ଆନାଲିଷ୍ଟ ଓଲିଭିୟର ଜ୍ୟାକବଙ୍କ ମତରେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ହେବା ଠିକ୍ ହେବନାହିଁ। ଅନ୍ୟପକ୍ଷରେ ଆମେରିକା ଏନର୍ଜି ଇନ୍‌ଫର୍ମେଶନ ଆଡ୍‌ମିନିଷ୍ଟ୍ରେଶନ ପକ୍ଷରୁ କୁହାଯାଇଛି ଯେ, ଦେଶର ତୈଳ ଭଣ୍ଡାରରେ ଗଚ୍ଛିତ ତେଲ ପରିମାଣ ୩୧ ଲକ୍ଷ ବ୍ୟାରେଲ ହ୍ରାସ ପାଇଛି। ସୂଚନାଥାଉ କି, ଜୁଲାଇ ୧ଓ ୨ରେ ରୁଷ୍ ସମେତ ଓପେକ୍ ଦେଶ ସମୂହ ବୈଠକରେ ବସି ତେଲ ଉତ୍ପାଦନ ନେଇ ନିଷ୍ପତ୍ତି ନେବେ। ଦୈନିକ ୧୨ ଲକ୍ଷ ବ୍ୟାରେଲ ତେଲ ଉତ୍ପାଦନ ହ୍ରାସ ନେଇ ସହମତି ପ୍ରକାଶ ପାଇଲେ ତେଲ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡିବ।

# କିରାନାଦୋକାନ,ରେଷ୍ଟୁରାଣ୍ଟ ଖୋଲିବା ଏବେ ହେବ ସହଜ



**ନୂଆଦିଲ୍ଲୀ,୨୦-୬**

କେନ୍ଦ୍ର ସରକାର କିରାନା ଦୋକାନ ଏବଂ ରେଷ୍ଟୁରାଣ୍ଟ ଖୋଲିବା ଲାଗି ଆବଶ୍ୟକ ଲାଇସେନ୍ସ ସଂଖ୍ୟା କମାଇବାକୁ ଯାଉଛନ୍ତି। ନାଲିଫିତା ବ୍ୟବସ୍ଥାକୁ ହ୍ରାସ କରିବା ଲାଗି ସରକାର ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଲାଗୁ କରନ୍ତୁ ବୋଲି ଦୀର୍ଘଦିନ ହେବ ଦାବି ହୋଇ ଆସୁଛି। ଏହା ଲାଗୁ ହେଲେ ବ୍ୟବସାୟ କରିବା ସହଜ ହେବ। ବର୍ତ୍ତମାନ ସମୟରେ ଏକ କିରାନା ଦୋକାନ ଖୋଲିବା ଲାଗି ୨୮ ପ୍ରକାର କ୍ଲିୟରାନ୍ସ ଓ ଲାଇସେନ୍ସ ନେବାକୁ ପଡିଥାଏ। ସେହିପରି ଢାବା ଓ ରେଷ୍ଟୁରାଣ୍ଟ ଖୋଲିବା ଲାଗି ୧୭ ପ୍ରକାର ଲାଇସେନ୍ସ ଆବଶ୍ୟକ ହୋଇଥାଏ। ଏହା ପରେ ହିଁ କୌଣସି ବ୍ୟକ୍ତି ନିଜର ବ୍ୟବସାୟ ଖୋଲିପାରିବେ। ଜଣେ ଅଧିକାରୀ କହିଛନ୍ତି ଯେ, ସରକାର ଇଜ୍ ଅଫ୍ ଡୁଇଂ ବିଜ୍‌ନେସକୁ ପ୍ରୋତ୍ସାହିତ କରିବାକୁ ଚାହାନ୍ତି। ଏହି କାରଣରୁ ନିୟମ କୋହଳ କରାଯିବ। ଏହାଦ୍ୱାରା ବ୍ୟବସାୟ କରିବା ସହଜ ହେବ। ବର୍ତ୍ତମାନ ସ୍ଥିତିରେ ଲାଇସେନ୍ସ ନେବା ଅଥବା ନବୀକରଣ କରିବା ଲାଗି ଦୀର୍ଘ ଦିନ ଲାଗିଥାଏ। ସେ କହିଛନ୍ତି ଯେ, ଲାଇସେନ୍ସ ନବୀକରଣ ବ୍ୟବସ୍ଥାକୁ ହଟାଇ ଦିଆଯିବ। ସୂଚନାଯୋଗ୍ୟ ଯେ, ଚାଇନା ଓ ସିଙ୍ଗାପୁର ଭଳି ରାଷ୍ଟ୍ରରେ ରେଷ୍ଟୁରାଣ୍ଟ ଖୋଲିବା ଲାଗି ମାତ୍ର ୪ ପ୍ରକାର କ୍ଲିୟରାନ୍ସ ନେବାକୁ ପଡିଥାଏ। ନ୍ୟାଶନାଲ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ପୁରୁଣା ଆଇନ ସମ୍ପର୍କରେ ମତପ୍ରକାଶ କରି କୁହାଯାଇଛି ଯେ, ଦିଲ୍ଲୀରେ ଗୋଟିଏ ସ୍ୟାଣ୍ଡୱିଚ୍ ଦୋକାନ ଖୋଲିବା ପାଇଁ ପୋଲିସ ନିକଟରେ ପ୍ରାୟ ୨୪ ପ୍ରକାର ଦସ୍ତାବିଜ ଜମା କରିବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଗୋଟିଏ ବନ୍ଧୁକ କିଣିବା ପାଇଁ କେବଳ ୧୩ ପ୍ରକାର ଡକ୍ୟୁମେଣ୍ଟସ ଦେବାକୁ ପଡେ। ଏନଆର୍‌ଏଆଇ ପ୍ରେସିଡେଣ୍ଟ ତଥା 'ଦ ବିୟର କାଫେ' ପ୍ରତିଷ୍ଠାତା ତଥା ସିଇଓ ରାହୁଲ ସିଂ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ହେବ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଓବିର ୧୩.୪୮ କୋଟି

**ଭୁବନେଶ୍ୱର,୨୦-୬**

ଫନୀ ପ୍ରଭାବିତ ଲୋକଙ୍କ ଥଇଥାନ ଏବଂ ସହାୟତା ନିମନ୍ତେ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ୧୩.୪୮ କୋଟି ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କର ମହାପ୍ରବନ୍ଧକ ଏବଂ ପୂର୍ବାଞ୍ଚଳ ମୁଖ୍ୟ ସଂଯୋଜକ ବିଶ୍ୱରୂପ ଦାସ, ପାଟଣା ଜୋନର ମୁଖ୍ୟ ତଥା ମହାପ୍ରବନ୍ଧକ ନିତ୍ୟାନନ୍ଦ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ବାବଦ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମୁଖ୍ୟ ତଥା ଉପମହାପ୍ରବନ୍ଧକ ସୋମନାଥ ନନ୍ଦ, ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକ ଗୁପ୍ତା, ସହାୟକ ମହାପ୍ରବନ୍ଧକ ଭାରତ ଭୂଷଣ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବ୍ୟାଙ୍କର ଅଧିକାରୀମାନେ ଚେକ୍ ପ୍ରଦାନ କରୁଛନ୍ତି।

# କୃଷି,ଏସ୍‌ଏମ୍‌ଇ କ୍ଷେତ୍ରକୁ କର୍ପୋରେଶନ ବ୍ୟାଙ୍କର ଗୁରୁତ୍ୱ




**ଭୁବନେଶ୍ୱର,୨୦-୬**

କୃଷି, ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ସହ ରିଟେଲ କ୍ଷେତ୍ର ଋଣ ଯୋଗାଣକୁ କର୍ପୋରେଶନ ବ୍ୟାଙ୍କ ପ୍ରାଥମିକତା ଦେଉଛି। ଏହି କ୍ଷେତ୍ରକୁ ଦିଆଯାଇଥିବା ଋଣ ପରିମାଣ ସ୍ୱଳ୍ପ ରହୁଥିବା ବେଳେ ବିପୁଳ ପରିମାଣର ଅର୍ଥ ବୁଡିଯିବାର ଆଶଙ୍କା କମ୍ ରହିଥାଏ। ଏହାକୁ ଧ୍ୟାନରେ ରଖି ଉକ୍ତ କ୍ଷେତ୍ରଗୁଡିକୁ ଋଣ ଯୋଗାଣ ନେଇ ଯୋଜନା ରହିଥିବା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିରୁପାକ୍ଷ ମିଶ୍ର କହିଛନ୍ତି। ଋଣ ଯୋଗାଣ ସମୟରେ ବିଭିନ୍ନ ସତର୍କତା ଅବଲମ୍ବନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ରାଜ୍ୟରେ ବ୍ୟାଙ୍କର ମୋଟ କାରବାର ୫,୦୦୦ କୋଟି ଟଙ୍କା ରହିଛି। ଏହା ମଧ୍ୟରେ ଜମା ଏବଂ ଅଗ୍ରିମ ପରିମାଣ ଯଥାକ୍ରମେ ୩,୦୦୦ କୋଟି ଏବଂ ୨୦୦୦ କୋଟି ଟଙ୍କା ରହିଛି। ବ୍ୟାଙ୍କ ଆର୍‌ବିଆଇର ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ)ରୁ ବାହାରି ଥିବା ବେଳେ ଚଳିତ ବର୍ଷ ଋଣ ଆବଣ୍ଟନ କ୍ଷେତ୍ରରେ ୧୦ରୁ ୧୫% ଅଭିବୃଦ୍ଧି ନେଇ ଲକ୍ଷ୍ୟ ରଖିଥିବା ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଜୋନ ଆଞ୍ଚଳିକ ମୁଖ୍ୟ ଏ.ଆର୍.ରାଘବେନ୍ଦ୍ର ଉପସ୍ଥିତ ଥିଲେ। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ପି.ଭି ଭାରତୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଫନୀ ପ୍ରଭାବିତଙ୍କ ସହାୟତା ଲାଗି ୩.୩୮ କୋଟି ଟଙ୍କା ପ୍ରଦାନ କରିଛନ୍ତି।

## ■ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଦୁର୍ନୀତି ମାମଲା

# ୨ ପୂର୍ବତନ ଅଧିକାରୀ ଇଡି ଦ୍ୱାରା ଗିରଫ

**ନୂଆଦିଲ୍ଲୀ,୨୦-୬**

ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡଏଫ୍‌ଏସ୍)ର ଦୁଇଜଣ ପୂର୍ବତନ ଅଧିକାରୀ ଯୁଗ୍ମ ଏମ୍‌ଡି ଅରୁଣ କୁମାର ସାହା ଏବଂ ଟ୍ରାନ୍ସପୋର୍ଟେଶନ ନେଟ୍‌ୱାର୍କର ପୂର୍ବତନ ଏମ୍‌ଡି କେ.ରାମଚାନ୍ଦଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିଛି। ସିରିୟସ ଫ୍ରଡ୍ ଇନଭେଷ୍ଟିଗେଶନ ଅଫିସ୍(ଏସ୍‌ଏଫ୍‌ଆଇଓ) ପକ୍ଷରୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାର ତଦନ୍ତ ଆରମ୍ଭ ହେବା ପରେ ଏହି ଦୁଇଜଣ ଅଧିକାରୀ ନିଜ ପଦରୁ ଇସ୍ତଫା ଦେଇଥିଲେ। ଇଡି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଉକ୍ତ ଦୁଇ ଅଧିକାରୀଙ୍କୁ ପ୍ରିଭେନ୍ସନ ଅଫ୍ ମନିଲଣ୍ଡରିଂ(ପିଏମ୍‌ଏଲ୍‌ଏ) ଆଇନ ଅଧୀନରେ ଗିରଫ କରାଯାଇଛି। ଏହି ମାମଲାରେ ଇଡି ପକ୍ଷରୁ ପ୍ରଥମ ଗିରଫଦାରି ହୋଇଛି। ଯାଞ୍ଚ ଏଜେନ୍ସି ପକ୍ଷରୁ ଚଳିତବର୍ଷ ଫେବୃୟାରୀରେ ମାମଲା ଦାଏର କରାଯିବା ସହ ଏକାଧିକ ଅଧିକାରୀଙ୍କ ଘରେ ଚଢ଼ାଉ ମଧ୍ୟ କରାଯାଇଥିଲା। ସୂଚନାଥାଉ କି, ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ପରିଚାଳନାଗତ ତ୍ରୁଟିବିଚ୍ୟୁତି ତଥା ଆର୍ଥିକ ଅନିୟମିତତା କାରଣରୁ ଗ୍ରୁପ୍ କମ୍ପାନୀ ଅର୍ଥ ସଙ୍କଟର ସାମ୍ନା କରୁଛି।

# କିଆର ନୂଆ 'ସେଲ୍‌ଟସ୍' ଏସ୍‌ୟୁଭି ବଜାରରେ

**ନୂଆଦିଲ୍ଲୀ,୨୦-୬**

କିଆ ମୋଟର୍ସ ପକ୍ଷରୁ ନୂଆ ସେଲ୍‌ଟସ ଏସ୍‌ୟୁଭିକୁ ନୂଆଦିଲ୍ଲୀଠାରେ ବଜାର ପ୍ରବେଶ କରାଯାଇଛି। କମ୍ପାନୀର ସେଲ୍‌ସ ଏବଂ ମାର୍କେଟିଂ ମୁଖ୍ୟ ମନୋହର ଭଟ୍ଟ, କିଆ ମୋଟର୍ସ ଇଣ୍ଡିଆ ଏମ୍‌ଡି କୋଖ୍ୟୁନ ସିମ୍, କିଆ ମୋଟର୍ସ କର୍ପୋରେଶନ ସଭାପତି ତଥା ସିଇଓ ହାନ ଓ ପାର୍କ ନୂଆ ଯାନଟିକୁ ବଜାର ପ୍ରବେଶ କରାଇଥିଲେ। ଏହି ମଡେଲ ଯାନ ସହ କମ୍ପାନୀ ଭାରତୀୟ ବଜାରରେ ଏହାର ଉପସ୍ଥିତିକୁ ଜାହିର କରିବାକୁ ସକ୍ଷମ ହୋଇଛି। ଏଥିରେ ସ୍ୱତନ୍ତ୍ର ଡିଜାଇନ, ସେଗମେଣ୍ଟ ଫାଷ୍ଟ ଫିଚର ଏବଂ ସ୍ପେଶିୟସ ଇଣ୍ଟେରିୟର ରହିଛି। ଏହା ମଧ୍ୟରେ ୬ ଏୟାରବ୍ୟାଗ, ୧.୪ ଲିଟରର ଟର୍ବୋ ଜିଡିଆଇ, ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ ବିକଳ୍ପ, ବିଏସ୍-୬ ମାନକଯୁକ୍ତ ଇଞ୍ଜିନ, ୪ ଟ୍ରାନ୍ସମିଶନ ବିକଳ୍ପ, ସ୍ମାର୍ଟ ଷ୍ଟ୍ରିମ, ତୃତୀୟ ପିଢି ପାୱାର ଟ୍ରେନ, ୟୁଭିୟୁ କନେକ୍ଟ ଟେକ୍ନୋଲୋଜି, ୩୭ ସ୍ମାର୍ଟ ଫିଚର ରହିଛି। ଭାରତୀୟ ବଜାରର ଚାହିଦାକୁ ନଜରରେ ରଖି ଯାନଟିକୁ ଡିଜାଇନ କରାଯାଇଛି। ବିଶ୍ୱ ସ୍ତରରେ ସମ୍ପ୍ରସାରଣ ଦିଗରେ ଭାରତ କମ୍ପାନୀ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ବଜାର ବୋଲି କିଆ ମୋଟର୍ସ କର୍ପୋରେଶନର ସିଇଓ ଏବଂ ସଭାପତି ହାନ ଓ ପାର୍କ କହିଛନ୍ତି। ଘରୋଇବଜାରରେ ଏକ ପ୍ରମୁଖ ଅଟୋମୋବାଇଲ ସ୍ଥାନ ହାସଲ ଲାଗି ଏହି ପଦକ୍ଷେପ ସହାୟତା କରିବ ବୋଲି ପାର୍କ ଆଶା ପ୍ରକଟ କରିଛନ୍ତି। ମଡେଲଟି ୧୬୦ ସହରର ୨୬୫ ଟଚ୍‌ପଏଣ୍ଟରେ ଉପଲବ୍ଧ ହେବ।




## ■ ପ୍ରଦୂଷଣମୁକ୍ତ ଯାନ ଚଳାଚଳକୁ ପ୍ରୋତ୍ସାହନ

# ଇ-ଯାନ ରେଜିଷ୍ଟ୍ରେଶନ ଫିସ୍ ହେବ ଛାଡ଼

**ନୂଆଦିଲ୍ଲୀ,୨୦-୬**

ଦେଶରେ ପ୍ରଦୂଷଣମୁକ୍ତ ଇଲେକ୍ଟ୍ରିକ ଚାଳିତ ଯାନ ଚଳାଚଳକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ବ୍ୟାଟେରିଚାଳିତ ସମସ୍ତ ପ୍ରକାର ଗାଡ଼ିର ରେଜିଷ୍ଟ୍ରେଶନ ଫିସ୍‌କୁ ଛାଡ଼ କରିବାକୁ ଯାଉଛନ୍ତି। ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଚିଠା ଜାରି କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ ମୋଟର ଯାନ ନିୟମ(ସିଏମ୍‌ଭିଆର୍)୧୯୮୯ ଅଧୀନରେ ୨ ପ୍ରକାର ରେଜିଷ୍ଟ୍ରେଶନ ଫିସ୍ ବ୍ୟବସ୍ଥା କରାଯିବ। ମନ୍ତ୍ରଣାଳୟ ପକ୍ଷରୁ ସିଏମ୍‌ଭିଆର୍ ଧାରା ୮୧ ଅଧୀନରେ ସଂଶୋଧନ କରିବା ଲାଗି ଚଳିତ ମାସ ୧୮ରେ ଏକ ଚିଠା ଅଧିସୂଚନା ଜାରି କରାଯାଇସାରିଛି। ନିୟମରେ ସଂଶୋଧନ ଅଣାଯାଇ ବ୍ୟାଟେରି ଚାଳିତ ସମସ୍ତ ଗାଡ଼ିର ରେଜିଷ୍ଟ୍ରେଶନ ଫିସ୍‌କୁ ଛାଡ଼ କରାଯିବାର ପ୍ରସ୍ତାବ ଦିଆଯାଇଛି। ଏନେଇ ସମସ୍ତ ପକ୍ଷଙ୍କଠାରୁ ପରାମର୍ଶ ଲୋଡାଯାଇଛି। ନୂଆ ନିୟମ ଅନୁଯାୟୀ, ବାଟେରିରେ ଚାଲୁଥିବା ଦୁଇ, ତିନି ଓ ଚାରି ଚକିଆ ଗାଡ଼ିର ନୂଆ ରେଜିଷ୍ଟ୍ରେଶନ ଅଥବା ପୁରୁଣା ଗାଡ଼ିର ନବୀକରଣ ଲାଗି କୌଣସି ଫିସ୍ ଆଦାୟ କରାଯିବ ନାହିଁ। ଦେଶରେ ପେଟ୍ରୋଲ ଓ ଡିଜେଲ ଚାଳିତ ଗାଡ଼ି ଯୋଗୁ ପ୍ରଦୂଷଣ ବଢୁଥିବାରୁ ଏହାକୁ ହ୍ରାସ କରିବାକୁ ସରକାର ଚାହୁଁଛନ୍ତି। ଏଣୁ ବ୍ୟାଟେରି ଚାଳିତ ଗାଡ଼ି ଚଳାଚଳକୁ ସରକାର ପ୍ରୋତ୍ସାହିତ କରିବାକୁ ଆଗେଇ ଆସିଛନ୍ତି। ଏହାଦ୍ୱାରା ଅଶୋଧିତ ତେଲ କିଣିବା ଲାଗି ଦେଶକୁ ଭାରି ମାତ୍ରାରେ ଡଲାର ଖର୍ଚ୍ଚରୁ ରକ୍ଷା କରାଯାଇପାରିବ। ଫଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ଓକେସିଏଲ୍‌ର ସୁପର କ୍ୟାମ୍ପସ କର୍ମଶାଳା

**ଭୁବନେଶ୍ୱର,୨୦-୬**

ଓଡ଼ିଶା ନଲେଜ୍ କର୍ପୋରେଶନ ଲିମିଟେଡ (ଓକେସିଏଲ୍) ଏବଂ ମହାରାଷ୍ଟ୍ର ନଲେଜ କର୍ପୋରେଶନ ଲିମିଟେଡର ମିଳିତ ସହଯୋଗରେ ସ୍ଥାନୀୟ ଏକ ହୋଟେଲରେ ସୁପରସ୍କୁଲ/ସୁପର କ୍ୟାମ୍ପସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଷ୍ଟ୍ର ନଲେଜ୍ କର୍ପୋରେଶନର ଅଧିକାରୀମାନେ ଅଂଶଗ୍ରହଣ କରି ପ୍ରଯୁକ୍ତି ବିଦ୍ୟାକୁ




ବ୍ୟବହାର କରି କିଭଳି ସ୍କୁଲ ଛାତ୍ରୀଛାତ୍ରଙ୍କର ଶିକ୍ଷା ପ୍ରଣାଳୀକୁ ଉନ୍ନତ କରାଯାଇପାରିବ ସେ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସୁପରସ୍କୁଲ ପ୍ରଯୁକ୍ତିବିଦ୍ୟା ଫ୍ରେମୱାର୍କ ଦ୍ୱାରା ଶିକ୍ଷା ପଦ୍ଧତିରେ ଉନ୍ନତି, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଅଧିକ କ୍ରିୟାଶୀଳ କରାଇବାରେ ପ୍ରଯୁକ୍ତିବିଦ୍ୟା ଭଳି ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକର ବିଭିନ୍ନ ସ୍କୁଲର ଶିକ୍ଷକ, କମ୍ପ୍ୟୁଟର ଉପକରଣ ବିତରକ ଏବଂ ଓକେସିଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଷ୍ଟ୍ରେଲିଆ ସେମିଫାଇନାଲ ନିକଟତର

ନଟିଂହାମ,୨୦।୬ (ପି.ଟି.)

ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଅଷ୍ଟ୍ରେଲିଆ ଗୁରୁବାର ଅନୁଷ୍ଠିତ ଟୁର୍ନାମେଣ୍ଟର ୨୬ତମ ମ୍ୟାଚ୍‌ରେ ବାଂଲାଦେଶକୁ ୪୮ ରନରେ ପରାସ୍ତ କରିଛି। ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଅଭିଜ୍ଞ ଓପନର ଡେଭିଡ ୱାର୍ନରଙ୍କ ଧୂଆଁଧାର ଶତକ (୧୬୬ ରନ, ୧୪୭ ବଲ, ୧୪ ଚୌକା, ୫ ଛକା) ସହାୟତାରେ ୫ ଉଇକେଟ ହରାଇ ୩୮୧ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୮ ଉଇକେଟ ହରାଇ ୩୩୩ ରନରେ ସୀମିତ ରହି ପରାସ୍ତ ହୋଇଛି। ଏଥିସହ ଅଷ୍ଟ୍ରେଲିଆ ୬ଟି ମ୍ୟାଚ ଖେଳି ୫ ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୧୦ ପଏଣ୍ଟ ହାସଲ କରି ନ୍ୟୁଜିଲାଣ୍ଡକୁ ହଟାଇ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରି ସେମିଫାଇନାଲର ନିକଟତର ହୋଇଛି। ଅନ୍ୟପଟେ ବାଂଲାଦେଶ ୬ଟି ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନରେ ରହିଛି। ମ୍ୟାଚ୍ ବିଜୟୀ ବୃହତ୍ ଶତକୀୟ ଇନିଂସ ପାଇଁ ୱାର୍ନର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୮୨ ରନ କଷ୍ଟସାଧ ବିଜୟଲକ୍ଷ୍ୟର ପିଛା କରି ବାଂଲାଦେଶ ଲଢ଼େଇ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ୧୦୨ (୯୭ ବଲ, ୯ ଚୌକା, ୧ ଛକା) ରନର

## ୱାର୍ନରଙ୍କ ଆଗରେ ଫିକା ପଡ଼ିଲା ରହିମଙ୍କ ଶତକ


ଶତକୀୟ ପାଳି ଖେଳି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଏହା ବିଜୟ ପାଇଁ ଯଥେଷ୍ଟ ହୋଇ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ମହମୁଦୁଲ୍ଲା ୬୯ ରନ (୫୦ ବଲ, ୫ଚୌକା, ୩ ଛକା), ଓପନର ତାମିମ ଇକ୍‌ବାଲ ୬୨, ଇନଫର୍ମ ସାକିବ ଅଲ ହାସନ ୪୧, ଲିଟନ ଦାସ ୨୦, ସୌମ୍ୟ ସରକାର ୧୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ସବୀର ରହମାନ ଖାତା ଖୋଲିପାରି ନ ଥିଲେ। ମେହିଦି ହାସନ ମିର୍ଜା ଓ ଅଧିନାୟକ ମଶ୍ରାଫି ମୋର୍ତ୍ତାଜା ୬ ରନ ଲେଖାଏ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ, ନାଥନ କୁଲ୍ଟର- ନାଇଲ ଓ ମାର୍କସ ଷ୍ଟୋଇନିସ ୨ଟି ଲେଖାଏ, ସ୍ପିନର ଆଡାମ ଜାମ୍ପା ଗୋଟିଏ ଉଇକେଟ ହାସଲ କରିଥିଲେ।

### ୱାର୍ନରଙ୍କ କୀର୍ତ୍ତିମାନ

ପୂର୍ବରୁ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ବିପକ୍ଷରେ ବୃହତ୍ ସ୍କୋର କରିଥିଲା। ତାରକା ଓପନର ଡେଭିଡ ୱାର୍ନର ଜବରଦସ୍ତ ବ୍ୟାଟିଂର ନମୁନା ପ୍ରଦର୍ଶନ କରି ୧୬୬ ରନର ଶତକୀୟ ଇନିଂସ ଖେଳିଥିଲେ। ସେ କ୍ରିଜ୍‌ରେ ୧୮୪ ମିନିଟ ରହିବା ସହ ୧୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ଟି ଚୌକା ଓ ୫ଟି ଛକା ମାରି ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ଏଥିସହିତ ସେ ଟୁର୍ନାମେଣ୍ଟର ଦ୍ୱିତୀୟ ଓ କ୍ୟାରିୟରର ୧୬ତମ ଶତକ ହାସଲ କରିଛନ୍ତି। ସେ ମଧ୍ୟ ଦିନିକିଆରେ ଷଷ୍ଠଥର ପାଇଁ ୧୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ତେବେ ବିଶ୍ୱକପ୍ ଇତିହାସରେ ଦୁଇଥର ୧୫୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାରେ ସେ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇ ରେକର୍ଡ କରିଛନ୍ତି। ଏହାପୂର୍ବରୁ ୱାର୍ନର ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୧୦୭ ରନର ଶତକୀୟ ଇନିଂସ ଖେଳିଥିଲେ।

ୱାର୍ନରଙ୍କ ଏହି ଧୂଆଁଧାର ଇନିଂସ ବଳରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୮୧ ରନ ସଂଗ୍ରହ କରିଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ଓ ୱାର୍ନର ଓପନିଂ ଯୋଡିରେ ୨୬ ଓଭର ପୂର୍ବରୁ ୧୨୧ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ତେବେ ଫିଞ୍ଚ୍ ୫୩ ରନର

**ଆଜିର ମ୍ୟାଚ୍**
ଇଂଲଣ୍ଡ
ବନାମ
ଶ୍ରୀଲଙ୍କା
ସ୍ଥାନ
ଲିଡ୍ସ
ସମୟ
ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଶତକ ସେଲିବ୍ରେସନ: ୧୬୬ ରନ୍‌ର ଇନିଂସ ଖେଳିଥିବା ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

ଅର୍ଦ୍ଧଶତକୀୟ ପାଳି ଖେଳି ପ୍ରଥମେ ଆଉଟ ହୋଇଥିଲେ। ସେହିପରି ଉସ୍‌ମାନ ଖ୍ୱାଜା ୭୨ ବଲରୁ ୧୦ ଚୌକା ସହ ୮୯ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ୱାର୍ନର ଓ ଖ୍ୱାଜା ଧୂଆଁଧାର ବ୍ୟାଟିଂ କରି ୧୪୧ ବଲରୁ ୧୯୨ ରନ ସଂଗ୍ରହ କରିଥିଲେ। ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ୱାର୍ନର, ଫିଞ୍ଚ୍ ଓ ଖ୍ୱାଜା ମିଡିୟମ ପେସର ସୌମ୍ୟ ସରକାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଖ୍ୱାଜାଙ୍କ ପୂର୍ବରୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ମାତ୍ର ୧୦ ବଲରୁ ୨ ଚୌକା ଓ ୩ ଛକା ସହ ୩୨ ରନ କରି ରୁବେଲ ହୋସେନଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ମାତ୍ର ୧ ରନ କରିଥିବା ବେଳେ ମୁସ୍ତାଫିଜୁର ରହମାନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଶେଷରେ ମାର୍କସ ଷ୍ଟୋଇନିସ ୧୧ ବଲରୁ ୧୭ ଓ ଉଇକେଟ କିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେ ୮ ବଲରୁ ୧୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସୌମ୍ୟ ୩ ଓ ମୁସ୍ତାଫିଜୁର ରହମାନ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। କେବଳ ମେହିଦି ହାସନ ମିରାଜଙ୍କୁ ବାଦ୍ ଦେଲେ ବାକି ସବୁ ବୋଲର ଓଭର ପିଛା ୬ରୁ ଊର୍ଦ୍ଧ୍ୱ ରନ ବ୍ୟୟ କରିଥିଲେ। ବାଂଲାଦେଶର ସବୁ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଇନିଂସ ଶେଷହେବାକୁ ଆଉ ଗୋଟିଏ ଓଭର ବାକି ଥିବାବେଳେ ବର୍ଷା ହୋଇଥିଲା ଓ ଖେଳ ବାଧାପ୍ରାପ୍ତ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ୫୦ ଓଭରରେ ୩୮୧/୫ (ୱାର୍ନର- ୧୬୬, ଖ୍ୱାଜା- ୮୯, ଫିଞ୍ଚ୍- ୫୩, ମ୍ୟାକ୍ସୱେଲ- ୩୨, ସୌମ୍ୟ- ୩/୫୮, ମୁସ୍ତାଫିଜୁର- ୧/୬୯)।
- ବାଂଲାଦେଶ ୫୦ ଓଭରରେ ୩୩୩/୮ (ମୁସଫିକର- ୧୦୨*, ମହମୁଦୁଲ୍ଲା- ୬୯, ତାମିମ- ୬୨, ସାକିବ- ୪୧, ଷ୍ଟାର୍କ- ୨/୫୫, କୁଲ୍ଟର ନାଇଲ- ୨/୫୮, ଷ୍ଟୋଇନିସ- ୨/୫୪)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୬ | ୫ | ୧ | ୦ | ୦ | ୧୦ | +୦.୮୪୯ |
| ନ୍ୟୁଜିଲାଣ୍ଡ | ୫ | ୪ | ୦ | ୦ | ୧ | ୯ | +୧.୫୯୧ |
| ଇଂଲଣ୍ଡ | ୫ | ୪ | ୧ | ୦ | ୦ | ୮ | +୧.୮୬୨ |
| ଭାରତ | ୪ | ୩ | ୦ | ୦ | ୧ | ୭ | +୧.୦୨୯ |
| ବାଂଲାଦେଶ | ୬ | ୨ | ୩ | ୦ | ୧ | ୫ | +୦.୧୩୮ |
| ଶ୍ରୀଲଙ୍କା | ୫ | ୧ | ୨ | ୦ | ୨ | ୪ | -୧.୭୭୮ |
| ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୬ | ୧ | ୪ | ୦ | ୧ | ୩ | -୦.୧୯୩ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୫ | ୦ | ୫ | ୦ | ୦ | ୦ | -୨.୦୮୯ |



**ନୂଆ ହେୟାର ଷ୍ଟାଇଲ:** ପାକିସ୍ତାନ ବିପକ୍ଷରେ ବୃହତ୍ ବିଜୟ ହାସଲ କରିବା ପରେ ନୂଆ ହେୟାର ଷ୍ଟାଇଲରେ ନଜରକୁ ଆସିଛନ୍ତି ଭାରତୀୟ ଉଇକେଟ କିପର ମହେନ୍ଦ୍ର ସିଂ ଧୋନି ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା।

## ଇଂଲଣ୍ଡ-ଶ୍ରୀଲଙ୍କା ମୁକାବିଲା ଆଜି

ଲିଡ୍ସ,୨୦।୬(ପି.ଟି.)

ଚଳିତ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଶୁକ୍ରବାର ସ୍ଥାନୀୟ ହେଡିଂଲି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟର ଏହି ୨୭ତମ ମ୍ୟାଚ୍ ଶ୍ରୀଲଙ୍କା ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ଶ୍ରୀଲଙ୍କା ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟ, ଦୁଇଟି ପରାଜୟ ଓ ଦୁଇଟି ବିନା ଫଳାଫଳ ସହ ୪ ପଏଣ୍ଟ ହାସଲ କରି ତାଲିକାର ପଞ୍ଚମ ସ୍ଥାନରେ ରହିଛି। ଫଳରେ ସେମି ଫାଇନାଲ ଦୌଡରେ ସ୍ଥିତି ବଜାୟ ରଖିବାକୁ ହେଲେ ଶ୍ରୀଲଙ୍କାକୁ ଏବେ ବାକିଥିବା ୪ଟି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ବିଜୟ ହାସଲ ଛଡ଼ା ଶ୍ରୀଲଙ୍କା ପାଇଁ ଅନ୍ୟ ରାସ୍ତା ନାହିଁ। ୧୯୯୬ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ଟାଇଟଲ ଜିତିଥିବା ଶ୍ରୀଲଙ୍କା ନିଜର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ଏହାପରେ ଦୁଇଟି ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ଗତ ସପ୍ତାହରେ ଶ୍ରୀଲଙ୍କା ୮୭ ରନରେ ଲଣ୍ଡନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଏବେ ଇଂଲଣ୍ଡ ବିପକ୍ଷରେ ଜିତିବାକୁ ହେଲେ ଶ୍ରୀଲଙ୍କାକୁ ସ୍ୱତନ୍ତ୍ର ପ୍ରଦର୍ଶନ କରିବାକୁ ହେବ। ଘରୋଇ ପରିବେଶରୁ ଫାଇଦା ଉଠାଇ ଫେଭରାଇଟ ବିବେଚିତ ହେଉଥିବା ଇଂଲଣ୍ଡ ଏବେ ବେଶ୍ ଶକ୍ତିଶାଳୀ ମନେହେଉଛି। ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ ଖେଳି ୪ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି। ଇଂଲଣ୍ଡ କେବଳ ପାକିସ୍ତାନଠାରୁ ପରାସ୍ତ ହୋଇଥିଲା। ଇଓନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡର ବ୍ୟାଟିଂ ଏବେ ଶ୍ରେଷ୍ଠ ସାବ୍ୟସ୍ତ ହୋଇଛି। ୫ଟିରୁ ୪ଟି ମ୍ୟାଚ୍‌ରେ ଇଂଲଣ୍ଡ ୩୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲା। ଏଥିମଧ୍ୟରୁ ବାଂଲାଦେଶ ବିପକ୍ଷରେ ଇଂଲଣ୍ଡ ୩୮୬/୬ ଓ ଆଫଗାନିସ୍ତାନ ବିପକ୍ଷରେ ୩୯୭/୬ ରନ ସ୍କୋର କରିଥିଲା। ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡର ୫ଜଣ ବ୍ୟାଟ୍ସମ୍ୟାନ ଶ୍ରେଷ୍ଠ ୧୦ଜଣ ସର୍ବାଧିକ ସ୍କୋର ହାସଲକାରୀ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ହୋଇଥିବା ୧୨ଟି ଶତକରୁ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ନାମରେ ୫ଟି ରହିଛି। ଯଦିଓ ତାରକା ଓପନର ଜାସନ ରୟ ଇଞ୍ଜୁରି କାରଣରୁ ଦଳରେ ନ ଥିଲେ ମଧ୍ୟ ଇଂଲଣ୍ଡ ପ୍ରଦର୍ଶନରେ କୌଣସି ଫରକ ପଡ଼ିନାହିଁ। ଆଫଗାନିସ୍ତାନ ବିପକ୍ଷରେ ମୋର୍ଗାନ ୧୪୮ ରନର ଧୂଆଁଧାର ପାଳି ଖେଳିଥିଲେ। ଏହି ଇନିଂସରେ ସେ ୧୭ଟି ଛକା ମାରି ବିଶ୍ୱରେକର୍ଡ ସ୍ଥାପନ କରିଥିଲେ ଓ ଇଂଲଣ୍ଡ ୬ ଉଇକେଟ ହରାଇ ୩୯୭ ରନ ସ୍କୋର କରିଥିଲା। ଇଂଲଣ୍ଡ ଏବେ ଅପରାଜେୟ ମନେହେଉଛି।

ଇଂଲଣ୍ଡକୁ ରୋକିବାକୁ ହେଲେ ଶ୍ରୀଲଙ୍କାକୁ ଦମ୍‌ଦାର ପ୍ରଦର୍ଶନ କରିବାକୁ ହେବ। ଲସିଥ ମାଲିଙ୍ଗା ଓ ନୁଆନ ପ୍ରଦୀପଙ୍କ ଭଳି ଦ୍ରୁତ ବୋଲରଙ୍କୁ ମଧ୍ୟ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବାକୁ ହେବ। ଶ୍ରୀଲଙ୍କାର ବ୍ୟାଟିଂ ମଧ୍ୟ ଆଶାନୁରୂପ ହୋଇପାରିନାହିଁ। ଶ୍ରୀଲଙ୍କା ମିଡିଲ ଅର୍ଡର ଏପର୍ଯ୍ୟନ୍ତ ସବୁବେଳେ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଶ୍ରୀଲଙ୍କା ୧୪ ରନରେ ୫ ଉଇକେଟ ହରାଇଥିଲା ଓ ଶେଷରେ ୧୩୬ ରନରେ ଅଲଆଉଟ ହୋଇଥିଲା। ସେହିପରି ଆଫଗାନିସ୍ତାନ ବିପକ୍ଷରେ ଶ୍ରୀଲଙ୍କା ୩୬.୫ ଓଭରରେ ୨୦୧ ରନ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ୩୬ ରନରେ ୭ ଉଇକେଟ ହରାଇ ବିପର୍ଯ୍ୟୟର ଶିକାର ହୋଇଥିଲା। ଗତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରୀଲଙ୍କା ଭଲ ଆରମ୍ଭ କରି ୩ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ତେବେ ଶେଷରେ ୨୪୭ ରନରେ ଅଲଆଉଟ ହୋଇଥିଲା।

## ୱିଲିୟମସନଙ୍କ ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ

ବର୍ମିଂହାମ,୨୦।୬(ପି.ଟି.)

ଏଠାରେ ଖେଳାଯାଇଥିବା ବିଶ୍ୱକପ ମ୍ୟାଚ୍‌ରେ ଅଧିନାୟକ କେନ ୱିଲିୟମସନଙ୍କ ଅପରାଜିତ ଶତକ ବଳରେ ନ୍ୟୁଜିଲାଣ୍ଡ ୪ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। କିନ୍ତୁ ୱିଲିୟମସନଙ୍କ ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଖେଳାଳି ପଲ ଆଡାମ୍ସ। ୱିଲିୟମସନଙ୍କ ଶତକୀୟ ଇନିଂସ ଅବସରରେ ୩୮ତମ ଓଭରରେ ଉଇକେଟକିପର କ୍ୱିଣ୍ଟନ ଡି'କକ୍‌ଙ୍କ ହାତରେ କ୍ୟାଚ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକୀୟ ଖେଳାଳିଙ୍କ ଅପିଲ ସତ୍ତ୍ୱେ ଏହାକୁ ଅମ୍ପାୟର ଆଉଟ ଦେଇ ନ ଥିଲେ। ଦଳ ନିକଟରେ ରିଭ୍ୟୁ ବାକି ଥିଲା। ହେଲେ ରିଭ୍ୟୁ ବ୍ୟବହାର କରାଯାଇ ନ ଥିଲା। ପରେ ରିପ୍ଲେରେ ବଲ ବ୍ୟାଟ୍‌ରେ ବାଜିଥିବା ଜଣାପଡ଼ିଥିଲା। ୱିଲିୟମସନ କାହିଁକି ନିଜ ଆଡୁ ପାଭିଲିଅନ ଫେରି ଗଲେ ନାହିଁ ବୋଲି ଆଡାମ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଆମେ ଜାଣି ନ ଥିଲୁ। ସେତେବେଳେ ମୁଁ ଲଙ୍ଗ ଅନ ଅଞ୍ଚଳରେ ଥିଲି। କ୍ୟାଚ ବେଳେ କେବଳ ଡି'କକ୍ ହିଁ ନିକଟରେ ଥିଲେ। ତାଙ୍କ ନିଷ୍ପତ୍ତିକୁ ଭରସା କରିଥିଲି ବୋଲି ଡୁ'ପ୍ଲେସି ମ୍ୟାଚ ପରେ କହିଛନ୍ତି।

## ଆଘାତ ସମସ୍ୟାରୁ ବାଦ୍

ଆଇସିସି ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣର ଗ୍ରୁପ୍ ପର୍ଯ୍ୟାୟ ଆଗେଇ ଚାଲିଛି। ପ୍ରତ୍ୟେକ ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ ଜୋର୍‌ଦାର ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ବିଶ୍ୱକପ୍ ଯେତେ ଆଗେଇ ଚାଲିଛି ଆଘାତଜନିତ ସମସ୍ୟା ପ୍ରତ୍ୟେକ ଟିମ୍ ପାଇଁ ସେତିକି ଚିନ୍ତାର କାରଣ ପାଲଟିଛି। ଆହତ ସମସ୍ୟା ଲାଗି କେତୋଟି ଦଳ ସେମାନଙ୍କ ପ୍ରମୁଖ ଖେଳାଳିଙ୍କୁ ହରାଇବାର ନଜର ସାମ୍ନାକୁ ଆସିଛି। ଏହିକ୍ରମରେ ସଦ୍ୟତମ ଖେଳାଳି ଭାବେ ଭାରତୀୟ ଦଳର ଇନ୍‌ଫର୍ମ ଓପନର୍ ଶିଖର ଧାୱନ ବିଶ୍ୱକପ୍ ଅଧାରୁ ବାଦ୍ ପଡ଼ିଛନ୍ତି। ଚଳିତ ବିଶ୍ୱକପ୍‌ରେ ଆହତ ସମସ୍ୟା ଲାଗି ବାଦ୍ ପଡ଼ିଥିବା କିଛି ଖେଳାଳିଙ୍କ ଉପରେ ନଜର ପକାଇବା...





### ଶିଖର ଧାୱନ (ଭାରତ)

ସଦ୍ୟତମ ଖେଳାଳିଭାବେ ଭାରତୀୟ ଦଳର ଷ୍ଟାର୍ ଓପନର ଶିଖର ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ବିଶ୍ୱକପ୍ ପୂର୍ବରୁ ଧାୱନଙ୍କ ଫର୍ମକୁ ନେଇ ଦଳ ଚିନ୍ତାରେ ରହିଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରେ ସେ ନିଜର ଚମକ ଛାଡ଼ିବାରେ ସଫଳ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ୮ ରନ କରି ନିରାଶ କରିଥିବା ଧାୱନ କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ୧୦୯ ବଲରୁ ୧୧୭ ରନର ଦର୍ଶନୀୟ ଇନିଂସ ଖେଳିବା ସହ ଏହି ମ୍ୟାଚ୍‌ରେ ଭାରତକୁ ୩୬ ରନରେ ବିଜୟୀ କରାଇବାରେ ଧାୱନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ଶତକୀୟ ଇନିଂସ ଅବସରରେ ଏକ ବାଉନ୍ସର ବଲ୍ ବାଜି ତାଙ୍କ ହାତ ଆଙ୍ଗୁଠି ଭାଙ୍ଗି ଯାଇଥିଲା। ଏହାପରେ ସେ ପାକିସ୍ତାନ ବିପକ୍ଷ ମ୍ୟାଚ୍ ଓ ପରେ ପୁରା ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିଲେ।

### ଡେଲ୍ ଷ୍ଟେଇନ୍ (ଦକ୍ଷିଣ ଆଫ୍ରିକା)

ଆଘାତଜନିତ ସମସ୍ୟା ଲାଗି ବିଶ୍ୱକପ୍ ଅଧାରୁ ବାଦ୍ ପଡ଼ିଥିବା ଆଉ ଜଣେ ପ୍ରମୁଖ ଖେଳାଳି ହେଲେ ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍। ଦକ୍ଷିଣ ଆଫ୍ରିକା ପାଇଁ ଷ୍ଟେଇନ୍ ବିଶ୍ୱକପ୍‌ରେ ଜଣେ ପ୍ରମୁଖ ଅସ୍ତ୍ର ହେବେ ବୋଲି ଆଶା କରାଯାଇଥିଲା। କିନ୍ତୁ କାନ୍ଧଜନିତ ସମସ୍ୟା ଲାଗି ଶେଷରେ ତାଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା। ବିଶ୍ୱକପ୍‌ରୁ ଠିକ୍ ଏକ ମାସ ପୂର୍ବରୁ ଏହି ଭେଟେରାନ ଦ୍ରୁତ ବୋଲର ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ଯୋଗ ଦେଇଥିଲେ। କିନ୍ତୁ ସମାନ ସମସ୍ୟା ଲାଗି ସେତେବେଳେ ମଧ୍ୟ ସେ ଆଇପିଏଲ୍‌ରୁ ଓହରି ଯାଇଥିଲେ। ଆଘାତ ଥିବା ସତ୍ତ୍ୱେ ସୁସ୍ଥ ହୋଇଯିବା ଆଶା କରି ତାଙ୍କୁ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ସେ କ୍ରିକେଟ୍‌ର ମହାକୁମ୍ଭରେ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ସମର୍ଥ ହୋଇପାରି ନ ଥିଲେ।

### ମହମ୍ମଦ ଶାହଜାଦ (ଆଫଗାନିସ୍ତାନ)



ଆଫଗାନିସ୍ତାନ ଉଇକେଟକିପର ତଥା ଓପନିଂ ବ୍ୟାଟ୍ସମ୍ୟାନ ମହମ୍ମଦ ଶାହଜାଦଙ୍କୁ ଟୁର୍ନାମେଣ୍ଟର ପ୍ରଥମ ୨ଟି ମ୍ୟାଚ୍ ପରେ ବିଶ୍ୱକପ୍‌ରୁ ବାଦ୍ ଦିଆଯାଇଥିଲା। ଆଣ୍ଠୁଜନିତ ସମସ୍ୟା ଲାଗି ସେତେବେଳେ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ ବିଶ୍ୱକପ୍ ମଝିରୁ ଆଫଗାନିସ୍ତାନ ପଠାଇ ଦିଆଯାଇଥିଲା। କିନ୍ତୁ ପରେ ଶାହଜାଦ ନିଜକୁ ସମ୍ପୂର୍ଣ୍ଣ ଫିଟ୍ ଥିବା ଦାବି କରିବା ସହିତ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିବା ଭଳି ଏକ ବିବାଦୀୟ ଅଭିଯୋଗ ଆଣିଥିଲେ।



### ଝେ ରିଚାର୍ଡସନ (ଅଷ୍ଟ୍ରେଲିଆ)

ଆଘାତଜନିତ ସମସ୍ୟାର ଶିକାର ହୋଇଥିବା ଆଉ ଜଣେ କ୍ରିକେଟର ହେଲେ ଅଷ୍ଟ୍ରେଲୀୟ ଯୁବ ଦ୍ରୁତ ବୋଲର ଝେ ରିଚାର୍ଡସନ। ବିଶ୍ୱକପ୍ ପୂର୍ବରୁ ପାକିସ୍ତାନ ବିପକ୍ଷ ସିରିଜରେ ଏହି ଡାହାଣହାତୀ ବୋଲରଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିଥିଲା। ସେତେବେଳେ ସେ ଦମ୍‌ଦାର ଫର୍ମରେ ଥିଲେ। ଭାରତ ବିପକ୍ଷ ସିରିଜରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ବିଶ୍ୱକପ୍ ଲାଗି ଘୋଷିତ ୧୫ ଜଣିଆ ଦଳରେ ସ୍ଥାନ ପାଇଥିଲେ। ଏପରି କି ମ୍ୟାଚ୍‌ବେଳେ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ ଥିଲା। କିନ୍ତୁ ଏହି ଘଟଣା ପରେ ତାଙ୍କୁ ୧୫ ଜଣିଆ ଦଳରୁ ବାଦ୍ ଦିଆଯିବା ସହ ତାଙ୍କ ସ୍ଥାନରେ କେନ୍ ରିଚାର୍ଡସନଙ୍କୁ ଅଷ୍ଟ୍ରେଲିଆ ୧୫ ଜଣିଆ ଦଳରେ ସାମିଲ କରାଯାଇଥିଲା।

### ଏନ୍‌ରିକ୍ ନର୍ଟେଜ (ଦକ୍ଷିଣ ଆଫ୍ରିକା)

ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ପଦାର୍ପଣ କରି ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଏନ୍‌ରିକ ନର୍ଟେଜ ୪ ମ୍ୟାଚ୍‌ରୁ ୮ ଉଇକେଟ୍ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରଭାବୀ ପ୍ରଦର୍ଶନ ଲାଗି ନର୍ଟେଜଙ୍କୁ ଦକ୍ଷିଣ ଆଫ୍ରିକା ୧୫ ଜଣିଆ ବିଶ୍ୱକପ୍ ଦଳ ସମେତ ଆଇପିଏଲରେ କୋଲକାତା ନାଇଟ୍ ରାଇଡର୍ସ ଦଳରେ ସ୍ଥାନ ମିଳିଥିଲା। କିନ୍ତୁ ହାତରେ ଫ୍ୟାକ୍ଚର ଯୋଗୁ ଶେଷରେ ତାଙ୍କୁ ଉଭୟ ବିଶ୍ୱକପ୍ ଓ ଆଇପିଏଲ୍‌ରୁ ବାଦ୍ ଦିଆଯାଇଥିଲା। ନର୍ଟେଜଙ୍କ ବଦଳ ଖେଳାଳି ଭାବେ ଅଲ୍‌ରାଉଣ୍ଡର କ୍ରିସ୍ ମୋରିସ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରେ ସ୍ଥାନ ପାଇ ଲଣ୍ଡନ ଗସ୍ତ କରିଥିଲେ। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲେ ମଧ୍ୟ ମୋରିସ ସଫଳ ସାବ୍ୟସ୍ତ ହୋଇଛନ୍ତି।



## ସଂକ୍ଷେପରେ

### କଟା ହାତ ସତ୍ତ୍ୱେ ଫୁଟ୍‌ବଲକୁ ଫେରିଲେ ହ୍ୱିରେକ୍ୱି

ହରାରେ, ୨୦।୬ (ଏଏଫ୍‌ପି)-ହାତ କଟି ଯାଇଥିଲେ ମଧ ଫୁଟ୍‌ବଲ ପଡ଼ିଆକୁ ଫେରିଛନ୍ତି ଜିମ୍ବାୱେର ଜଣେ ଖେଳାଳି ହାର୍ଡଲାଇଫ୍ ହ୍ୱିରେକ୍ୱି। ଜିମ୍ବାୱେ ଫୁଟ୍‌ବଲ ଦଳର ଜଣେ ନିୟମିତ ସଦସ୍ୟ ହେଉଛନ୍ତି ହ୍ୱିରେକ୍ୱି। ଗତବର୍ଷ ଏକ କାର୍ ଦୁର୍ଘଟଣାରେ ତାଙ୍କ ହାତ କଟି ଯାଇଥିଲା। ଦୃଢ଼ମନା, ସଂକଳ୍ପ, କଠିନ ପରିଶ୍ରମ ଓ ଅଭ୍ୟାସ ବଳରେ ସେ ପୁଣି ପଡ଼ିଆକୁ ଫେରିବାରେ ସଫଳ ହୋଇଛନ୍ତି। ଖବର ଅନୁସାରେ ସମ୍ମୁଖ ଭାଗରୁ ଆସୁଥିବା ଦ୍ରୁତ ବେଗରେ ଆସୁଥିବା ଏକ ଗାଡ଼ି ସହିତ ଧକ୍କାକୁ ଏଡାଇବାକୁ ଯାଇ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ଏକ ଗଛ ସହିତ ଯାଇ ପିଟି ହୋଇଯାଇଥିଲା। ଯେଉଁଥିରେ ତାଙ୍କ ବାମ ହାତର ଏକ ଅଂଶ କଟି ଯାଇଥିଲା। ହ୍ୱିରେକ୍ୱି କହିଛନ୍ତି, ଅଧିକାଂଶ ମନେ କରିଥିଲେ ମୋର କ୍ୟାରିୟରର ପରିସମାପ୍ତି ଘଟିଲା। ମାତ୍ର ମୁଁ ଏଥିରେ ବିଚଳିତ ନ ହୋଇ ମୋ ପ୍ରିୟ ଖେଳକୁ କିପରି ପ୍ରତ୍ୟାବର୍ତ୍ତନ କରିବି ସେ ନେଇ ପ୍ରଚେଷ୍ଟା କରିଥିଲି। ଇଜିପ୍ଟରେ ଆଫ୍ରିକା କପ୍ ଅଫ୍ ନେଶନ୍ସ ଟୁର୍ନାମେଣ୍ଟରେ ମୁଁ ପୂର୍ବତନ ଟିମ୍‌ମେଟ୍‌ଙ୍କ ଖେଳ ଉପରେ ନଜର ରଖିଥିଲି। ଅଙ୍ଗ ହରାଇବା ପରେ ନୂଆ ତରିକାରେ କିପରି ଖେଳିବାକୁ ହେବ ମୋତେ ଶିଖିବାକୁ ହୋଇଥିଲା। ଫୁଟ୍‌ବଲ ଏପରି ଏକ ଖେଳ ଯେଉଁଥିରେ ଦୁଇ ହାତ ସନ୍ତୁଳନ ରକ୍ଷା କରିବାକୁ ପଡ଼ିଥାଏ। ବାଲାନ୍ସ ବ୍ୟତୀତ, ବଲ୍ ଟ୍ୟାକଲ କରିବା ଏବଂ ତଳେ କିପରି ସୁରକ୍ଷିତ ଭାବେ ପଡ଼ିବାକୁ ହେବ ଏସବୁ ଶିଖିବା ଲାଗି ମୋତେ ୫ ମାସ ସମୟ ଲାଗିଗଲା। ନୂଆ ରୂପରେ ଖେଳିବା କୌଶଳ ହାସଲ କରିବା କ୍ଷେତ୍ରରେ ଡାକ୍ତର, ଫିଜିଓଥେରାପିଷ୍ଟ ଏବଂ ଫିଟ୍‌ନେସ ଟ୍ରେନରମାନଙ୍କ ଯଥେଷ୍ଟ ଅବଦାନ ରହିଛି ବୋଲି ସେ କହିଛନ୍ତି।

### ପଏଣ୍ଟ ଖାତା ଖୋଲିଲା ଆର୍ଜେଣ୍ଟିନା

ବେଲୋ ହରାଇଜଣ୍ଟ,୨୦।୬(ଏଏଫ୍‌ପି)- ଚଳିତ କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟରେ ଆର୍ଜେଣ୍ଟିନା ପଏଣ୍ଟ ଖାତା ଖୋଲିବାକୁ ସକ୍ଷମ ହୋଇଛି। ପ୍ରଥମ ମ୍ୟାଚରେ କଲମ୍ବିଆଠାରୁ ପରାଜୟ ବରଣ କରିଥିବା ଆର୍ଜେଣ୍ଟିନା ଏଠାରେ ଖେଳାଯାଇଥିବା ପାରାଗୁଏ ବିପକ୍ଷ ମ୍ୟାଚକୁ ୧-୧ ଗୋଲରେ ଅମୀମାଂସିତ ରଖି ଏକ ପଏଣ୍ଟ ହାସଲ କରିଛି। ପାରାଗୁଏ ପାଇଁ ରିଚାର୍ଡ ସାଞ୍ଚେଜ (୩୭ତମ ମିନିଟ) ଗୋଲ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ପାରାଗୁଏ ୧-୦ ଗୋଲର ଅଗ୍ରଣୀ ହାସଲ କରିଥିଲା। ଜବାବରେ ଆର୍ଜେଣ୍ଟିନାକୁ ୫୭ତମ ମିନିଟ୍‌ରେ ପେନାଲ୍ଟି ମିଳିଥିଲା, ଯାହାକୁ ଷ୍ଟାର ଲିଓନେଲ ମେସି ସ୍କୋର କରିଥିଲେ। ଗୋଲକିପର ଫ୍ରାଙ୍କୋ ଅର୍ମାନି ଏକ ନିଶ୍ଚିତ ଗୋଲ ସେଭ ଯୋଗୁ ଦଳ ପଏଣ୍ଟ ଖାତା ଖୋଲିବାକୁ ସକ୍ଷମ ହୋଇଛି। ଆର୍ଜେଣ୍ଟିନା ୨ ମ୍ୟାଚରୁ ଏକ ପଏଣ୍ଟ ସହ ଗ୍ରୁପ ବି'ର ଅନ୍ତିମ ସ୍ଥାନରେ ରହିଛି। ଦଳକୁ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବାକୁ ହେଲେ ଅନ୍ତିମ ମ୍ୟାଚ୍‌ରେ କାତାରକୁ ନିଶ୍ଚିତ ହରାଇବାକୁ ପଡ଼ିବ।

### ମହିଳା ଫିଫା ବିଶ୍ୱକପ
### ସ୍କଟଲାଣ୍ଡକୁ ବିଦାକଲା ଆର୍ଜେଣ୍ଟିନା

ପ୍ୟାରିସ,୨୦।୬(ଏଏଫ୍‌ପି)- ଚଳିତ ମହିଳା ଫିଫା ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଗ୍ରୁପ ଡି'ର ଏକ ରୋମାଞ୍ଚକ ମ୍ୟାଚ ଡ୍ର' ସହ ଶେଷ ହୋଇଛି। ମ୍ୟାଚର ୭୪ ମିନିଟ ପର୍ଯ୍ୟନ୍ତ ୩-୦ ଗୋଲରେ ପଛୁଆ ଥିବା ପରେ ମଧ ଆର୍ଜେଣ୍ଟିନା ମ୍ୟାଚକୁ ଫେରିବା ସହ ଏକ ପଏଣ୍ଟ ଅର୍ଜନ କରିପାରିଛି। ଏଥିଯୋଗୁ ୩ ମ୍ୟାଚରୁ ଦୁଇ ପଏଣ୍ଟ ପାଇଥିବା ଆର୍ଜେଣ୍ଟିନା ଦଳର ନକଆଉଟ ରାଉଣ୍ଡକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରହିଛି। ଅନ୍ୟପକ୍ଷରେ ସ୍କଟଲାଣ୍ଡର ବିଶ୍ୱକପ ଅଭିଯାନ ଶେଷ ହୋଇଛି। ସ୍କଟଲାଣ୍ଡ ଦଳ ଲାଗି କିମ ଲିଟଲ (୧୯ତମ ମିନିଟ), ଜେନିଫର ବ୍ରେଟି (୪୯ତମ) ଓ ଇରିନ କର୍ଥବ୍ରଟ (୬୯ତମ) ଗୋଲ ଦେଇଥିଲେ। ଜବାବରେ ଆର୍ଜେଣ୍ଟିନାକୁ ମିଲାଗ୍ରସ ମେନେଣ୍ଡେଜ (୭୪ତମ) ପ୍ରଥମ ସଫଳତା ଆଣିଦେଇଥିଲେ। ଲି ଆଲେକ୍ସଜାଣ୍ଡର (୭୯ତମ) ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ଶେଷରେ ଅତିରିକ୍ତ ସମୟରେ ମିଳିଥିବା ପେନାଲ୍ଟିକୁ ଫ୍ଲୋରେନ୍ସିଆ ବନ୍ସେଗୁଣ୍ଡୋ ଗୋଲରେ ପରିଣତ କରିଥିଲେ। ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିବାରୁ ଏପର୍ଯ୍ୟନ୍ତ ଗ୍ରୁପ ପର୍ଯ୍ୟାୟରେ ବିଜୟ ସ୍ୱାଦ ଚାଖିପାରି ନ ଥିବା ନ୍ୟୁଜିଲାଣ୍ଡ, ଚିଲି, ଚାଇନା, କାମେରୁନ ଓ ଥାଇଲାଣ୍ଡ ଦଳର ପ୍ରିକ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବାର ବାଟ ଫିଟିଛି।

# ଅଭ୍ୟାସ ବେଳେ ବିଜୟ ଶଙ୍କର ଆହତ

ସାଉଥାମ୍ପଟନ,୨୦।୬(ପି.ଟି.)

ଟିମ୍ ଇଣ୍ଡିଆର ଆଘାତ ସମସ୍ୟା ବଢ଼ିବାରେ ଲାଗିଛି। ଏହାର ସଦ୍ୟତମ ଶିକାର ହୋଇଛନ୍ତି ଅଲରାଉଣ୍ଡର ବିଜୟ ଶଙ୍କର। ବୁଧବାର ଅଭ୍ୟାସ ଅବସରରେ ସେ ଆହତ ହୋଇଛନ୍ତି। ବର୍ଷା ପ୍ରଭାବିତ ଏହି ଅଭ୍ୟାସ ସେସନରେ ବ୍ୟାଟିଂ କରୁଥିବା ବେଳେ ଯଶପ୍ରୀତ ବୁମ୍‌ରାଙ୍କ ୟର୍କର ତାଙ୍କ ଗୋଡ ଆଙ୍ଗୁଠିରେ ବାଜିଥିଲା। ଫଳରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ଶେଷରେ ତାଙ୍କୁ ଟ୍ରେନିଂ ଛାଡିବାକୁ ପଡିଥିଲା। ତେବେ ଏଥିରେ କୌଣସି ବ୍ୟସ୍ତ ହେବାର ନାହିଁ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ବିଜୟ ଯନ୍ତ୍ରଣା ଅନୁଭବ କରିଥିଲେ ମଧ ସେଭଳି କିଛି ବିପଦ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଗୁରୁବାର ଶଙ୍କର ସ୍ଲିପର ପିନ୍ଧି ସାମାନ୍ୟ ଛୋଟୋଉ ଥିବାର ଲକ୍ଷ୍ୟ କରାଯାଇଥିଲା। ଏହା ପରେ ଅବଶ୍ୟ ସେ ଜଗିଂ କରିବାର ଦେଖାଯାଇଥିଲା। ସେ ମଧ କୋତେଟି ଅତ୍ୟାବଶ୍ୟକୀୟ ବ୍ୟାୟାମ କରିଥିଲେ। ତେବେ ଅନ୍ୟ ଭାରତୀୟ ଖେଳାଳିମାନେ ଫିଲ୍ଡିଂ ଅଭ୍ୟାସ କରିବା ସହ ନେଟ୍ ସେସନରେ ଭାଗ ନେଇଥିଲେ। ଭାରତୀୟ ବ୍ୟାଟିଂ ଲାଇନର ଚତୁର୍ଥ ନମ୍ବର ବ୍ୟାଟ୍ସମ୍ୟାନ ଭାବେ ଶଙ୍କର ବିବେଚିତ ହେଉଛନ୍ତି। ସେ ମଧ ଭଲ ମିଡିୟମ ପେସ୍ ବୋଲିଂ କରିଥାନ୍ତି। ଗତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଶଙ୍କର ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ସମେତ ୨ଟି ଉଇକେଟ ଅକ୍ତିଆର କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଉଲ୍ଲେଖଥାଉ କି, ପୂର୍ବରୁ ତାରକା ତଥା ଅଭିଜ୍ଞ ଓପନର ଶିଖର ଧାୱନ ବୁଢା ଆଙ୍ଗୁଠି ଭାଙ୍ଗିବା କାରଣରୁ ବିଶ୍ୱକପ୍‌ରୁ ବାଦ୍ ପଡିସାରିଛନ୍ତି। ସେହିପରି ଦ୍ରୁତ ବୋଲର ଭୁବନେଶ୍ୱର କୁମାର ମଧ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ଦୁଇଟି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ଏବେ ଶଙ୍କର ଆହତ ହେବା ପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ିଯାଇଛି। ଭୁବନେଶ୍ୱର ୮ ଦିନ ବୋଲିଂ କରିପାରିବେ ନାହିଁ। ବର୍ମିଂହାମ୍‌ରେ ଜୁନ୍ ୩୦ରେ ଖେଳାଯିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ଖେଳିବାକୁ ସେ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି। ଟୁର୍ନାମେଣ୍ଟର ଅନ୍ତିମ ଭାଗରେ ଭୁବନେଶ୍ୱର ଫିଟ୍ ହେବା ନେଇ ଟିମ୍ ମ୍ୟାନେଜମେଣ୍ଟ ବିଶ୍ୱାସ ପ୍ରକଟ କରିଛି। ବିଶ୍ୱକପ୍‌ରେ ଭୁବନେଶ୍ୱର ପୁଣି ସାମିଲ ହେବା ନେଇ ଆଶାକ୍ଷୀଣ ବୋଲି କୁହାଯାଇଛି। ସେ ଚଲାବୁଲା କରିବା ସହ ଜଗିଂ କରୁଥିବାର ଲକ୍ଷ୍ୟ କରାଯାଇଛି। ତେବେ ସେ ନେଟ୍ ସେସନରେ ଭାଗ ନେଇ ନ ଥିଲେ। ଷ୍ଟାଣ୍ଡବାଇ ଦ୍ରୁତ ବୋଲରଭାବେ ଖଲିଲ ଅହମ୍ମଦ ଦଳ ସହିତ ରହିଛନ୍ତି। ସେଭଳି ଖରାପ୍ ପରିସ୍ଥିତି ସୃଷ୍ଟି ହୁଏ ଓ ଯଦି ଭୁବନେଶ୍ୱର ଫିଟ୍ ନ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡନ୍ତି ତାହେଲେ ଅଭିଜ୍ଞ ଇଶାନ୍ତ ଶର୍ମାଙ୍କୁ ଦଳରେ ସାମିଲ କରାଯାଇପାରେ। କାରଣ ଇଶାନ୍ତ ତାଲିକାରେ ରହିଛନ୍ତି। ବିଶ୍ୱକପ୍‌ରେ ଆଘାତ ସମସ୍ୟା କେବଳ ଭାରତ ନୁହଁ ଅନ୍ୟ ଦଳଗୁଡିକ ପାଇଁ ମଧ ଚିନ୍ତା ସୃଷ୍ଟି କରିଛି।


ବିଜୟ ଶଙ୍କର

## ପିଚ୍ ତୁମକୁ ମିସ୍ କରିବ:ମୋଦି

ନୂଆଦିଲ୍ଲୀ,୨୦।୬(ପି.ଟି.)
ଅଭିଜ୍ଞ ଓପନର ଶିଖର ଧାୱନ ଇଞ୍ଜୁରି କାରଣରୁ ଭାରତୀୟ ବିଶ୍ୱକପ୍ ଦଳରୁ ବାଦ ପଡିଛନ୍ତି। ଫଳରେ ଭାରତର ବିଶ୍ୱକପ୍ ଅଭିଯାନକୁ ଜବରଦସ୍ତ ଝଟ୍‌କା ଲାଗିଛି। ଧାୱନ ମଧ ଏଥିରେ ନିରାଶ ହୋଇଛନ୍ତି। ଏଥିପାଇଁ ତାଙ୍କୁ ସବୁଆଡୁ ସମବେଦନାର ଶୁଅ ଛୁଟିଛି। ଏଥିରେ ଏବେ ସାମିଲ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଧାୱନଙ୍କୁ ସାନ୍ତ୍ୱନା ଦେଇ ଉଲ୍ଲେଖ କରିଛନ୍ତି ଯେ, 'ପିଚ୍ ତୁମକୁ ମିସ୍ କରିବ ଓ ଏଥିରେ କୌଣସି ସନ୍ଦେହ ନାହିଁ'। ଗତ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଅବସରରେ ସେ ଆହତ ହୋଇଥିଲେ। କ୍ରିକେଟ ପଡିଆରେ ଆମେ ତୁମର ଅନୁପସ୍ଥିତି ଅନୁଭବ କରିବୁ। ଖୁବଶୀଘ୍ର ସୁସ୍ଥ ହୋଇ ତୁବେ ପୁଣି କ୍ରିକେଟ ଫିଲ୍ଡକୁ ପ୍ରତ୍ୟାବର୍ତ୍ତନ କର ଓ ଦେଶକୁ ଅଧିକରୁ ଅଧିକ ମ୍ୟାଚ୍‌ରେ ବିଜୟୀ କରାଅ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଆଉ କୌଣସି ବିଶ୍ୱକପ୍ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ଧାୱନ ଦେଇଥିବା ମେସେଜକୁ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ ଏହି ଟୁଇଟ୍ କରିଛନ୍ତି। ଧାୱନଙ୍କ ବଦଳ ଖେଳାଳିଭାବେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଧାୱନଙ୍କୁ ବହୁ ପୂର୍ବତନ ଓ ଏବେକାର କ୍ରିକେଟର ଏଥିପାଇଁ ସନ୍ତ୍ୱନା ଜଣାଇଛନ୍ତି ଓ ଶୀଘ୍ର ଫିଟ୍ ହୋଇ ପୁଣି ପଡିଆକୁ ଫେରିବା ନେଇ ଆଶାପ୍ରକାଶ କରିଛନ୍ତି।

ଜନ୍ମଦିନ ଶୁଭେଚ୍ଛା

(ସାନ୍)
କୃଷ୍ଣ ପ୍ରସାଦ ପରିଡ଼ା
କୁଲିନ୍ଦ, ମହାଜନପୁର, କଟକ
ଆଜି ଇଂରାଜୀ ମାସ ଜୁନ୍ ୨୧ ତାରିଖରେ କୃଷ୍ଣ ପ୍ରସାଦ ପରିଡ଼ା (ସାନ୍)ର ୧୪ତମ ଜନ୍ମଦିନ ଉପଲକ୍ଷେ ପରିବାର ଓ ବନ୍ଧୁବାନ୍ଧବଙ୍କ ତରଫରୁ ଅଭିନନ୍ଦନ ଓ ଆଶିର୍ବାଦ।
ଧ-୧୩୦୬୭

## ଜିମ୍ବାୱେକୁ ହରାଇଲା ନେଦରଲାଣ୍ଡ୍ସ

ଡେଭେଣ୍ଟର (ନେଦରଲାଣ୍ଡ୍ସ), ୨୦।୬
ନେଦରଲାଣ୍ଡ୍ସ ଗସ୍ତରେ ଯାଇଥିବା ଜିମ୍ବାୱେ କ୍ରିକେଟ୍ ଦଳକୁ ପରାଜୟରୁ ଅଭିଯାନ ଆରମ୍ଭ କରିବାକୁ ପଡ଼ିଛି। ଘରୋଇ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଜିମ୍ବାୱେ ଡି/ଏଲ୍ ପଦ୍ଧତିରେ ୭ ଉଇକେଟ୍‌ରେ ପରାଜୟବରଣ କରିଛି। ବର୍ଷା ବାଧାପ୍ରାପ୍ତ ହେବାକୁ ମ୍ୟାଚ୍‌କୁ ୪୭ ଓଭର ବିଶିଷ୍ଟ କରାଯାଇଥିବାବେଳେ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୮ ଉଇକେଟ୍ ହରାଇ ୨୦୫ ରନ କରିଥିଲା। ବ୍ରେଣ୍ଡନ ଟେଲର ସର୍ବାଧିକ ୭୧ ରନ କରିଥିଲେ। ଜବାବରେ ନେଦରଲାଣ୍ଡ୍ସ ୪୨.୫ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ମାକ୍ସ ଓଡୋଓଡ୍ ୮୬ ଓ ୱେସଲୀ ବାରେସି ୩୯ ରନ୍ କରି ଅପରାଜିତ ରହିଥିଲେ।

## ବ୍ରହ୍ମପୁରର ୩ ଝିଅଙ୍କ ସଫଳତା


ପଦକ ହାସଲ କରିଥିବା ଖେଳାଳିମାନେ ।

ଅନ୍ତର୍ଜାତୀୟ ଟାଏକୋଣ୍ଡୋ

ବ୍ରହ୍ମପୁର ଅଫିସ୍,୨୦।୬
ହାଇଦ୍ରାବାଦର ଗୋଛିବୋୱଲି ଷ୍ଟାଡିୟମ୍‌ରେ ୧୧ରୁ ୧୬ଜୁନ୍ ମଧ୍ୟରେ ଦ୍ୱିତୀୟ ଇଣ୍ଡିଆ ଓପନ୍ ଇଣ୍ଟରନ୍ୟାଶନାଲ୍ ଟାଏକୋଣ୍ଡୋ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁରସ୍ଥିତ ଜାଗୁଆର୍ ଏକାଡ଼େମୀ ଅଫ୍ ମାର୍ଶଲ୍ ଆର୍ଟସ ଏବଂ ସେଲ୍‌ଫ ଡିଫେନ୍ସ(ଜାମ୍‌ସ)ର ୫ଜଣ ଭାରତ ଦଳରେ ସାମିଲ୍ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ପଦକ ହାସଲ କରିଛନ୍ତି। ୬୮ କିଲୋ ଓଜନ ବର୍ଗର ସ୍ନେହାଶ୍ରୀ ନାୟକ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୫୯ ଓ ୪୯ କିଲୋ ଓଜନ ବର୍ଗରେ ଯଥାକ୍ରମେ ଶ୍ୱେତା ମହାପାତ୍ର ଏବଂ ଦୀପ୍ତି ପ୍ରଧାନ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଖେଳାଳିମାନେ କୋଚ୍ ଅମ୍ବିକା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ତାଲିମ ନେଉଥିଲେ। କୋଚ୍ ଅମ୍ବିକା ନିଜେ ଏହି ପ୍ରତିଯୋଗିତାରେ ଅନ୍ତର୍ଜାତିକ ପ୍ରଶିକ୍ଷକ ଲାଇସେନ୍ସ କୋର୍ସରେ ଉତୀର୍ଣ୍ଣ ହୋଇଥିଲେ।

## ପ୍ରଣତୀ ଭଲ୍ଟ ଫାଇନାଲରେ

ନୂଆଦିଲ୍ଲୀ, ୨୦।୬ (ପି.ଟି.)

ମଙ୍ଗୋଲିଆର ଉଲାନବାଟାରଠାରେ ଚାଲିଥିବା ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭାରତର ପ୍ରଣତୀ ନାୟକ ୧୩.୩୫ ସ୍କୋର ସହ ୬ଷ୍ଠ ସ୍ଥାନ ଅଧିକାର କରି ଭଲ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗରେ ରାକେଶ କୁମାର ପାତ୍ର ରିଙ୍ଗ୍ସରେ ଭଲ ପ୍ରଦର୍ଶନ କରିଥିଲେ ସୁଦ୍ଧା ୧୩.୬୦ ସ୍କୋର କରି ୧୦ମ ହୋଇଥିଲେ। ପ୍ରଣତୀ ନାୟକ, ପ୍ରଣତୀ ଦାସ, ଶ୍ରଦ୍ଧା ତାଲେକର ଓ ପାପିୟା ଦାସଙ୍କୁ ନେଇ ମହିଳା ଦଳ କ୍ୱାଲିଫିକେଶନ ଓ ଫାଇନାଲ ପ୍ରତିଯୋଗିତାରେ ମୋଟ ୧୩୧.୨୫୦ ସ୍କୋର କରିଛନ୍ତି। ସେହିପରି ରାକେଶ କୁମାର ପାତ୍ର, ଯୋଗେଶ୍ୱର ସିଂ, ଆରିକ୍ ଦେ ଏବଂ ଦେବାଙ୍ଗ ଦେ'ଙ୍କୁ ନେଇ ପୁରୁଷ ଦଳ ମୋଟ ୨୨୯.୬୯୯ ପଏଣ୍ଟ ସ୍କୋର କରିଛନ୍ତି।

## ମହସିନଙ୍କ ସ୍ଥାନରେ ଆକ୍ରମ ହେବେ ଚେୟାରମ୍ୟାନ

କରାଚୀ, ୨୦।୬ (ପି.ଟି.)

ପୂର୍ବତନ ଟେଷ୍ଟ କ୍ରିକେଟର ମହସିନ ଖାଁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) କ୍ରିକେଟ କମିଟି ଚେୟାରମ୍ୟାନ ପଦବୀରୁ ଓହରିଯାଇଛନ୍ତି। ବୋର୍ଡର ପରିଚାଳନା ନିର୍ଦ୍ଦେଶକ ୱାସିମ ଆକ୍ରମ କମିଟିର ନୂତନ ମୁଖ୍ୟ ହେବେ। କ୍ରିକେଟ କମିଟିରୁ ତାଙ୍କୁ ଅବ୍ୟାହତି ଦେବା ଲାଗି ମହସିନ ପିସିବି ଚେୟାରମ୍ୟାନ ଏହେସାନ ମନିଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, କ୍ରିକେଟ କମିଟି ପାକିସ୍ତାନ ଦଳ ଏବଂ ଏହା ସହଯୋଗୀ ଷ୍ଟାଫଙ୍କ ଗତ ୩ ବର୍ଷର ପ୍ରଦର୍ଶନକୁ ସମୀକ୍ଷା କରିବ ବୋଲି ବୁଧବାର ପିସିବି ଘୋଷଣା କରିଥିଲା। ଗୁରୁବାର ପିସିବି ବୋର୍ଡ ଅଫ୍ ଗଭର୍ନର୍ସ ବୈଠକ ବସିଥିଲା। ଏଥିରେ ସମ୍ବିଧାନ ସଂଶୋଧନ କରାଯାଇ ପରିଚାଳନା ନିର୍ଦ୍ଦେଶକଙ୍କ କ୍ଷମତା ପରିସରକୁ ବୃଦ୍ଧି କରାଯାଇଥିଲା। ଏହେସାନ ମନି କହିଛନ୍ତି ମହସିନଙ୍କ ଭଳି ଜଣେ ବ୍ୟକ୍ତିଙ୍କୁ ଆମେ ଛାଡ଼ିବାକୁ ଚାହୁଁନା, କିନ୍ତୁ ତାଙ୍କ ନିଷ୍ପତ୍ତିକୁ ଆମେ ସମ୍ମାନ ଦେବାକୁ ଚାହୁଁ। ଅନ୍ୟପକ୍ଷରେ ମହସିନ କହିଛନ୍ତି, ପାକିସ୍ତାନ କ୍ରିକେଟ ପାଇଁ କାର୍ଯ୍ୟକରିବା ଲାଗି ମୁଁ ସବୁବେଳେ ଉପଲବ୍ଧ। ମୋ ଅତୀତ ରେକର୍ଡ ଭିତ୍ତିରେ ଉପଯୁକ୍ତ ପଦବୀ ମିଳିଲେ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ। ମହସିନ କ୍ରିକେଟ କମିଟିରୁ ଓହରିଯିବା ଅର୍ଥ ବିଶ୍ୱକପ୍ ପରେ ତାଙ୍କୁ ଏକ ଗୁରୁଦାୟିତ୍ୱ ପ୍ରଦାନ କରିବା ଲାଗି ବୋର୍ଡ ଯୋଜନା କରୁଥିବା ସ୍ପଷ୍ଟ ସୂଚନା ମିଳୁଛି। ସୂଚନାଯୋଗ୍ୟ, ମହସିନ, ୱାସିମ ଓ ମିସ୍‌ବା ଟେଲିଭିଜନ ଏବଂ ୟୁଟ୍ୟୁବ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ କ୍ରିକେଟ ବିଶେଷଜ୍ଞ ଭାବେ ଅଂଶଗ୍ରହଣ ଚଳିତ ବିଶ୍ୱକପ୍‌ରେ ପାକିସ୍ତାନ ପ୍ରଦର୍ଶନକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ୱାସିମ ନିକଟ ଅତୀତରେ ସ୍ପଷ୍ଟ କରିଥିଲେ ପାକିସ୍ତାନ କ୍ରିକେଟ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଦରକାର। କ୍ରିକେଟ କମିଟି ଠିକଣାରୂପେ କାର୍ଯ୍ୟ କରୁ ନାହିଁ। ଅନ୍ୟପକ୍ଷରେ ବିଶ୍ୱକପ୍ ପରେ ଏହାର ସୁପାରିସ ଚେୟାରମ୍ୟାନ ଏବଂ ବୋର୍ଡ ଅଫ୍ ଗଭର୍ନର୍ସଙ୍କ ନିକଟକୁ ପଠାଇବ ଲାଗି କ୍ରିକେଟ କମିଟିକୁ ପିସିବି ନିର୍ଦ୍ଦେଶ ଦେଇଛି। ଖବର ଅନୁସାରେ ଆଇସିସି ବିଶ୍ୱକପ୍ ପରେ ଅଧିନାୟକ, ଟିମ୍ ମ୍ୟାନେଜମେଣ୍ଟ ଏବଂ ସିଲେକ୍ସନ କମିଟିରେ ପରିବର୍ତ୍ତନ ସହ ଖେଳାଳିମାନଙ୍କ ଲାଗି ନୂଆ ନିୟମ ଲାଗୁ କରାଯିବା ଲାଗି ଯୋଜନା ଚାଲିଛି।

## ଖେଲୋ ଇଣ୍ଡିଆର ହକି କୋଚ୍ କର୍ମଶାଳା ଉଦ୍‌ଯାପିତ


ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ହକି କୋଚ୍‌ମାନେ।

ଭୁବନେଶ୍ୱର, ୨୦।୬(ସ୍ପୋର୍ଟ୍ସ ବ୍ୟୁରୋ)
କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ବ୍ୟାପାର ସ୍କିମ ଖେଲୋ ଇଣ୍ଡିଆ ପକ୍ଷରୁ ହକି କୋଚ୍‌ମାନଙ୍କୁ ନେଇ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ତିନିଦିନିଆ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ କୋଚ୍‌ମାନଙ୍କର କୋଚିଂ ଦକ୍ଷତା ବଢ଼ାଇବା ଲକ୍ଷ୍ୟନେଇ ଗତ ୧୮ରୁ ଖେଲୋ ଇଣ୍ଡିଆ ପକ୍ଷରୁ ଏହି କର୍ମଶାଳା ଆୟୋଜିତ କରାଯାଇଥିଲା। ହକି ଇଣ୍ଡିଆର ଟେକ୍‌ନିକାଲ ସମର୍ଥନରେ ମୁଖ୍ୟତଃ ୩ଟି ବିଭାଗରେ ଏଥିରେ କୋଚ୍‌ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାକୁ ହକି ଇଣ୍ଡିଆର ହାଇପରଫର୍ମାନ୍ସ ଡିରେକ୍ଟର ଡେଭିଡ୍ ଜନ୍ ପରିଚାଳନା କରିଥିଲେ। ପ୍ରଦର୍ଶନର ମାପ, ଖେଳ ବିଜ୍ଞାନର ମୂଲ୍ୟାଙ୍କନ, ଆଘାତଜନିତ ସମସ୍ୟାରୁ ବର୍ତ୍ତିବା, ଫିଟ୍‌ନେସ ଓ ହକି, ଫିଟ୍‌ନେସ ଟେଷ୍ଟ ଓ ପ୍ରୋଟୋକଲ୍ସ, ହକିର କୌଶଳ, ନୂଆ କୌଶଳର ବିକାଶ ଆଦି ବିଷୟ ଉପରେ ଏହି ୩ ଦିନିଆ କର୍ମଶାଳାରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ହକି ଇଣ୍ଡିଆର ଆର୍.କେ. ଶ୍ରୀବାସ୍ତବ, କଟ୍ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ପ୍ରାକ୍ତନ ଭାରତୀୟ ହକି ଅଧିନାୟକ ତଥା ପଦ୍ମଶ୍ରୀ ଦିଲୀପ୍ ତିର୍କୀ, ଦ୍ରୋଣାଚାର୍ଯ୍ୟ ବିଜେତା ଏମ୍.କେ. କୌଶିକ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଏନ୍. ରମେଶ ପ୍ରମୁଖ ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

## ଅରୁଣାଚଳପ୍ରଦେଶକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଝାଡଖଣ୍ଡର ଖେଳାଳିମାନେ।

କଟକ ଅଫିସ,୨୦।୬
ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶେନ (ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ଝାଡ଼ଖଣ୍ଡ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଝାଡ଼ଖଣ୍ଡ ୪-୦ ଗୋଲରେ ଅରୁଣାଚଳପ୍ରଦେଶକୁ ହରାଇ ଦେଇଛି। ଏକତରଫା ଭାବେ ଝାଡ଼ଖଣ୍ଡ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ପ୍ରଥମାର୍ଦ୍ଧର ୧୫ତମ ମିନିଟରେ ସୋନୀ ମୁଣ୍ଡା ଓ ୨୩ତମ ମିନିଟରେ ବାସନ୍ତୀ ଲାକ୍ରା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସୋନୀ ଓ ବାସନ୍ତୀ ଦ୍ୱିତୀୟାର୍ଦ୍ଧରେ ମଧ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ସହଜ ବିଜୟ ପ୍ରଦାନ କରିଛନ୍ତି। ବାସନ୍ତୀ ୫୮ତମ ମିନିଟରେ ଓ ସୋନୀ ୮୫ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଝାଡ଼ଖଣ୍ଡକୁ ୪-୦ ଗୋଲରେ ଏକତରଫା ଭାବେ ବିଜୟୀ କରାଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଆର୍.ପି, ସିଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଉପସଭାପତି ଭକ୍ତ ବଲ୍ଲଭ ଦାସ, ଏଆଇଏଫ୍‌ଏଫ୍‌ର ସହକାରୀ ମ୍ୟାନେଜର ସ୍ୱପ୍ନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଫାଓ ସମ୍ପାଦକ ସଞ୍ଜୟ ବେହେରା ଟୁର୍ନାମେଣ୍ଟକୁ ସଫଳପୂର୍ଣ୍ଣ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ମନେ ପଡ଼ନ୍ତି

1st Death Anniversary

Late Anil Kumar Behura
(BABUNI)
D.O.B- 30.06.1980
D.O.D- 21.06.2018
Nistipur, Banki
From Behura Family Members
D-66147

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ କାଶିନାଥ ସେଠୀ
(ପ୍ଲଟ୍ ନଂ. ୪୪୮/୩, ପଟିଆ, ଭୁବନେଶ୍ୱର)
ଆବିର୍ଭାବ : ୦୧.୦୨.୧୯୪୯
ତିରୋଧାନ : ୧୬.୦୬.୨୦୧୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :
ପତ୍ନୀ : ଚନ୍ଦ୍ରମୁଖୀ, ପୁତ୍ର-ପିଣ୍ଟୁ, ଲିଟୁ,
ପୁତ୍ରବଧୂ : ରାନୁ, ଅମ୍ରିତା, ଝିଅ-ଜାନ୍‌ବି,
ନାତୁଣୀ : ଇସା, ସୋନୁ, ଇଭା ବନ୍ଧୁ ଓ ପରିବାରବର୍ଗ
ଧ-୧୩୦୪୯

ଯୋଗଯୁକ୍ତ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟ
ସର୍ବ ଭୂତାତ୍ମ ଭୂତାତ୍ମା କୁର୍ବନ୍ନପି ନଲିପ୍ୟତେ।

✓ ଦାମୋଦର ରଥ
ଆବିର୍ଭାବ : ୧୨.୦୫.୧୯୩୩
ତିରୋଧାନ : ୨୧.୦୬.୨୦୧୪
ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା। ନିଜେ ଦୁଃଖ ସହି ସମସ୍ତଙ୍କୁ ଆନନ୍ଦ ଦେଇ ଆପଣ ଚିର ନମସ୍ୟ। ସବୁ ପୂର୍ଣ୍ଣତା ଭିତରେ ଏକ ବିରାଟ ଶୂନ୍ୟତା ଆମେ ଉପଲବ୍ଧି କରୁଛୁ। ଆପଣଙ୍କ ଆଦର୍ଶ ଆମର ପ୍ରେରଣା।
ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୬୬୨୪୮

# ସୁସ୍ଥ ପରିବେଶ ସୃଷ୍ଟିରେ ଦୂରହେବ ମ୍ୟାଲେରିଆ

କଣିହାଁ,୨୦।୬(ଡି.ଏନ.ଏ.)



ସଚେତନତା କର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଗୁରୁବାର ମ୍ୟାଲେରିଆ ନିରାକରଣ ମାସ ପାଳିତ ହୋଇଯାଇଛି। କଣିହାଁ ବିଡିଓ ରମେଶ କୁମାର ଜେନା ଏଥିରେ ସଭାପତିତ୍ୱ କରି କହିଲେ, ବ୍ୟାପକ ସଚେତନତା ଓ ସୁସ୍ଥ ପରିବେଶ ଗଠନ ହୋଇପାରିଲେ ମ୍ୟାଲେରିଆ ସମ୍ପୂର୍ଣ୍ଣ ଭାବେ ଦୂର ହୋଇପାରିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ମ୍ୟାଲେରିଆ ବ୍ୟାପିବା ଓ ଏହାର ଚିକିତ୍ସା ପଦ୍ଧତି ଉପରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଅଭୟ କୁମାର ସାମଲ, ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ବେହେରା, ସିଡ଼ିପିଓ ଝୁନୁବାଳା ଦେଇଙ୍କ ସମେତ ବହୁ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ମେଡ଼ିକାଲ ଷ୍ଟାଫ ଅଂଶଗ୍ରହଣ କରିଥିଲେ। ବିପିଏମ ସଞ୍ଜୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନୁଗୋଳରେ ବର୍ଷା, ୨୫କୁ ଖସିଲା ତାପମାତ୍ରା

ଅନୁଗୋଳ ଅଫିସ, ୨୦।୬

ଗୁଳୁଗୁଳି, ଗରମରୁ ତ୍ରାହି ପାଇଛନ୍ତି ଅନୁଗୋଳ ସହରବାସୀ। ଗୁରୁବାର ରାତି ୮ଟାରୁ ଏଠାରେ ଘଡଘଡି ସାଙ୍ଗକୁ ବର୍ଷା ଆରମ୍ଭ ହୋଇଯାଇଥିଲା। ଅଧଘଣ୍ଟାଏ ଧରି ପ୍ରବଳ ମାତ୍ରାରେ ଘଡଘଡି ମାରିଥିଲା। ଏଥିଯୋଗୁ ଲୋକେ ଭୟଭୀତ ହୋଇପଡିଥିଲେ। ରାସ୍ତାରେ ଯାତାୟାତ କରୁଥିବା ଲୋକେ ସୁରକ୍ଷିତ ସ୍ଥାନକୁ ପଳାଇ ଯାଇଥିଲେ। ଏହା ପରେ ଦୀର୍ଘ ସମୟ ଧରି ବର୍ଷା ଲାଗି ରହିଥିଲା। ଏଥିରେ ସେପରି କିଛି କ୍ଷୟକ୍ଷତି ହୋଇ ନ ଥିବା ଖବର ଲେଖା ହେବା ସୁଦ୍ଧା ସୂଚନା ମିଳିଛି। ଅନ୍ୟପକ୍ଷରେ ସକାଳେ ପାରଦ ୩୫.୧ ଡିଗ୍ରୀ ଥିବାବେଳେ ସନ୍ଧ୍ୟାରେ ତାହା ହ୍ରାସ ପାଇ ୨୫ ଡିଗ୍ରୀକୁ ଖସିଥିବା ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପାଣିପାଗ ବିଭାଗରୁ ସୂଚନା ମିଳିଛି। ତେବେ ଗୁରୁବାର ହୋଇଥିବା ବର୍ଷା ପ୍ରାକ୍ ମୌସୁମୀ ବର୍ଷା ନୁହେଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।




# କରୁଣାକର ଅର୍କିଳ ଗ୍ରାମ ସଭାପତି

ଅନୁଗୋଳ ଅଫିସ, ୨୦।୬

ଅନୁଗୋଳ ଜିଲା ତାଳଚେର ବ୍ଲକ ଅର୍କିଳ ଗ୍ରାମର ସଭାପତି ଭାବେ ପୁନର୍ବାର କରୁଣାକର ସାହୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ରଜ ସଂକ୍ରାନ୍ତି ପରଦିନ ଗ୍ରାମବାସୀଙ୍କ ଉପସ୍ଥିତିରେ ତାଙ୍କୁ ମନୋନୀତ କରାଯାଇଥିଲା। ପୂର୍ବତନ ସଭାପତି ଧନେଶ୍ୱର ନାଏକ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ବୈଠକ ଡକାଇଥିଲେ। ପ୍ରଫୁଲ ନାଏକ ସଭାପତିତ୍ୱ କରିଥିବାବେଳେ ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ଗ୍ରାମବାସୀଙ୍କୁ ଦିଆଯାଇଥିଲା। ସୂଚନାଯୋଗ୍ୟ, କରୁଣାକର ୨୦୧୧ରୁ ୨୦୧୭ ପର୍ଯ୍ୟନ୍ତ ଗ୍ରାମ ସଭାପତି ରହିଥିଲେ।




# ୨ ଟ୍ରକ୍ ମଧ୍ୟରେ ଧକ୍କା, ୨ ଆହତ

ବଅଁରପାଳ,୨୦।୬ (ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍କୋ ଥାନା ସିପିପି ଛକ ନିକଟରେ ଗୁରୁବାର ଅପରାହ୍ନରେ ୨ ଟ୍ରକ ମଧ୍ୟରେ ଧକ୍କା ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ସୁଦ୍ଧା ସେମାନଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ